# ସଂଚାର
THE SANCHAR
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 317 | ଭାଗ ୩୨ | ସଂଖ୍ୟା ୩୧୭ | Bhubaneswar | Monday 10 February 2025 | Page 8 Rs. 4.00 | ● ଭୁବନେଶ୍ୱର ସୋମବାର ୧୦ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ଇସ୍ତଫା ଦେଲେ ଆତିଶୀ ପୃଷ୍ଠା ୭

# ବାରବାଟୀରେ ଭାରତର ସିରିଜ୍ ବିଜୟ

- ଶତକୀୟ ଇନିଂସ ସହ ଫର୍ମକୁ ଫେରିଲେ ରୋହିତ
- ଡେବ୍ୟୁ କଲେ ବରୁନ୍
- ଜାଡେଜାଙ୍କୁ ସର୍ବାଧିକ ୩ଟି ୱିକେଟ୍
- ଗିଲ୍‌ଙ୍କ ଉପଯୋଗୀ ଅର୍ଦ୍ଧଶତକ
- ଡକେଟ୍ ଓ ରୁଟ୍‌ଙ୍କ ଅର୍ଦ୍ଧଶତକ ବେକାର



**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ଟି-୨୦ ପରେ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ବି ଘରୋଇ ଭାରତ ବିଜୟୀ ହୋଇଛି। ନାଗପୁରଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇ ସିରିଜ୍‌ରେ ୧-୦ରେ ଆଗୁଆ ଥାଇ ଏଠାକୁ ଆସିଥିବା ଭାରତ ଆଜି ତା'ର ବିଜୟଧାରାକୁ ବଜାୟ ରଖି ଏହି ସଫଳତା ପାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ନିର୍ଦ୍ଧାରିତ ୫୦ ଓଭର୍ ଖେଳି ନ ପାରି ୪୯.୫ ଓଭର୍‌ରେ ୩୦୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଏହାର ଜବାବ ଦେବାକୁ ଯାଇ ଭାରତ ୪୪.୩ ଓଭର୍‌ରେ ୬ଟି ୱିକେଟ୍ ହରାଇ ୩୦୮ ରନ୍ କରି ବିଜୟୀ ହୋଇଛି। ଅନ୍ତର୍ଜାତୀୟ କ୍ରିକେଟ୍‌ରେ କ୍ରମାଗତ ବିଫଳତା ଯୋଗୁଁ ସମାଲୋଚିତ ହୋଇଆସୁଥିବା ଅଧିନାୟକ ରୋହିତ ଶର୍ମା ଏଠାରେ ଶତକୀୟ ଇନିଂସ ଖେଳିବା ସହ ଫର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜବରଦସ୍ତ ଶତକୀୟ ଇନିଂସ ପାଇଁ ତାଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି। ଏଥିସହ ଇଂଲଣ୍ଡ ପକ୍ଷରୁ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଓପନର ବେନ୍ ଡକେଟ୍ ଓ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ୍ ଜୋ ରୁଟ୍‌ଙ୍କ ଏହି ଇନିଂସ ବେକାର ସାବ୍ୟସ୍ତ ହୋଇଛି।

ମ୍ୟାଚ୍ ପାଇଁ ଇଂଲଣ୍ଡ ଦଳରେ ୩ଟି ଓ ଭାରତୀୟ ଦଳରେ ୨ଟି ପରିବର୍ତ୍ତନ କରାଯାଇଥିଲା। ଇଂଲଣ୍ଡର ଦୁଇ ଓପନର ଡକେଟ୍ ଓ ଫିଲ୍ ସଲ୍ଟ ଶୃଙ୍ଖଳିତ ବ୍ୟାଟିଂ କରି ୧୦.୫ ଓଭର୍‌ରେ ୮୧ ରନ୍ ସଂଗ୍ରହ କରି ଅଧିନାୟକଙ୍କ ବ୍ୟାଟିଂ ନିଷ୍ପତ୍ତିକୁ ସଠିକ୍ ସାବ୍ୟସ୍ତ କରିଥିଲେ। ବିଶେଷକରି ଡକେଟ୍ ଚମତ୍କାର ବ୍ୟାଟିଂ କରି ଚୌକା ପରେ ଚୌକା ଲଗାଇ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ଦିନିକିଆ କ୍ରିକେଟ୍‌ରେ ଏହା ତାଙ୍କର ଷଷ୍ଠ ଅର୍ଦ୍ଧଶତକ ଥିଲା। କିନ୍ତୁ ଅପେକ୍ଷାକୃତ ମନ୍ଥର ବ୍ୟାଟିଂ କରିଥିବା ସଲ୍ଟ ଏକ ଜୀବନଦାନ ସତ୍ତ୍ୱେ ୨ଟି ଚୌକା ଓ ଗୋଟିଏ ଛକା ସହ ୨୬ ରନ୍ କରିବାକୁ ସକ୍ଷମ ହୋଇଥିଲେ। ତାଙ୍କୁ ଆଉଟ୍ କରି ଡେବ୍ୟୁଟାଣ୍ଟ ସ୍ପିନର୍ ବରୁନ୍ ଚକ୍ରବର୍ତ୍ତୀ ତାଙ୍କର ପ୍ରଥମ ୱିକେଟ୍ ହାସଲ କରିଥିଲେ। ଅନ୍ୟପକ୍ଷରେ ଯୋଡ଼ି ଭାଙ୍ଗିବା ପରେ ଡକେଟ୍ ବେଶୀ ସମୟ ତିଷ୍ଠିପାରି ନଥିଲେ। ସେ ବ୍ୟକ୍ତିଗତ ଭାବେ ୫୬ ବଲ୍‌ରେ ୧୦ ଚୌକା ସହ ୬୨ ରନ୍ କରିଥିବା ସମୟରେ ରବୀନ୍ଦ୍ର ଜାଡେଜାଙ୍କ ପ୍ରଥମ ଶିକାର ବନିଥିଲେ। କିନ୍ତୁ ରୁଟ୍ ଓ ହ୍ୟାରୀ ବ୍ରୁକ୍ ତୃତୀୟ ୱିକେଟ୍‌ରେ ୬୬ ରନ୍ ଯୋଡ଼ି ଦଳୀୟ ସ୍କୋର୍‌କୁ ୧୫୦ ଅତିକ୍ରମ କରାଇଥିଲେ। ବ୍ରୁକ୍ ୩ଟି ଚୌକା ଓ ଗୋଟିଏ ଛକା ସହ ୩୧ ରନ୍‌ରେ ଆଉଟ୍ ହେବା ଫଳରେ ଏହି ଭାଗୀଦାରୀରେ ବ୍ରେକ୍ ଲାଗିଥିଲା। କିନ୍ତୁ ରୁଟ୍ ଓ ଅଧିନାୟକ ଜୋସ୍ ➩ପୃଷ୍ଠା-୬



ଗୋଟେ ଫ୍ରେମ୍‌ରେ ଦୁଇ ଚାମ୍ପିଅନ୍



## ବାରବାଟୀରେ ଶତକ ରୋହିତ ନବମ ଭାରତୀୟ

ଆଜି କଟକର ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ସିରିଜ୍‌ର ଦ୍ୱିତୀୟ ଦିନିକିଆରେ ଘରୋଇ ଦଳର ଅଧିନାୟକ ରୋହିତ ଶର୍ମା ଶତକୀୟ ଇନିଂସ ଖେଳି ଦଳର ବିଜୟରେ ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି। ଏଥିସହ ସେ ବାରବାଟୀରେ ଶତକ ହାସଲ କରିଥିବା ହାତଗଣତି ଭାରତୀୟ ବ୍ୟାଟ୍ସମ୍ୟାନ୍‌ଙ୍କ ମଧ୍ୟରେ ସାମିଲ୍ ହୋଇଛନ୍ତି। ସେ ନବମ ଭାରତୀୟ ବ୍ୟାଟ୍ସମ୍ୟାନ୍ ଭାବେ ଏହି ଷ୍ଟାଡିୟମ୍‌ରେ ଶତକ ପୂରଣ କରିଛନ୍ତି। ତାଙ୍କ ପୂର୍ବରୁ ସର୍ବପ୍ରଥମେ ରବି ଶାସ୍ତ୍ରୀ ୧୯୮୪ରେ ➩ପୃଷ୍ଠା-୬

## ଲିଭିଗଲା ଫ୍ଲଡ୍‌ଲାଇଟ୍, ମ୍ୟାଚ୍‌ରେ ବିଭ୍ରାଟ



ଆଜି ସ୍ଥାନୀୟ ବାରବାଟୀ ଷ୍ଟାଡିୟମ୍‌ଠାରେ ପାଖାପାଖି ୪ ବର୍ଷର ବ୍ୟବଧାନ ପରେ ଦିନିକିଆ ମ୍ୟାଚ୍ ଖେଳାଯାଇଛି। ତେବେ ଏହି ମ୍ୟାଚ୍‌ରେ ପୂର୍ବ ପରି ଫ୍ଲଡ୍‌ଲାଇଟ୍‌ରେ ବିଭ୍ରାଟ ପରିଲକ୍ଷିତ ହୋଇଥିଲା। ପ୍ରଥମ ଇନିଂସ ଖେଳ ସୁରୁଖୁରୁରେ ଶେଷ ହେବା ପରେ ଭାରତ ୩୦୫ ରନ୍‌ର ଲକ୍ଷ୍ୟ ହାସଲ ସକାଶେ ପଡ଼ିଆକୁ ଓହ୍ଲାଇଥିଲା। ଦୁଇ ଓପନର ଅଧିନାୟକ ରୋହିତ ଶର୍ମା ଓ ଉପଅଧିନାୟକ ଶୁବମାନ ଗିଲ୍ ଚମତ୍କାର ବ୍ୟାଟିଂ କରି ଦଳୀୟ ସ୍କୋର୍‌କୁ ମାତ୍ର ୬.୧ ଓଭର୍‌ରେ ୪୮ ରନ୍‌ରେ ➩ପୃଷ୍ଠା-୬

## ଚତୁର୍ଦ୍ଦଶ ଦିନିକିଆ ବିଜୟ

ବାରବାଟୀ ଷ୍ଟାଡିୟମରେ ୧୯୮୨ରୁ ଏ ଭିତରେ ୨୫ଟି ଅନ୍ତର୍ଜାତିକ ମ୍ୟାଚ ଖେଳାଯାଇଛି। ସେଥିମଧ୍ୟରେ ୩ଟି ଟି-ଟ୍ୱେଣ୍ଟି, ୨ଟି ଟେଷ୍ଟ ଓ ୨୦ଟି ଏକଦିବସୀୟ ମ୍ୟାଚ୍ ରହିଛି। ଏହି ଗ୍ରାଉଣ୍ଡ ଅଧିକାଂଶ ସମୟରେ ଭାରତ ପାଇଁ ଲକି ସାବ୍ୟସ୍ତ ହୋଇଛି। ୩ଟି ଟି-ଟ୍ୱେଣ୍ଟି ମଧ୍ୟରୁ ଗୋଟିଏ ମ୍ୟାଚ ଭାରତ ଜିତିଛି। ତେବେ ଏକଦିବସୀୟ ମ୍ୟାଚରେ ଭାରତର ପ୍ରଦର୍ଶନ ଭଲ ରହିଛି। ୨୦ଟି ଏକଦିବସୀୟରୁ ୧୪ଟି ମ୍ୟାଚରେ ଭାରତ ଜିତିଛି। ଦୁଇଟି ଟେଷ୍ଟ ମ୍ୟାଚ ମଧ୍ୟରୁ ଗୋଟିଏରେ ଭାରତ ଜିତିଥିବା ବେଳେ ଗୋଟିଏ ଡ୍ର' ରହିଥିଲା। ବାରବାଟୀ ପିଚରେ ସର୍ବାଧିକ ରନ କରିବାର ରେକର୍ଡ କରିଛନ୍ତି ମହମ୍ମଦ ଆଜାରୁଦ୍ଦିନ। ସେ ୧୯୯୮ରେ ଜିମ୍ବାୱେ ବିପକ୍ଷରେ ୧୫୩ କରି ନଟଆଉଟ ରହିଥିଲେ। ଦିନିକିଆରେ ବାରବାଟୀରେ ଇଂଲଣ୍ଡ ବିପକ୍ଷରେ ଭାରତ ସର୍ବାଧିକ ରନ ୩୮୧ ରନ କରିବାର ରେକର୍ଡ ରହିଛି।

## ଫ୍ୟାନ୍‌ଙ୍କୁ ନିରାଶ କଲେ ବିରାଟ



ବାରବାଟୀ ମୁକାବିଲା ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ନାଗପୁରଠାରେ ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ତଥା ଯୁବପିଢ଼ିର ସବୁଠାରୁ ବଡ଼ ପସନ୍ଦ ବିରାଟ କୋହଲି ଖେଳିନଥିଲେ। ଆଣ୍ଠୁରେ ଆଘାତ ଲାଗିଥିବାରୁ ସେ ଉକ୍ତ ମ୍ୟାଚ୍ ମିସ୍ କରିଥିବାରୁ ବାରବାଟୀରେ ସେ ଖେଳିବେ କି ନାହିଁ, ସେନେଇ ତାଙ୍କର ସମର୍ଥକମାନେ ଦ୍ୱନ୍ଦ୍ୱରେ ଥିଲେ। କିନ୍ତୁ ମ୍ୟାଚ୍ ପୂର୍ବଦିନ ଦଳର ବ୍ୟାଟିଂ କୋଚ୍ ସୀତାଂଶୁ କୋଟକ୍ ଏହା ଉପରୁ ପରଦା ହଟାଇବା ସହ ବିରାଟ ଫିଟ୍ ଅଛନ୍ତି ବୋଲି କହିବା ପରେ ପ୍ରଶଂସକଙ୍କ ମଧ୍ୟରେ ଆଶା ବଢ଼ିଯାଇଥିଲା। ଆଜି ଟିମ୍ ଘୋଷଣା ସମୟରେ ବିରାଟ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ପରେ ତାଙ୍କ ସମର୍ଥକଙ୍କ ଖୁସି ବହୁଗୁଣିତ ହୋଇଥିଲା। ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବାକୁ ବିରାଟ ପଡ଼ିଆକୁ ଓହ୍ଲାଇବା ମାତ୍ରେ ପଡ଼ିଆରେ ମହଜୁଦ ପାଖାପାଖି ୪୫ ହଜାର ଦର୍ଶକଙ୍କ ହୋହାଲ୍ଲା ପରିବେଶକୁ ଅଭୂତପୂର୍ବ କରିଦେଇଥିଲା। ଅଧିକନ୍ତୁ ଚୌକା ମାଧ୍ୟମରେ ଖାତା ଖୋଲି ବିରାଟ ଦର୍ଶକଙ୍କ ଖୁସିକୁ ଆହୁରି ବଢ଼ାଇଦେଇଥିଲେ। ଏଥିସହ ଦର୍ଶକଙ୍କ ଆଶା ମଧ୍ୟ କାଏମ ରହିଥିଲା ଯେ ବିରାଟ ଆଜି କିଛି ନା କିଛି କରି ଦେଖାଇବେ। କିନ୍ତୁ ପଡ଼ିଆରେ ମାତ୍ର ୮ଟି ବଲ୍ ଖେଳିବା ଓ ସ୍କୋର୍ ବୋର୍ଡରେ ୫ ରନ୍ ଯୋଡ଼ିବା ପରେ ବିରାଟ ଆଉଟ୍ ହେବା ଫଳରେ ପୂରା ଷ୍ଟାଡିୟମ୍ ସ୍ତବ୍ଧ ➩ପୃଷ୍ଠା-୬

### ମୋଦିଙ୍କ କ୍ରେଜ୍‌ରେ ଫିକା ପଡୁଛନ୍ତି ଆଞ୍ଚଳିକ ନେତା

# ବିକାଶ ଏଜେଣ୍ଡାରେ ୨୧ ରାଜ୍ୟ

- ବ୍ୟକ୍ତିକୈନ୍ଦ୍ରୀକ ରାଜନୀତିକୁ ଗ୍ରହଣ କରୁନାହାଁନ୍ତି ଭୋଟର



**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ଦିଲ୍ଲୀରେ ବଡ଼ ବିଜୟ ପରେ ଦେଶର ରାଜନୈତିକ ମାନଚିତ୍ର ଏକପ୍ରକାର ଗୈରିକ ହୋଇଛି। ଦେଶର ୧୯ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର କ୍ଷମତାରେ ରହିଛି। ଦେଶରେ ବିଜେପିର ଲୋକପ୍ରିୟତା ବଢ଼ିବା ସହ ଆଞ୍ଚଳିକ ଦଳମାନଙ୍କ ପାଇଁ ସେମାନଙ୍କ ସ୍ଥାୟିତ୍ୱକୁ ନେଇ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ବିଜେପି ନେତାଙ୍କ ଯୁକ୍ତି ପରିବାରବାଦ ଓ ବ୍ୟକ୍ତିକୈନ୍ଦ୍ରିକ ଆଞ୍ଚଳିକ ଦଳଗୁଡ଼ିକୁ ଧିରେ ଧିରେ ଲୋକେ ପ୍ରତ୍ୟାଖ୍ୟାନ କରୁଛନ୍ତି। ବର୍ତ୍ତମାନ ଦେଶର ୨୧ ରାଜ୍ୟ ମଧ୍ୟରୁ ୬ଟିରେ ଏନଡିଏ ସହଯୋଗୀ ଦଳ ମୁଖ୍ୟ ଭୂମିକାରେ ଅଛନ୍ତି। ସେହିପରି ୧୫ ରାଜ୍ୟରେ ବିଜେପି ନିଜେ ଶାସନ କ୍ଷମତାରେ ଅଛି। କେବଳ ଏତିକି ନୁହେଁ, ଜାତୀୟ ରାଜଧାନୀ ଦିଲ୍ଲୀରେ ବିପୁଳ ବିଜୟ ପରେ ଏନଡିଏ ଉଭୟ କେନ୍ଦ୍ରଶାସିତ ଅଞ୍ଚଳରେ ମଧ୍ୟ କ୍ଷମତା ହାସଲ କରିଛି। ଦେଶର ୫ ପ୍ରମୁଖ ରାଜ୍ୟ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବିହାର ଏବଂ ତାମିଲନାଡୁ ମଧ୍ୟରୁ ୩ଟିରେ ଏନଡିଏ ମେଣ୍ଟ କ୍ଷମତାରେ ରହିଛି। ୟୁପି ଓ ମହାରାଷ୍ଟ୍ରରେ ବିଜେପିର ନିଜସ୍ୱ ମୁଖ୍ୟମନ୍ତ୍ରୀ ଥିବା ବେଳେ ବିହାରରେ ଜେଡିୟୁର ନୀତିଶ କୁମାର କ୍ଷମତାରେ ଅଛନ୍ତି। ➩ପୃଷ୍ଠା-୬

# ସ୍ୱାସ୍ଥ୍ୟସେବା ବିକାଶରେ ୫୦ ହଜାର କୋଟି

- କେନ୍ଦୁଝରର ସାମଗ୍ରିକ ବିକାଶ ପାଇଁ ପ୍ରତିଶ୍ରୁତି
- ରାଜ୍ୟରେ ଏକ ନମ୍ବର ହେବ କେନ୍ଦୁଝର ମେଡିକାଲ୍ କଲେଜ
- ଉନ୍ନତ ମାନର ସେବା ଯୋଗାଇବ ଆୟୁଷ୍ମାନ୍ ଭାରତ



**କେନ୍ଦୁଝର,୯।୨(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଛୁଆ ଓଡ଼ିଶାର ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଜରୁରୀ। ଡାକ୍ତରମାନେ ହେଉଛନ୍ତି ଭଗବାନ, ସେମାନେ ନିରନ୍ତର ଭାବେ ସେବା ଯୋଗାଇ ଦେଉଥିବାରୁ ସାଧାରଣ ଲୋକେ ସୁସ୍ଥ ହୋଇ ଏକ ବିକଶିତ ରାଷ୍ଟ୍ରର ପରିକଳ୍ପନା କରିପାରୁଛନ୍ତି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିନିକିଆ କେଉଁଝର ଗସ୍ତ ଅବସରରେ ମତ ବ୍ୟକ୍ତ କରିଛନ୍ତି। ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମ୍‌ଏ), ଓଡ଼ିଶା ଶାଖାର ୭୪ତମ ବାର୍ଷିକ ସମ୍ମିଳନୀ ଅବସରରେ ଯୋଗଦେଇ ➩ପୃଷ୍ଠା-୬

## ମହାକୁମ୍ଭରେ ବୁଡ଼ ପକାଇବେ ରାଷ୍ଟ୍ରପତି



**ପ୍ରୟାଗରାଜ,୯।୨ (ସଂଚାର ବ୍ୟୁରୋ):** ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବେ ରାଷ୍ଟ୍ରପତି । ଆସନ୍ତାକାଲି(ସୋମବାର) ପ୍ରୟାଗରାଜର ତ୍ରିବେଣୀ ସଙ୍ଗମରେ ସ୍ନାନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏଥିପାଇଁ ସେ ଆସନ୍ତାକାଲି ଉତ୍ତରପ୍ରଦେଶ ଗସ୍ତ କରିବେ । ମହାକୁମ୍ଭ ମେଳାରେ ୮ ଘଣ୍ଟା ସମୟ ଅତିବାହିତ କରିବେ । ଉପସ୍ଥିତ ରହିବେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ । ଏହାପରେ ଶୟନ ମୁଦ୍ରାରେ ଥିବା ହନୁମାନ ଓ ଅକ୍ଷୟ ବଟ ବୃକ୍ଷର ଦର୍ଶନ ସହ ପୂଜାର୍ଚ୍ଚନା କରିବେ । ମହାକୁମ୍ଭ ମେଳାରେ ରାଷ୍ଟ୍ରପତି ୮ ଘଣ୍ଟା ସମୟ ଅତିବାହିତ କରିବେ । ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ମହାକୁମ୍ଭ ମେଳାରେ ଚେକିଂ ଜୋରଦାର କରାଯାଇଛି। ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ରାଷ୍ଟ୍ରପତିଙ୍କ ଏହି ଗସ୍ତ ଅବସରରେ ସାଥିରେ ଉପସ୍ଥିତ ରହିବେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ।

## ମାଓ ଦମନରେ ସୁରକ୍ଷାକର୍ମୀଙ୍କୁ ଆଉ ଏକ ସଫଳତା,୩୧ ମାଓବାଦୀ ସଫା



**ମାଲକାନଗିରି,୯।୨(ସଂଚାର ବ୍ୟୁରୋ):** ଗତ ମାସରେ ଛତିଶଗଡ଼-ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ସୁରକ୍ଷାକର୍ମୀମାନେ ୧୬ ଜଣ ମାଓବାଦୀଙ୍କୁ ନିପାତ କରି ଉଲ୍ଲେଖନୀୟ ସଫଳତା ପାଇଥିଲେ। ଏହାପରେ ସୁରକ୍ଷାକର୍ମୀମାନେ କ୍ରମାଗତ ଭାବେ ମାଓବାଦୀଙ୍କୁ କଡ଼ା ଜବାବ ଦେବା ସହ ତଲାସୀ ଅଭିଯାନକୁ ମଧ୍ୟ ଜୋର୍‌ଦାର କରିଆସିଛନ୍ତି। ଆଜି ସୁରକ୍ଷାକର୍ମୀଙ୍କୁ ଏହାର ସଫଳତା ମିଳିଛି ଓ ମାଓ ଦମନ କ୍ଷେତ୍ରରେ ଆଉଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ମାଲକାନଗିରି-ଛତିଶଗଡ଼ ସୀମାନ୍ତବର୍ତ୍ତୀ ବିଜାପୁର ଜିଲାରେ ଆଜି ଏକ ଏନ୍‌କାଉଣ୍ଟରରେ ୩୧ ଜଣ ମାଓବାଦୀ ନିପାତ ହୋଇଛନ୍ତି। ଜିଲାର ଜାତୀୟ ଉଦ୍ୟାନ ଅଞ୍ଚଳରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଏହି ଗୁଳିବିନିମୟ ହୋଇଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେଠାରେ ଏହି ପ୍ରକ୍ରିୟା ଜାରି ରହିଥିବା ଜଣାପଡ଼ିଛି। ଉକ୍ତ ଅଞ୍ଚଳରେ ଏବେ ବି ଆହୁରି ମାଓବାଦୀ ଲୁଚି ରହିଥିବା ସନ୍ଦେହରେ ଏହି ଅପରେସନ୍ ଜାରି ରହିଛି ବୋଲି ବସ୍ତର ଆଇଜି ପି. ସୁନ୍ଦରରାଜ୍ ସୂଚନା ଦେଇଛନ୍ତି। ଏସ୍‌ଟିଏଫ୍, ଡିଆର୍‌ଜି ଯବାନଙ୍କ କମ୍ବିଂ ଅପରେସନ ସମୟରେ ସୁରକ୍ଷାକର୍ମୀଙ୍କୁ ଏହି ଉଲ୍ଲେଖନୀୟ ସଫଳତା ମିଳିଥିବା ଶ୍ରୀ ସୁନ୍ଦରରାଜ କହିଛନ୍ତି। ତାଙ୍କ କହିବାନୁସାରେ, ଏହି ଗୁଳିବିନିମୟରେ ମାଓବାଦୀଙ୍କ ଗୁଳିରେ ୨ ଜଣ ଯବାନ ସହିଦ ହୋଇଥିବା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସହିଦ ହୋଇଥିବା ଦୁଇ ଯବାନଙ୍କ ମଧ୍ୟରୁ ଜଣେ ଡିଆର୍‌ଜି ଓ ଅନ୍ୟ ଜଣେ ଏସ୍‌ଟିଏଫ୍‌ର ସଦସ୍ୟ ବୋଲି ଶ୍ରୀ ସୁନ୍ଦରରାଜ କହିଛନ୍ତି। ଦୁଇ ଆହତ ଯବାନଙ୍କୁ ତୁରନ୍ତ ମେଡିକାଲ୍‌ରେ ଭର୍ତ୍ତି କରିବା ସକାଶେ ଜଗଦଲପୁର ଅଞ୍ଚଳରୁ ଏମ୍‌ଆଇ ହେଲିକପ୍ଟରକୁ ପଠାଯାଇଥିବା ନେଇ ପୁଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନାନୁସାରେ, ଆଲୋଚ୍ୟ ଅଞ୍ଚଳରେ ମାଓବାଦୀଙ୍କ ପଶ୍ଚିମ ବସ୍ତର ଡିଭିଜନ କ୍ୟାଡରଙ୍କ ଉପସ୍ଥିତି ବିଷୟରେ କୌଣସି ➩ପୃଷ୍ଠା-୬



## କାନ ଡେରିଥା

କ୍ରିକେଟ ମ୍ୟାଚ ଅନ୍ଧାର
ହୋଇଲା
କଳଙ୍କିତ ବାରବାଟୀ!
କମିଶନ ଖାଇ ଟିକେଟ ବିକିଲେ
ଏବେ କିଆଁ ଛାତି ପିଟି
କଳାବଜାରୀ ଦୁର୍ନୀତି...
କେବେ ସୁଧୁରିବ ଆମ
ବାରବାଟୀ
ଅପେକ୍ଷାରେ ଆମ ଜାତି।

■ ଦେବାଶିଷ

# ଆଡଭୋଟୋରିଆଲ ଆଢୁଆଳରେ ଆଖିବୁଜା ପିସି କାରବାର

- ବିଜ୍ଞାପନ ନାଁରେ କୋଟି କୋଟି ଚଳୁ
- ଭିଜିଲାନ୍ସକୁ ଟଣା ହୋଇପାରନ୍ତି ଲୋକସମ୍ପର୍କ ବାବୁ

**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ଗତ ନିର୍ବାଚନର ଠିକ୍ ପୂର୍ବରୁ ବିଜେଡି ସରକାରର ପ୍ରଚାର ମଙ୍ଗ ଧରିଥିଲା ସୂଚନା ଓ ଲୋକସମ୍ପର୍କ ବିଭାଗ। ସରକାରୀ ଆଡଭର୍ଟାଇଜମେଣ୍ଟ ସହିତ ଯୋଡ଼ିହୋଇଯାଇଥିଲା ଆଡଭୋଟୋରିଆଲ। ଆଡଭୋଟୋରିଆଲର ଅର୍ଥ ହେଉଛି ପୃଷ୍ଠା ପୃଷ୍ଠା ବିଜ୍ଞାପନରେ ସରକାରୀ ନମ୍ବର ପଡ଼ିନଥିବ କି କେଉଁଠାରେ ହେଲେ ସରକାରଙ୍କର ବୋଲି ଉଲ୍ଲେଖ ନଥିବ। ସରକାରୀ ପଇସାରେ ଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ସରକାରଙ୍କର ପ୍ରଚାର କରାଯାଉଥିବ।

ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏଭଳି ନିଷ୍ପତ୍ତି ହେବା ପରେ ଖବରକାଗଜଗୁଡ଼ିକୁ ଆଖିବୁଜା ଆଡଭୋଟୋରିଆଲ ବଣ୍ଟାଯାଇଥିଲା। ବିଭାଗର ବାବୁମାନେ ରାତି ଅନିଦ୍ରା ହୋଇ ଏହାକୁ ପ୍ରସ୍ତୁତ କରିଥିଲେ। ମୁଖ୍ୟମନ୍ତ୍ରୀ ଓ ସନ୍ୟାସୀଙ୍କ ଆଖିଝଲସିଆ ଫଟୋ ଓ ଖବରରେ ପୂରା ପୃଷ୍ଠାର ଆଡଭୋଟୋରିଆଲ ପ୍ରସ୍ତୁତ ହୋଇ ଖବରକାଗଜକୁ ଦିଆଗଲା। ଏଗୁଡିକ ଅନ୍ୟ ଖବର ସହିତ ଭିତର ପୃଷ୍ଠାରେ ବାହାରିଲା। ଯେଉଁ ଗଣମାଧ୍ୟମମାନେ ଏହାକୁ ଭିତର ପୃଷ୍ଠାରେ ଛାପିଲେ ସେମାନେ ପ୍ରଥମ ପୃଷ୍ଠା ବିଜ୍ଞାପନ ଦରରେ ଟଙ୍କା ଗଣିନେଲେ।

ନିର୍ଦ୍ଦେଶକ ସ୍ତରରେ ନିଷ୍ପତ୍ତି ହୋଇ ସରକାରୀ ମୋହର ବାଜିଥିବା ଯୋଗୁଁ ବିଭାଗର ବାବୁମାନେ ପାଣି ଭଳି ପଇସା ବାଣ୍ଟି ଚାଲିଲେ। ସାଧାରଣ ଲୋକେ ଏହାକୁ ଏକ ଖବର ବୋଲି ଭାବି ପଢ଼ିଲେ। ଏଭଳି ନକଲି ବିଜ୍ଞାପନ ବାବଦରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରାୟ ୫୦ କୋଟି ଟଙ୍କା ଉଡ଼ାଇଦେଲା। ଏଥିରୁ ବିଭାଗର ବାବୁମାନେ କୁଆଡେ ୨୩% ପିସି ଆଦାୟ କରୁଥିବା ନେଇ ଏବେ ବି ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ କିଛି ଅଭିଯୋଗକାରୀ ଏବେ ପୂରା ଦସ୍ତାବିଜ ସହିତ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କଲେଣି।





ହେଉଥିବା ଆଲୋଚନା ଅନୁଯାୟୀ, ଏହି ଆଡଭୋଟୋରିଆଲ ହେଉଛି ଖୁଲମଖୁଲା ଦୁର୍ନୀତି ଓ ପିସି କାରବାରର ଏକ ବଡ଼ ଉଦାହରଣ। ଗରିବ ଲୋକଙ୍କ ପଇସାରେ ଲୁଚାଛପାରେ ସରକାରୀ କଳର ପ୍ରଚାର କରାଇବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ତେବେ ଏଥିରେ ସରକାରୀ ମୋହର ବାଜି ନଥିବାରୁ ସୂଚନା ଓ ଲୋକସମ୍ପର୍କ ବିଭାଗର ବାବୁମାନେ ଯାହାକୁ ଚାହିଁଲେ ତାକୁ ଏହି ଆଡଭୋଟୋରିଆଲ ବାଣ୍ଟି ହାତଚିକ୍କଣ କଲେ। ଏ ବାବଦରେ ୨୩ ପ୍ରତିଶତ ପିସି କାରବାର ନେଇ ଚର୍ଚ୍ଚା ଜୋର ଧରିଥିବାରୁ ବାବୁମାନଙ୍କ ପକେଟକୁ ୧୦ କୋଟି ଟଙ୍କାରୁ ଅଧିକ ଯାଇଥିବା ଅନୁମାନ କରାଯାଉଛି।

ଗଣମାଧ୍ୟମ ସଂସ୍ଥାଗୁଡିକ ମଧ୍ୟ ପଇସା ଲୋଭରେ ନିଜର ଉତ୍ତରଦାୟିତ୍ୱ ଭୁଲି ଅବିକଳ ଖବର ଭଳି ଦିଶୁଥିବା ଏଭଳି ବରାଦିଆ ପୃଷ୍ଠାକୁ ସିଧାସଳଖ ଛାପିଲେ। ସରକାରୀ ଦପ୍ତରରୁ ପ୍ରସ୍ତୁତ ହୋଇ ଆସୁଥିବାରୁ ସେମାନଙ୍କୁ କିଛି ପରିଶ୍ରମ କରିବାକୁ ବି ପଡୁନଥିଲା। ଖାଲି ଯାହା ପଇସା ଆଦାୟ କରିବା କଥା। ଏବେ ➩ପୃଷ୍ଠା-୬



# ନଷ୍କର ବିଗିଡ଼ା



## ଅନୁପମା ବିଶ୍ୱାଳ

ଅନ୍ଧାରଟା ଆଲୁଅକୁ ଠେଲି ଠେଲି ଯାଉଥାଏ। ଅନ୍ଧାରର ଖୁସି ବଢ଼ିଲା ବେଳକୁ ଆଲୋକର ଦୁଃଖ ଯେମିତି ତାଳ ଦେଇ ବଢୁଥାଏ। ସେବତୀର ମନଟି ମଧ ଏମିତି ଅବସ୍ଥାରେ ରହିଥାଏ। ଦୁଃଖ ଆଗକୁ ମାଡି ଚାଲିଥାଏ। କଣ କରିବ ? ଏହା କଣ ହାତର କଥା। ଯାହା ଚାହିଁବ ତାହା ପାଇବ। ଶାଶୁମା ବୁଝନ୍ତିନି। କୁହନ୍ତି,"ଗୁହାଳରେ ଯେତେ ଅଣ୍ଡିରା ଛୁଆକୁ ଘର ଭିତରେ ସବୁ ମାଈଛୁଆ। ମୋ କପାଳ ଫଟା ଲୋ।

କାହାକୁ କହିବି। ଚାରି ଚାରିଟା ଝିଅ। ମୋ ପୁଅ କେମିତି କଣ କରିବ ଲୋ "। ଝିଅମାନେ ରୂପରେ ଗୁଣରେ ଅତୁଳନୀୟ। ନିଜ ପାଠ ପଢ଼ା ସାଙ୍ଗକୁ ଘରକାମରେ ମାକୁ ମଧ ସାହାର୍ଯ୍ୟ କରନ୍ତି। ହେଲେ ପୁଅଟିଏ ନଥିବାରୁ ଘରେ ଅଶାନ୍ତି। ବହୁତ ପୂଜା ପାଠ କଲା ପରେ ଯାହେଉ କୁମାର ଆସିଲେ। ବୁଢ଼ୀମାର ଆନନ୍ଦ କିଏ ଦେଖେ। ଯେଉଁ ବୋହୂକୁ ଗାଳି ଗୁଲଜ କରୁଥିଲା ଏବେ ମୁଣ୍ଡରେ ବସାଇଲା। ନାତି ଟୋକାର ମୁହଁ ଦେଖି ନିଦ ଭାଙ୍ଗେ ବୁଢ଼ୀମାର। ହେଲେ ବେଶୀ ଦିନ ଏ ଭାବ ରହିଲା ନାହିଁ। କାରଣ ଯେଉଁଠି ନାତି ଗୋଡ଼ ଦିଏ ସେଇଠି ଅଘଟଣ। ଜନ୍ମ ହୋଇ ନଥିଲା ବେଳେ ବରଂ ଏକ ପ୍ରକାର ଶାନ୍ତି ଥିଲା ଏବେ ଖାଲି ଅଶାନ୍ତି। ବିକାଶ ବାବୁଙ୍କ ବୟସ ବଢୁଥାଏ।କାମ କରିବାର ଶକ୍ତି ବି କମୁଥାଏ। ସେବତୀର ଦେହ ମଧ ପ୍ରାୟ ଅସୁସ୍ଥ ରହେ। କରଜ ଆଣି ଚଳିବାକୁ ପଡିଲା ତାଙ୍କୁ। ଜମିବାଡ଼ି ବି କିଛି ଅଂଶ ହାତରୁ ଖସି ଗଲା। ଏବେ ବୁଢ଼ୀମା ନାତିକୁ ସବୁ ଦୋଷ ଦେଇ କହେ, ତୁ ନଷ୍କର ବିଗିଡା।ମୋ କୁଳ ଖାଇବୁ।

ବିକାଶ ମନ୍ଦିରକୁ ଯାଇ ଠାକୁରଙ୍କ ସେବାରେ ଲାଗି ଦୁଇ ପଇସା ପାଆନ୍ତି। ଇତି ମଧ୍ୟରେ ବୁଢ଼ୀମା ଆରପାରିରେ। ପୁଅ କାହାକୁ କିଛି ନକହି ପାଖ ଗାଆଁରୁ ଝିଅଟିକୁ ମନ୍ଦିରେ ମାଳ ପିନ୍ଧାଇ ମଥାରେ ସିନ୍ଦୁର ଦେଇ ଘରକୁ ଆଣି ଆସିଲା।

ଘରେ ପାଟିତୁଣ୍ଡ ଯାହାକୁ ଯେତେ ଲାଗିଲା।ତିନୋଟି ଭଉଣୀ ବାହା ହୋଇଥିଲେ ମଧ ସାନଟା ବାହା ହୋଇ ନଥାଏ। ନିଜ ସ୍ତ୍ରୀକୁ ଧରି ସକାଳୁ ସକାଳୁ ଶିବୁ ବାହାରି ପଡ଼ିଲା ଭଡାଘର ଅଭିମୁଖେ।କାହାରି କଥା ନ ଶୁଣି ସହରକୁ ଚାଲିଗଲା।ମାର ଆଖି ଲୁହ ଆଉ ବାପାଙ୍କ କୋହ ଭରା ସ୍ୱର ତାକୁ ରୋକି ପାରିଲା ନାହିଁ।

ସହରରେ ରହି ଗୋଟିଏ ଦୋକାନରେ କାମ କଲା।ମାଲିକ ଭଲ ପ୍ରକୃତିର ନଥିଲା।ଘର ମାଲିକ ଓ ଦୋକାନ ମାଲିକ ଉଭୟେ ତାକୁ ହଇରାଣ କଲେ। ମିଥ୍ୟା ଚୋରି ଅଭିଯୋଗ ଦେଇ ଦୋକାନ ମାଲିକ ମରାପିଟା କରି ତଡିଦେଲା।ଘର ଭଡା ଦେଇ ପାରି ନଥିବାରୁ ଘରବାଲା ମଧ ତଡିଦେଲା। ଭାବିଲା ଜେଜେ ମା ଠିକ କହୁଥିଲା ମୁଁ ନଷ୍କର ବିଗିଡା। ନିଜ ଭାଗ୍ୟକୁ ନେଇ ଡରିଗଲା ସେଦିନ। ଅନର୍ଗଳ ଝାଳ ବୋହିଗଲା। ନା ,ସେମିତି ହୋଇ ପାରିବ ନାହିଁ। ମନରେ ସାହସ ବାନ୍ଧିଲା ପତ୍ନୀଠାରୁ କିଛି ବୁଦ୍ଧି ପାଇ ସିଧା ଘରକୁ ଫେରି ଆସିଲା।

ମୁଣ୍ଡ ଝାଇଁ ଝାଇଁ ହେଲା ଘର ପରିସ୍ଥିତି ଦେଖି।ଭାଗ୍ୟରେ କିଛି ଲେଖା ନଥାଏ ,ମୁଁ ମୋ ଭାଗ୍ୟ ଲେଖିବି।ତାକୁ ଭିନ୍ନ ରୂପ ଦେବି।ପ୍ରତିଜ୍ଞା କଲା ଦୃଢ଼ ମନରେ।ସତକୁସତ ଘର ପରିସ୍ଥିତି ରେ ସୁଧାର ଆସିଲା। ବାପା ପୁଅକୁ ଦେଖି ଖୁସି ହେଲେ। ଆଉ କାମକୁ ଗଲେ ନାହିଁ। ମା ଖଟରେ ପଡି ମଧ ଆଉ ଦୁଃଖ କରୁନାହିଁ।ପୁଅ ବଦଳିଯାଇଛି। କର୍ମରେ ଭାଗ୍ୟ ବଦଳେ। ପୁଅ ପ୍ରମାଣ କରିଦେଲା ଯେ କର୍ମରେ ଭରସା ରଖିଲେ ସବୁ ଠିକ ହୋଇଯାଏ।

**ସମ୍ବଲପୁର, ମୋବାଇଲ୍: ୭୯୭୮୫୬୮୩୨୨**

# ରଘୁଆ



## ସାଗର କୁମାର ପରିଡ଼ା



ଓଡିଶା ପ୍ରଦେଶର ଗଡଜାତ ଅଞ୍ଚଳ ଭାବରେ ବଡମ୍ବା ଗଡର ନାମ ସମସ୍ତେ ଜାଣନ୍ତି। ସେହି ଗଡଜାତ ଅଞ୍ଚଳରେ ଚଣ୍ଡିମଙ୍ଗଳ ନାମରେ ଗାଁଟିଏ ଥାଏ। ଏହି ଗ୍ରାମର ଅଧିକାଂଶ ଲୋକ ଚାଷୀ ଓ ଶ୍ରମିକ ଭାବରେ କାମକରି ସେମାନଙ୍କର ଗୁଜୁରାଣ ମେଣ୍ଟାନ୍ତି। କିଛି ଲୋକ ବାହାର ରାଜ୍ୟକୁ ଯାଇ କମ୍ପାନୀରେ ମଧ କାମ କରନ୍ତି।ଲୋକମାନଙ୍କ ଭିତରେ ଭାତୃଭାବ ଥାଏ। ପରସ୍ପରର ସୁଖଦୁଃଖରେ ସମସ୍ତେ ଠିଆ ହୁଅନ୍ତି। କିନ୍ତୁ ଏବେ ପରିସ୍ଥିତି ବଦଳି ଯାଇଛି , ଲୋକମାନଙ୍କ ଭିତରେ ସେ ଆଗ ସ୍ନେହ, ଭଲପାଇବା ଆଉ ଆଗ ଭଳି ନାହିଁ। ଏହି ଗ୍ରାମର କଳି ଗୋଳର ନିଶାପ ଗାଁର ପୋଖରୀ ପାଖ ମଣ୍ଡପରେ ହୁଏ। ଗ୍ରାମର ମୁଖିଆ ଜଣେ ଭଲ ଲୋକ,ସେ ସମସ୍ତଙ୍କୁ ଦୁଃଖ ଦୁର୍ଦ୍ଦିନରେ ସାହାଯ୍ୟ କରନ୍ତି। ଏହିପରି ଏକ ଗ୍ରାମରେ ରଘୁଆ ବେହେରାର ଘର। ଗୋଟିଏ ପୁଅ, ଦୁଇଟି ଝିଅ ଏବଂ ସ୍ତ୍ରୀ ମଦନୀକୁ ନେଇ ତା'ର ପରିବାର। ରଘୁଆ ଜଣେ ଦିନ ମଜୁରିଆ। ମଜୁରି ଲାଗି ରୋଜଗାର କରୁଥିବା ଟଙ୍କାରେ ସେ ତାର ପରିବାର ଚଳାଏ।ତା'ର ଦୁଇ ଝିଅ ଜଣେ ଷଷ୍ଠ ଶ୍ରେଣୀ ଆଉ ଜଣେ ଚର୍ତ୍ତୁଥ ଶ୍ରେଣୀ, ପୁଅଟିକୁ ତିନି ବର୍ଷ ଏବେ ଏବେ ଅଙ୍ଗନବାଡି ଯାଉଛି।ଭାରି ଦୁଃଖ,ଦୁର୍ଦ୍ଦିନରେ ରଘୁଆ ତା'ର ସଂସାର ରଥକୁ ଆଗକୁ ଚଳାଉଥାଏରଘୁଆ ବିଭିନ୍ନ ପ୍ରକାରର କାମ ଜାଣେ।

ରଘୁଆ ଘର ଛପର, ଇଟା ପକେଇବା,ଧାନ ଗଦା କରିବା,ହେଁସ ମସିଣା ବୁଣିବା,ଗାଈ ଦୁହିଁବା ଆଦି କାମରେ ଧୁରନ୍ଧର। ଯେତେ କାମ କଲେବି ଚାରି ପ୍ରାଣୀ କୁଟୁମ୍ବ ପୋଷିବାକୁ ତା ପାଇଁ କାଠିକର ପାଠ। ତା'ର ଦେହ ମୁଣ୍ଡ ଖରାପ ହୋଇଗଲେ ଦିନେଦିନେ ଚୂଲି ଅଜଳା ରହିଯାଏ।ଦୁଇ ବଖରା ବାଡ଼ତାଟି ଦିଆ ଚାଳ ଛପର ଘର। ସେଥିରେ ଚାରି ପ୍ରାଣୀ କୁଟୁମ୍ବ ରୁହନ୍ତି।ନିର୍ବାଚନ ପରେ ରଘୁଆ ଅନ୍ୟମାନଙ୍କ ମୁହଁରୁ ଶୁଣି ମନେ ମନେ ଖୁସି ହେଉଥାଏ ଯେ ତା'ର ଏ ଅବସ୍ଥା ସୁଧୁରି ଯିବ,ସେ ଆଉ ଗରିବ ହୋଇ ରହିବ ନାହିଁ

ଏବେ ଗାଁରେ ନିର୍ବାଚନ ସମୟ ଚାଲିଛି।ବିଭିନ୍ନ ଦଳର ନେତାଙ୍କ ଗାଁ ଦାଣ୍ଡରେ ଭିଡ।ବିଭିନ୍ନ ପ୍ରକାରର ଦଳୀୟ ନେତାଙ୍କ ଫଟୋ, ଦଳୀୟ ଚିହ୍ନ, ମାଳମାଳ ଦଳୀୟ ଚିହ୍ନର ଛୋଟ ଛୋଟ

ପତାକା ଗାଁ ଦାଣ୍ଡରେ ମରା ହୋଇଥାଏ। ବିଭିନ୍ନ ନେତା ଆସି ଗାଁରେ ସଭା,ସମିତି ମାନ କରୁଥାନ୍ତି।ନିର୍ବାଚନ ଜିତିଲେ କିଏ କ'ଣ କରିବେ କହୁଥାନ୍ତି।ରଘୁଆକୁ ବି ନେତାମାନେ ନିର୍ବାଚନ ସରିଲେ ପ୍ରଧାନମନ୍ତ୍ରୀ ଆବାସ ,ପାଇଖାନା, ବିଜୁଳି ଯୋଗାଇ ଦେବେ ବୋଲି କହି ଥାଆନ୍ତି।ତେଣୁ ରଘୁଆ ନିର୍ବାଚନ ସରିବାକୁ ଅପେକ୍ଷା କରିଥାଏ।ନିର୍ବାଚନ ସରିଲା, ଧୀରେ ଧୀରେ ନେତାମାନଙ୍କ ଗହଳ ଚହଳ ଗାଁରୁ କମିଗଲା।ଯିଏ ଜିତିଲେ ସିଏ କେବଳ ବିଜୟ ଉତ୍ସବ ପାଳନ କରିସାରି ଗାଁକୁ ଆଉ ଆସିଲେନି।

ରଘୁଆ କିନ୍ତୁ ଚାହିଁ ରହିଥାଏ କେତେବେଳେ ନେତାଗାଁକୁ ଆସିବେ ଆଉ ତାର ଭଙ୍ଗାଘରଟି ଛାତ ଘରରେ ପରିଣତ ହେବ। କିନ୍ତୁ ନେତା ଆସୁ ନଥାନ୍ତି।ତେଣୁ ରଘୁଆ ଥରେ ତା ମନ କଥାକୁ ଗାଁ ମୁଖିଆଙ୍କୁ କହିଲା,ଗାଁ ମୁଖିଆ ଦିନେ ରଘୁଆକୁ ନେତାଙ୍କ ପାଖକୁ ନେଇଗଲେ।ନେତା ରଘୁଆକୁ କହିଲେ,ତୁମେ ବ୍ୟସ୍ତ ହୁଅ ନାହିଁ ରଘୁଆ ମୁଁ ବହୁତ ଶ୍ରୀଘ୍ର ତୁମର ଘର କରିବାର ଅର୍ଡର ଟା କରିଦେବି।ତୁମେ କିଛି ଚିନ୍ତା କରନି।

କିଛିଦିନ ଚାଲିଗଲା ଘର କରିବାର ଅର୍ଡର କିଛି ବି ଆସିଲାନି।ରଘୁଆ ମୁଖିଆଙ୍କୁ ମଧ ବେଳେବେଳେ ଭେଟୁଥାଏ। ଏହିପରି ଚାରିବର୍ଷ ବିତିଗଲା।ରଘୁଆ ଖରା ବର୍ଷାରେ ସେହି ଭଙ୍ଗାଘରେ ପଡିରହିଥାଏ।ବୋଝ ଉପରେ ନଳିତା ବିଡା ଭଳି ଦିନେ ତା'ର ଦୁଃଖ ଉପରେ ଆଉ ଏକ ଦୁଃଖ ଆସି ପହଞ୍ଚିଲା। ତାର ସ୍ତ୍ରୀ ମଦନୀର ହଠାତ ଦେହ ଖରାପ ହୋଇଗଲା। ଘରେ ଟଙ୍କା ପଇସା କିଛି ନାହିଁ। କିପରି ତା ସ୍ତ୍ରୀ କୁ ଡାକ୍ତରଖାନାକୁ ନେବ କ'ଣ କରିବ କିଛି ଚିନ୍ତା କରିପାରିଲାନାହିଁ।ଶେଷରେ ତାଙ୍କ ଗାଁ ବିଦ୍ୟାଳୟର ଶିକ୍ଷକଙ୍କ ଠାରୁ କିଛି ଟଙ୍କା ନେଇ ସେ ତା ସ୍ତ୍ରୀକୁ ଡାକ୍ତରଖାନା ନେଲା। ତାରସ୍ୱାସ୍ଥ୍ୟ ପରୀକ୍ଷା କରାଗଲା,ଡାକ୍ତର ମଦନୀର କିଡିନୀ ଖରାପ ହୋଇଯାଇଛି ବୋଲି ରଘୁଆକୁ କହିଲେ ,ଅସ୍ତ୍ରପ୍ରଚାର କରିବାକୁ ପଡିବ,ଦୁଇ ଲକ୍ଷ ଟଙ୍କା ଦରକାର ବୋଲି କହିଲେ।

ରଘୁଆର ମୁଣ୍ଡ ଘୁରିଗଲା ଟଙ୍କା କଥାଶୁଣି ,ଟଙ୍କା ଠିକି କରି ଆସିବ କହି ଗାଁ କୁ ଫେରିଲା ରଘୁଆ ।ଟଙ୍କା ଠିକି କରିବାପାଇଁ ସେ କେତେ ଚେଷ୍ଟା କଲା କିନ୍ତୁ ଯୋଗାଡ଼ କରିପାରିଲା ନାହିଁ। ଗରୀବ ଲୋକ ହୋଇଥିବାରୁ ଲୋକେ ତାକୁ ଟଙ୍କା ଦେଲେ ନାହିଁ।ଏହିପରି ମାସେ କଟିଗଲା ତା ସ୍ତ୍ରୀର ଦେହ ଅଧିକରୁ ଅଧିକ ଖରାପ ହେବାରେ ଲାଗିଲା। ସେ ଶେଯରୁ ମଧ ଉଠି ପାରିଲା ନାହିଁ। ରଘୁଆ ଭାରି ଚିନ୍ତାରେ ଘରେ ଥାଏ, ସେଇ ଚିନ୍ତା ଭିତରେ ବି ମୂଳ ଲାଗୁଥାଏ ବାହାରେ। ଦିନେ ନିର୍ବାଚନ ଗାଡି ପ୍ରଚାର କରି ଗାଁ ଦାଣ୍ଡରେ ଯାଉଥାଏ।ଠିକ ସେହି ସମୟରେ ଗାଁ ମୁଖିଆ ରଘୁଆ ଘରକୁ ପଶିଆସିଲେ ,କହିଲେ ରଘୁଆ ଏଥର ତୋରେ ଘର କରିବା ସ୍ୱପ୍ନ ସାକାର ହେବ,ଏଇ ଦେଖ ତୋ ଘର କରିବା ଅର୍ଡର ନେ।ର ଘୁଆ ସାଙ୍ଗେ ସାଙ୍ଗେ ଅର୍ଡରଟିକୁ ହାତରେ ଧରି ତା ସ୍ତ୍ରୀ ଶୋଇଥିବା ଘରକୁ ଗଲା। ମଦନୀ ଆଜି ମୋର ଇଚ୍ଛା ପୂରଣ ହେଲା ଘର କରିବାକୁ ଅର୍ଡର ମିଳିଯାଇଛି ହେଲେ ତା' ସ୍ତ୍ରୀ କିଛି ଉତ୍ତର ଦେଲାନି। ରଘୁଆ ତା ସ୍ତ୍ରୀକୁ ହଲେଇଲା କହିଲା ଜାଣିଲୁ ଏଇ ଘର କରିବା ଟଙ୍କାରେ ମୁଁ ତୋର ଅସ୍ତ୍ରୋପଚାର କରିବି ତୁ ଭଲ ହୋଇଯିବୁ। କିନ୍ତୁ କିଛି ଉତ୍ତର ନାହିଁ ,ରଘୁଆ ତା ସ୍ତ୍ରୀ ର ନାକରେ ହାତ ମାରିଲା ଦେଖିଲା ନିଶ୍ୱାସ ବନ୍ଦ ହୋଇଯାଇଛି। ସବୁଦିନ ପାଇଁ ତାର ସ୍ତ୍ରୀ ଆଖିବୁଜି ଦେଇଛି। କାନ୍ଦି ଉଠିଲା ରଘୁଆ, ତା ସହିତ ତା ପିଲାମାନେ ମା ମା କହି ଆଉ ରଘୁଆ ବିକଳରେ ଗାଁ ମୁଖିଆଙ୍କ ମୁହଁକୁ କଇଁ କଇଁ ହୋଇ ଚାହିଁରହିଥିଲା।

**ରାଇଘର, ନବରଙ୍ଗପୁର**
**ମୋବାଇଲ୍: ୯୯୩୭୫୨୭୦୬୫**

# ଝିଅର ପ୍ରତିଜ୍ଞା



## ପବିତ୍ର ବେହେରା

ସ୍ନେହା, ଗୋଟେ ଛୋଟ ଗାଁର ଛୋଟ ଝିଅଟିଏ। ପରିବାର କହିଲେ ସେ ଆଉ ତା ମାଆ। ସ୍ନେହା କବିତା ଲେଖେ, ଚିତ୍ର ଆଙ୍କେ ଆଉ ଖୁବ୍ ଭଲ ପାଠ ପଢ଼େ। ତା ମାଆ ହିଁ ତା ପାଇଁ ସବୁକିଛି, ଛୋଟ ବେଳୁ ସେ ତା ବାପାକୁ ହରେଇଛି।ହଠାତ୍ ଦିନେ ସ୍ନେହାର ମାଆ ଜ୍ୱରରେ ପଡିଗଲେ। ଗାଁ ଡାକ୍ତର ଦେଖି ଜାଣି ପାରୁନାହାଁନ୍ତି କ'ଣ ହୋଇଛି, ବଡ଼ ମେଡ଼ିକାଲକୁ ଯିବାକୁ ପାଖରେ ପଇସା ନାହିଁ। ସ୍ନେହାକୁ ୧୯ ବର୍ଷ ବୟସ ହୋଇଥାଏ। ପାଠ ଓ ତା ସ୍ୱପ୍ନ କୁ ଛାଡି ସେ ତା' ମାଆର ସେବା କରିବାରେ ଲାଗିପଡେ। ଦିନ ପରେ ଦିନ ଗଡି ଚାଲିଥିଲା, ହଠାତ୍ ମା' ସ୍ନେହାକୁ ଛାଡ଼ି ଚାଲିଗଲେ, ସ୍ନେହା ପାଇଁ ଯିଏ ଆଲୋକ ଥିଲା ସେ ଆଜି ଛାଡ଼ି ଚାଲିଗଲା। ସ୍ନେହା ଦୁଃଖ, ରାଗ, ଅନୁତାପରେ ତା ମାଆ ପାଖରେ ବସି ମାଟିରେ ଗୋଡ଼ ପିଟି କାନ୍ଦୁଥାଏ। ସେ ଯଦି ଆଜି ପାଠ ପଢି ଡାକ୍ତର ହୋଇଥାନ୍ତା ତା'ହେଲେ ସେ ତା ମା'କୁ ବଞ୍ଚାଇପାରିଥାନ୍ତା। କିନ୍ତୁ ସ୍ନେହା ତା ମାଆ କହିଥିବା କଥା ମନେ ପକେଇଲା, "ଶିକ୍ଷା ହିଁ ଗୋଟେ ବାଟ ଯାହାକି ତୋତେ ଗୋଟେ ଭଲ ଜୀବନ ଦେଇପାରିବ, ତୁ ତୋ ସ୍ୱପ୍ନକୁ ଛାଡିବୁନି, ତୋ ସ୍ୱପ୍ନକୁ ପୂରଣ କରିବୁ। ଆଉ ଯେମିତି ତୋ ଭଳି ଆଉ କିଏ ମା ଛେଉଣ୍ଡ ନହୁଅନ୍ତି ।।" ମା'ର ଇଛା ପୂରଣ କରିବା ପାଇଁ ତା'ର ଖୁସି ପାଇଁ ଗୋଟିଏ ନୁଆଁ ଆଶା ଓ ଆକାଂକ୍ଷା ନେଇ ଆରମ୍ଭ କଲା ସେ ପାଠପଢ଼ା, ଖାଇବା ପିଇବା,ଶୋଇବା ସବୁ ଭୁଲି ଲାଗିପଡିଲା ତା ସ୍ୱପ୍ନର ମଞ୍ଜି ସବୁକୁ ବାସ୍ତବତାର ଫୁଲ ରୂପେ ଫୁଟେଇବା ପାଇଁ। ମା'ର ଭଲ ପାଇବା, ଆଶୀର୍ବାଦ ପାଇଁ ତା ଜୀବନରେ ଆସିଲା ଗୋଟେ ସୁନେଲି ସକାଳ। ସେଇ ଗାଁର ଝିଅ ସ୍ନେହା କିଛି ବର୍ଷ ପରେ ଗାଁକୁ ଫେରିଲା ଗାଉଁଲି ସ୍ନେହଲତା ନୁହେଁ ଡାକ୍ତର ସ୍ନେହଲତା ହୋଇ!!

**ସମ୍ପାଦକ ସାହିତ୍ୟ ଜୀବନ, ସମ୍ବଲପୁର**
**ମୋବାଇଲ୍: ୭୭୫୧୦୭୫୩୫୦**





## ପଳାଶର ବିଳାପ

### ପ୍ରଭାକର ଦାଶ

ଜୀବଜଗତର ମୁହିଁ ପଳାଶ ପାଦପ
ଅସହ୍ୟ ବେଦନା ବଳେ କରୁଛି ବିଳାପ,
ବୃକ୍ଷ ମଧ୍ୟେ ଗଣା ହୁଏ ନାହିଁ ମୋର ମାନ
ତଥାପି ମୋ ବଂଶଜଙ୍କ ନାହିଁ ଆକଳନ।।

ଭେଦଭାବ ନାହିଁ ମୋର ମୃତ୍ତିକା-କୁ ନେଇ
ଅକ୍ଳେଶରେ ବଢିଯାଏ ଅଙ୍କୁରିତ ହୋଇ,
ଯାହା ପାଇଅଛି ଭାବେ ଅଙ୍ଗୀୟ-ଭୂଷଣ
କି କରିବ ଭାବେ ଲୋକ-ଲୋଚନ-ଦୂଷଣ।।

ଖାଲ ଢିପ ପଥୁରିଆ ଭୂମିର ଉପରେ
ବଢ଼ିଥାଏ ଘାତ ପ୍ରତି-ଘାତର ସ୍ଥିତିରେ,
ବକ୍ଷେ ଭରିଅଛି ମୋର ସହିବା ଶକତି,
ମୋର ଦେହେ ପକ୍ଷୀକୁଳ ଆଶ୍ରା ନେଇଥାନ୍ତି।।

ଘେନି ଅଙ୍ଗେ ମନୋହର ସୁଝୀନ ସୁମନ
ପ୍ରକାଶିଣ ତୋଷିଥାଏ ବସନ୍ତର ମନ,
ରକ୍ତିମା ରୁଚିର ମୋର ଅଜସ୍ର ସୁମନ
ଉଲ୍ଲସିତ ଯାହା କରେ ମାନବ ନୟନ।।

ପ୍ରକୃତି ରାଣୀର ଶୋଭା କରୁଛି ମଣ୍ଡନ
ତଥାପି ହୃଦୟେ ନାହିଁ ମାନ ଅଭିମାନ,
ବାସହୀନ ବୋଲି ମୁହିଁ ହୁଏ ଅସମ୍ମାନ
କଥା ଛଳେ ପରିହାସ କରିଥାନ୍ତି ଜନ।।

କେଉଁ ଯୋଗେ ଜନ୍ମ ମୋର ହାୟରେ ଦଇବ
ଅଭିଶପ୍ତ ଜୀବନ ମୋ ଲଭେ ଅପବାଦ,
ଉର୍ବର ଜମିରେ ଯଦି ନେଇ ଗଲେ ସ୍ଥାନ
ମାନବେ କରନ୍ତି ମୋର ମୂଳ ଉତ୍ପାଟନ।।

ନୁହେଁ ଜନପ୍ରିୟ ମୁହିଁ ନାହିଁ ମୋ ଆଦର
ସ୍ପର୍ଶ କରିପାରେ ନାହିଁ ସ୍ରଷ୍ଟାଙ୍କ ପୟର,
ଯିଏ ଦେଇଛନ୍ତି ମୋତେ ଧରାରେ ଜନମ
ଦେଲେ ନାହିଁ କିମ୍ବା ପୁଷ୍ପ-ଜାତିର ଧରମ।।

ଜୀବଜଗତରେ ମାନବର ଉଚ୍ଚସ୍ଥାନ
ମନଇଚ୍ଛା ଗଢିଥାଏ ନିଜ ସମ୍ବିଧାନ,
ଯେଉଁ ବୃକ୍ଷ ଛେଦି କରେ ଅର୍ଥ ଉପାର୍ଜନ
ସେହୁ ଅଟେ ତାଙ୍କ ପାଇଁ ସୁବର୍ଣ୍ଣ ସମାନ।।

ଗୃହ ପାର୍ଶ୍ୱେ ଥିଲେ ମୋତେ ଅଶୁଭ ବୋଲାନ୍ତି
ହୋମକୁଣ୍ଡେ ମୋତେ ଜାଳି ଶୁଭ ମନାସନ୍ତି,
ଧନ୍ୟରେ ମାନବ ଜାତି ତୁମ ବିବେଚନା
ଅଦ୍ଭୁତ ଚରିତ୍ର ତୁମ କଳି ମୁଁ ପାରେନା।।

ଜୀବ-ଶ୍ରେଷ୍ଠ ବୋଲି ନିଜେ ନିଜକୁ ମଣଇ
ଅପକର୍ମ ବଳେ ତାଙ୍କ ହେବି ଧରାଶାୟୀ,
ମାନବର ଅତିଶୟ ଅହିତ ବେଭାର,
ସ୍ୱାର୍ଥ ପାଇଁ କରିଥାନ୍ତି ଅଧର୍ମ ବିଚାର।।

ସ୍ୱାର୍ଥପର ମଣିଷର କି କହିବି କଥା
ଯେଉଁ ଦିଗେ ବର୍ଷା ପୁଣି ସେହି ଦିଗେ ଛତା
ତାଙ୍କ ଘାତେ କୁଳ ଆମ ଯେବେ ଯିବ ନାଶ
ଅପଯଶ ହେବ ତେବେ ଭୁବନେ ପ୍ରକାଶ।।

ସୃଷ୍ଟିର ନିୟନ୍ତା ଆହେ ସୃଷ୍ଟି ଅଧୀଶ୍ୱର
ମାନବ-ମାନସେ ଦିଅ ଉତ୍ତମ ବିଚାର,
ପ୍ରତିଟି ହୃଦୟେ ହେଉ ଜ୍ଞାନର ବିକାଶ
ପ୍ରଭାକର କରେ ହେଉ ଅଜ୍ଞାନର ନାଶ।।

**ପାଟଣାଗଡ଼,ବଲାଙ୍ଗିର**





## ଗୋଲାପ

### ସ୍ୱାଗତିକା ସାହୁ

ମହଣେ ସୁଖର ସୂକ୍ଷ୍ମ ଅଭିଲେଖା
ଚାରୁ ଶୋଭାମୟ ବିଥିକାଟେ ତୁ
ଧରଣୀ ବକ୍ଷରେ ରମ୍ୟ ଉପହାର
ଅନନ୍ୟା ତୁ ସକଳ କୁସୁମ ସମ୍ଭାରେ
ଲାସ୍ୟମୟୀ ହେ ଚାରୁ ଚନ୍ଦ୍ରାବଳୀ
ଗୋଲାପୀ ରଂଗରେ ହୁଅ ଉଛୁଳି
ତୁମ ସାନିଧ୍ୟରେ ଅନେକ ହୁଅନ୍ତି...
ସ୍ୱୟଂ ସମ୍ପୂର୍ଣ୍ଣ। ପ୍ରେମର ଶ୍ରାବଣୀ...!
ମୃଦୁଳ ମଂଜୁଳ ସଦା ଚିର ହରା
ଜହ୍ନ ଜୋଛନାରେ କର ଆନମନା
ଅଜବ ରୂପ ଯେ ଗଜବ ମହକ...
ଲେପୁଅଛ ଯେତେ ପ୍ରଣୟ ଚନ୍ଦନ
ତୁମକୁ ନେଇ ଯେ ପ୍ରେମର ନୀଳୟ
ପ୍ରତି ହୃଦେ ଭରେ ପ୍ରୀତି ଗୁଞ୍ଜରଣ...!
ଗୋଲାପୀ ଓଠେ ତା ହସର ବନ୍ୟା
ବାନ୍ଧେ ସମ୍ପର୍କ ସେତୁର ସୌଜନ୍ୟା ।
ଚୁମନ୍ତି ପ୍ରେମିକ,ରସିକ ନାଗର
ଇତିହାସର ସେ ଅଟେ ରୂପାଜାହ୍ନ
ନାଚୁଛ ସତେ ସାଜି ଅପ୍ସରୀ..
କେଡ଼େ ଫୁଲେଇ ଗେହ୍ଲେଇ ରାଣୀ
ପ୍ରିୟ ହୁଏ ତୁମେ ରାଜା ଦରବାରେ
ପ୍ରେମ ଇନ୍ଦ୍ରଧନୁ ସାଜି ଉଙ୍କି ମାର
ନିଆରା ଢ଼ଙ୍ଗରେ ଆକର୍ଷଣ କର
ଶୋଭ ପ୍ରଭୁଙ୍କ ମଥା,ଚରଣରେ
ବହେ ଅସରନ୍ତି ଭାବ ଆବେଗ ଯେ
ତା ପାଇଁତ ପୁଣି ଗୋଲାପ ଦିବସ ଯେ...!
ଲୁଟି ନିଏ ମନ ଯୌବନ...
ବେଢ଼ଙ୍ଗି ନିଶାରେ ଦିଏ ହଜେଇ
ମଧୁର - ଉଲ୍ଲାସ ଭରା ବସ୍ନାମୟ
ତା ଆଞ୍ଜୁଳାଏ ଚଇତି ପବନ..!
ଅଳସୀ ଅପଘନେ କରି ଶୃଙ୍ଗାର
ଶିଶିର ଭିଜା ଶତଦଳ ତାର
କରେ ପ୍ରଗଳ୍ଭା ଉଠେ ଶିହରଣ...!
ସୁକୁମାରି ସେହି କରେ ଆକର୍ଷଣ
ଯେମିତି ଚୁମ୍ବକ ଲୁହାକୁ ଟାଣେ...
ପ୍ରକୃତି ଶୋଭାକୁ କରେ ସୁମଣ୍ଡିତ
ବିବସ ଜୀବନ ହୁଏ ତା ଅଧୀନ
ଲିଭାଇ ସ୍ମୃତି - ଚିହ୍ନ...!
ଭାଷା ନାହିଁ ତା ଉପମା ପାଖେ ।

**ଉମରକୋଟ, ନବରଙ୍ଗପୁର**



## କୁନ୍ତଳା କୁମାରୀ ଜନ୍ମୋତ୍ସବ

### ପୁଷ୍ପଲତା ମିଶ୍ର

ଧନ୍ୟ ରେ କୁନ୍ତଳା ଧନ୍ୟ ତୁମ କଳା
ଉତ୍କଳ ଶିକ୍ଷା ଭାରତୀ,
ଉତ୍କଳ ସାହିତ୍ୟ କାନନ କୋକିଳ
ଧନ୍ୟ ତୁମେ କବୟିତ୍ରୀ ।।
ଈଶ୍ୱର ଙ୍କ ଦାନ ପାଇ ଶକୁନ୍ତଳା
ସାହିତ୍ୟ ର ମନୋହର,
କବିତା ରଚିଲ ଶେଫାଳୀ ର ପ୍ରୀତି
ସରଳ ଭାଷା ତୁମର ।।
ଭାଷା ରେ ଅମୃତ କଲ ତୁମେ ସୃଷ୍ଟି
ସାନ କୁ କଲ ଆଦର,
ପୂର୍ଣ୍ଣଚନ୍ଦ୍ର ପ୍ରାୟ ଅତୀବ ଉତ୍କୃଷ୍ଟ
ତୁମ କବିତା ର ସ୍ୱର ।।
ଫୁଟିଲା ଫୁଲ କି ଫୁଟିବ କି ଆଉ
ଫୁଟିବ ତ ଫୁଲ କଢ଼ି,
କ୍ଷଣିକ ଜୀବନ ସରି ସରି ଆସେ
ଆଉ ନ ପାରିବ ବଢ଼ି ।।
ଉତ୍କଳ ଆକାଶେ ତୁମେ କ୍ଷଣପ୍ରଭା
ଅକାଳେ ପଡ଼ିଲ ଝରି,
ପ୍ରଭାମୟୀ ତୁମେ ପ୍ରଭାବେ ବିକଶି
ଶେଫାଳୀ କ୍ଷଣିକ ପରି।।
ଭାଷା ସାହିତ୍ୟ କୁ କରିଲ ଉଜ୍ଜ୍ୱଳ
ମହତେ ତ ମହି ଯାନ,
ଭାଷା ର ଉନ୍ନତି ଦେଶ କୁ ଜାଗୃତି
ଧନ୍ୟ ତୁମ ଟିକି ଦାନ ।।
ଭକ୍ତି ଭରେ ଛନ୍ଦା ତୁମ ପାଖେ ବନ୍ଦା ଲ
ତୁମେ ଉତ୍କଳ ଭାରତୀ
କୁନ୍ତଳା କୁମାରୀ ଉତ୍କଳ ଭାରତୀ
ପାଦେ ମୁଁ କରେ ପ୍ରଣତି ।।

**ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୮୪୬୫୭**



## ସମ୍ଭାଷଣ

### ଡଃ ନାରାୟଣ ଚନ୍ଦ୍ର ସେନାପତି

କେବେ ତୁମେ ସାଜ ମଧୁର ସ୍ୱାଗତ
କେବେ ଦିବ୍ୟ ପ୍ରବଚନ
ସଭିଙ୍କ ହୃଦୟେ ବସା ବାନ୍ଧି ରୁହ
ଦେଇ ମଧୁର ବଚନ।
ତୁମରି ଭିତରେ ଲୁଚି ହସୁଥାଏ
ସେନେହ ପୀରତି ଶ୍ରଦ୍ଧା
ମମତା ବନ୍ଧନେ ବାନ୍ଧି ରଖିଥାଅ
ପିଆଇ ଆଦର ସୁଧା।
ତୁମ ଅମାରରୁ ମଧୁ ଶବ୍ଦ ଟିଏ
ଆଉଁସେ ଯଦି କାହାକୁ
ଆପଣାର ମଣି ସଦା ଝୁରୁଥାଏ
ଖୁସିରେ କାଳ କାଳକୁ।
ତୁମ ଭାଷା ଭାବ ଝର ଝରଣାରୁ
ବାକ୍ୟ ଟିଏ ଛୁଇଁଦେଲେ
ପ୍ରେମର ବନ୍ୟାରେ ବୁଡି ଯିବା ପାଇଁ
ମନ ପରା କହେ ଭଲେ।
ତୁମେ ଯଦି କେବେ ମଧୁ ଗୀତି ହୋଇ
ଛୁଅଁ କା କଅଁଳ ମନ
ସବୁ ଦୁଃଖ ଶୋକ ଲିଭିଯାଏ ତାର
ମନ ପାଏ ବୃନ୍ଦାବନ।
ତୁମ ଶରୀରରୁ ନୀତିବାଣୀ ଯେବେ
ଝରି ଦିଏ ଦିବ୍ୟ ଜ୍ଞାନ
ସ୍ମରଣ କରେ ସେ ସ୍ୱାମୀଜୀ ଚାଣକ୍ୟ
ଭକ୍ତି ଭାବେ କହେ ଧନ୍ୟ।
ତୁମେ ଯଦି ଆସ ବେଦ ମନ୍ତ୍ର ଧରି
ଜନ୍ମିଥାଏ ଭକ୍ତି ପ୍ରେମ
ତୁମ କଣ୍ଠସ୍ୱର ଶ୍ରୁତିକୁ ଛୁଇଁଲେ
ହୃଦ ହୁଏ ଅନୁପମ।
ତୁମ ଭାବ ଭଙ୍ଗୀ ସ୍ୱର ଓ ଶବଦ
ଦିଏ ବ୍ୟକ୍ତି ପରିଚୟ
ତୁମକୁ ଯଦି କେ ରୁକ୍ଷ ଟାଣ କରେ
ସଦା ଲଭେ ପରାଜୟ।
ତୁମେ ଯଦି ଆସ ପ୍ରଫୁଲ୍ଲ ହୃଦୟେ
ସଂସ୍କାର ଶୃଙ୍ଖଳା ଧରି
ସଭିଏଁ କୁହନ୍ତି ଭଲ ମଣିଷ ଏ
ନିର୍ମଳ ଏ ନରନାରୀ।
ତୁମ ପାଇଁ ମିଳେ ପ୍ରଶଂସା ସମ୍ମାନ
ତୁମେ ମଣିଷର ଶକ୍ତି
ସେଥିପାଇଁ ପରା ସାଧୁ କହିଥାନ୍ତି
ସମ୍ଭାଷଣ ଆମ ଜ୍ୟୋତି।

**ଜମ୍ବିରା,କେନ୍ଦୁଝର**

## ତୁମେ ମୋ ଜୀବନ ସାଥୀ

### ଦେବେନ୍ଦ୍ର ନାୟକ



ଯାହା ପାଇଁ ମୁଁ ଯେ ବଞ୍ଚିଛି ବଢ଼ିଛି
ଦୁନିଆଁ ଆଗରେ ଆଜି
ପରମପିତା ତୁମେ ଜୀବନ ସାଥୀ
ତୁମ ସ୍ନେହେ ଯାଏ ହଜି।
ଶୟନେ ସପନେ ଅବା ଜାଗରଣେ
ମୋ ଜୀବନ ସାଥୀ ତୁମେ
ତୁମ ବିନା ମୋ'ର ନାହିଁ ଗତି ମୁକ୍ତି
ଡାକେ ମୁଁ ନପଡ଼ି ଭ୍ରମେ।
ତୁମ ପ୍ରେମ ମୋତେ କରିଛି ପାଗଳ
ଝୁରୁଛି ମୁଁ ନିରନ୍ତର
ଯେତେ ବେଳେ ଟିକେ ହୁଏ ଆନ ମନା
ଚେତାଉଛ ବାରମ୍ବାର।
ତୁମେ ମୋ ଜୀବନ ସାଥୀ ହେ ଈଶ୍ୱର
ନାହିଁ କେହି ତୁମ ପରି
ଅବାଟରେ ଗଲେ ବାଟକୁ ଆଣୁଛ
ବୁଝୁଛ ହାରି ଗୁହାରି।
ତୁମେ ମାତା ପିତା ତୁମେ ହର୍ତ୍ତା କର୍ତ୍ତା
ତୁମେ ମୋ ଜୀବନ ସାଥୀ
ହେ ସ୍ୱାମୀ ଦେବତା କେବେ ନ ଭୁଲିବ
ମୁଁ ତୁମ ଚିର ବାସନ୍ତି।
ତୁମକୁ ଜୀବନେ କରି ମୁଁ ଧାରଣ
ପାଇଛି ଅନେକ କିଛି
ଆତ୍ମୀୟ ସ୍ୱଜନ ବନ୍ଧୁ ପରିଜନ
ସଭିଙ୍କ ପ୍ରିୟ ହୋଇଛି।
ଆପଣା ପରର ନ ଥାଏ ଭାବନା
ସଭିଏଁ ଆମ ନିଜର
ତୁମେ ପରମାତ୍ମା ଆମେ ଯେତେ ଆତ୍ମା
ନକରିବ କେବେ ପର।

**ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ**

## ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ଆକ୍ରମଣ, ଏସପିଙ୍କଠାରେ ଅଭିଯୋଗ



**ଭଦ୍ରକ,୯।୨(ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଜଣ ଅସହାୟ ମହିଳାଙ୍କୁ ଗାଁର କେତେକ ପୁରୁଷ ଓ ମହିଳା ମାଡ଼ ମାରିବା ସହ ତାଙ୍କ ଘରେ ପଶି ଟଙ୍କା ଓ ସୁନା ଅଳଙ୍କାର ଆଦି ଲୁଟିନେଇଛନ୍ତି। ଅଧିକନ୍ତୁ ଏହି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଏନେଇ ନ୍ୟାୟ ଦାବିରେ ସମ୍ପୃକ୍ତ ମହିଳା ଜଣଙ୍କ ସ୍ଥାନୀୟ ଏସପିଙ୍କଠାରେ ଅଭିଯୋଗ କରିଛନ୍ତି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନସ୍ଥ ରାଘିଆ ଜେନାସାହିରେ ଏପରି ଅଘଟଣ ଘଟିଥିବା ବେଳେ ପୀଡ଼ିତା ଦ୍ୱୟ ଦିନମଜୁରିଆ ଭାବେ କାମ କରୁଥିବା ପ୍ରମିଳା ଜେନା ଓ ପୂଜା ଜେନା। ବିଳମ୍ବିତ ରାତିରେ ଗାଁର ୨୦ରୁ ଊର୍ଦ୍ଧ୍ୱ ପୁରୁଷ ମହିଳା ଠେଙ୍ଗାବାଡ଼ି ଧରି ପ୍ରମିଳା ଓ ପୂଜାଙ୍କ ଘରେ ପଶିଥିଲେ। ପରେ ସେମାନେ ମହିଳାଙ୍କୁ ନିଷ୍ଠୁର ମାଡ଼ ମାରିବା ସହ ଘରେ ଥିବା ଜିନିଷପତ୍ର ଲୁଟିନେଇଛନ୍ତି। ଏନେଇ ଉଭୟ ପରିବାର ପକ୍ଷରୁ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା କିନ୍ତୁ ଦୁର୍ବୃତ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଆଜି ପ୍ରମିଳା ଓ ନ୍ୟାୟ ପାଇଁ ଭଦ୍ରକ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ତେବେ ପ୍ରମିଳାଙ୍କ ପୁଅ ଘରେ ନଥିବା ସମୟରେ ତାଙ୍କୁ ଆକ୍ରମଣ ହୋଇଥିଲା। ଏଣୁ ଗାଁକୁ ଫେରିଲେ ପୁଣିଥରେ ତାଙ୍କ ପ୍ରତି ଆକ୍ରମଣ ଆଶଙ୍କା କରି ପ୍ରମିଳା ଘରକୁ ବି ଯାଉନାହାନ୍ତି। ତେଣୁ ଏହି ଘଟଣାକୁ ଗୁରୁତର ସହ ବିଚାର କରି ତୁରନ୍ତ ତାଙ୍କୁ ନ୍ୟାୟ ପ୍ରଦାନ ଦିଗରେ ପୁଲିସ ପ୍ରଶାସନ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ନକଲି ଗୁଟ୍‌ଖା କମ୍ପାନୀ ସିଲ୍

## ୨ କର୍ମଚାରୀଙ୍କୁ ଉଠାଇନେଲା ଜିଏସଟି ବିଭାଗ

**କୁନ୍ଦୁରା,୯।୨:** କୋରାପୁଟ ଜିଲା କୁନ୍ଦୁରା ବ୍ଲକ ମସିଗାଁ ପଞ୍ଚାୟତର ବରଗୁଡା, ତରାପୁଟ ଗାଁ ଓ ଦିଗାପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଚାଲିଥିବା ନକଲି ଗୁଟ୍‌ଖା କମ୍ପାନୀ ଉପରେ କେନ୍ଦ୍ର ଏବଂ ଆନ୍ଧ୍ର ଜିଏସଟି ବିଭାଗ ପକ୍ଷରୁ ଶନିବାର ଚଢ଼ାଉ କରି ସିଲ୍ କରାଯାଇଛି। କମ୍ପାନୀ ମୁଖ୍ୟ ଫାଟକ ବାହାରେ ଅଧିକାରୀଙ୍କ ସୁରକ୍ଷା ପାଇଁ ଯବାନ ମୁତୟନ ହୋଇଥିଲେ। କମ୍ପାନୀର ୨ କର୍ମଚାରୀଙ୍କୁ ସେଠାରୁ ଜେରାପାଇଁ ଉଠାଇନେଇଥିବା ଶ୍ରମିକମାନେ କହିଛନ୍ତି। ଏହି ଚଢ଼ାଉ ନେଇ ସ୍ଥାନୀୟ ପୋଲିସ ଓ ଜନ ପ୍ରତିନିଧିଙ୍କ ନିକଟରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଏହି କମ୍ପାନୀରେ ଦଶ ବର୍ଷ ହେବ କାଳୁ ମିଲ୍ ଚାଲିଥିବା ବେଳେ ସ୍ଥାନୀୟ ଶ୍ରମିକ କାମ କରୁଥିଲେ। ଗତ ୨ ବର୍ଷ ହେବ କାଳୁ ମିଲ୍ ବନ୍ଦ ହେବା ପରେ ସେଠାରେ ନକଲି ଗୁଟ୍‌ଖା କମ୍ପାନୀ ଚାଲୁଥିବା ଜଣାପଡ଼ିଛି। କାନପୁର ଓ ମଧ୍ୟପ୍ରଦେଶର ଶତାଧିକ ଶ୍ରମିକ ୩ ମାସ ହେବ କାମ କରୁଥିଲେ। ସେମାନଙ୍କୁ ଗତ ମାସର ମଜୁରି ମିଳି ନ ଥିବା ଓ ଘରକୁ ଫେରିବାକୁ ଟଙ୍କା ନ ଥିବା କହିଛନ୍ତି।

### ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

# ଷ୍ଟ୍ରବେରୀ ଚାଷ ସହ ଜଙ୍ଗଲ ବୁଲିଲେ ଛାତ୍ରଛାତ୍ରୀ

**ଦାରିଙ୍ଗବାଡ଼ି,୯।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବୁଡଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଜଳବାୟୁ ପରିବର୍ତ୍ତନ ଆଉ ଜଙ୍ଗଲ ଓ ପାଣିର ସୁରକ୍ଷା ନେଇ ସଚେତନ କରାଯାଉଛି। ଏଥିପାଇଁ ଛାତ୍ରୀଛାତ୍ର ମାନଙ୍କୁ ବିଦ୍ୟାଳୟ ପକ୍ଷରୁ ରବିବାର ଜିଲାର ଗଦଡ଼ି ଜଙ୍ଗଲ ସମେତ ରାଇକିଆ ବ୍ଲକର ବିଭିନ୍ନ ସ୍ଥାନରେ କରାଯାଇଥିବା ଷ୍ଟ୍ରବେରୀ ଚାଷ ସମେତ ଉଦ୍ୟାନ କୃଷି, କଳିଙ୍ଗିଆଠାରେ ଥିବା ବଟନିକାଲ ଗାର୍ଡେନ, ଭଞ୍ଜନଗର ବନ ବିଭାଗର ଜଙ୍ଗଲ ଆଦି ପରିଦର୍ଶନ କରାଯାଇଛି।

ସେମାନଙ୍କୁ ଜଙ୍ଗଲରେ ଅମଳ ହେଉଥିବା ଜଙ୍ଗଲଜାତୀୟ ସାମଗ୍ରୀ ସହ ଝୁଣା କିଭଳି ସଂଗ୍ରହ କରାଯାଉଛି ଜଙ୍ଗଲରେ ଉଇ ହୁଙ୍କାର ସୃଷ୍ଟି ଓ ପ୍ରକୃତି ସହ ତା'ର ସମ୍ପର୍କ, ସେହିପରି ମହୁଲ ମହାଦ୍ରୁମ ବୃକ୍ଷ ସମେତ ବିଭିନ୍ନ ବୃକ୍ଷକୁ ଚିହ୍ନିବା ଜାଣିବା ଜଙ୍ଗଲରେ ଥିବା ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ସମ୍ପର୍କରେ ଶିକ୍ଷକ



ଓ ଶିକ୍ଷୟିତ୍ରୀମାନେ ଶିକ୍ଷାଦାନ କରିଥିଲେ। ତେବେ ପୂର୍ବ ଭଳି ଏବେ ଜଙ୍ଗଲ ନଷ୍ଟ ହେବାକୁ ବସିଲାଣି ତେଣୁ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣଗୁଡିକ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ସୂଚନା ଦିଆଯାଇଥିଲା।

ଏଥିସହ ଗାଁ ଗାଁରେ ଜଙ୍ଗଲ ସୃଷ୍ଟି କରିବାକୁ ନିଜେ ଗଛ ଲଗାଇବା ସହ ଗାଁ ଗାଁରେ ଲୋକଙ୍କୁ ଗଛ ଲଗାଇବାକୁ ପରାମର୍ଶ ଦେବାକୁ ଛାତ୍ରୀଛାତ୍ର ମାନଙ୍କୁ କୁହାଯାଇଥିଲା। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ଷାର ଅନିୟମିତତା ସହ ଜଳସ୍ତର କମିବା ତାପମାତ୍ରା ପ୍ରତିବର୍ଷ ବୃଦ୍ଧି ପାଇବା କାରଣରୁ ଆଗକୁ ଆହୁରି ସମସ୍ୟା ବୃଦ୍ଧି ପାଇବ ତେଣୁ ଛାତ୍ରୀଛାତ୍ର ମାନଙ୍କୁ ଏନେଇ ଶିକ୍ଷା ଦାନ ପାଇଁ ସିଧା ପ୍ରାକ୍ଟିକାଲ କ୍ଷେତ୍ର ପରିଦର୍ଶନ କରାଯାଇ ଶିକ୍ଷାଦାନ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗ ପକ୍ଷରୁ ଏହି ଶିକ୍ଷା ପ୍ରଦାନ କରାଯିବା ସହ କ୍ଷେତ୍ର ପରିଦର୍ଶନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ସାହୁଙ୍କ ନେତୃତ୍ୱରେ ବାମ ଚନ୍ଦ୍ର ପ୍ରଧାନ,ଦିବ୍ୟ ସିଂହ ପ୍ରଧାନ ଶୁଚିସ୍ମିତା ପ୍ରଧାନ,ଅପର୍ଣ୍ଣା ନାୟକ ପ୍ରମୁଖ ଛାତ୍ରୀଛାତ୍ରଙ୍କ ସହ କ୍ଷେତ୍ର ପରିଦର୍ଶନ କରିବା ସହ ଛାତ୍ରୀଛାତ୍ର ଙ୍କୁ ଜଳବାୟୁ ପରିବର୍ତ୍ତନ, ପରିବେଶ ଓ ଜଙ୍ଗଲ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରିଥିଲେ।

## ପ୍ରୟାସ ପକ୍ଷରୁ ସାମୂହିକ ବିବାହ ଉତ୍ସବ



**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ସାମାଜିକ ଅନୁଷ୍ଠାନ ପ୍ରୟାସ ପକ୍ଷରୁ ଆଜି ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ଗତ ୮ ତାରିଖ ସନ୍ଧ୍ୟାରେ ମେହେନ୍ଦୀ, ମଙ୍ଗନୀ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଆଜି ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ପୂର୍ବାହ୍ନ ୧୧ଟା ସମୟରେ ୟୁନିଟ୍-୨ସ୍ଥିତ ଆର୍ଯ୍ୟ ସଂସ୍କୃତି ମନ୍ଦିରରୁ ୨୫ ଜଣ ବର ବାହାରି ଶ୍ରୀରାମ ମନ୍ଦିରରେ ପହଞ୍ଚିଥିଲେ। ୧୧ତମ ବିବାହ ମହୋତ୍ସବ ଅଭ୍ୟର୍ଥନା କମିଟିର ଆବାହକ ତଥା ଶିକ୍ଷାବିତ୍ ଡଃ ବଦ୍ରିନାଥ ପଟ୍ଟନାୟକ ପ୍ରଥମ କନ୍ୟାଦାନ କରି ଏହି ବିବାହ ମହୋତ୍ସବର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟ ପରିଚାଳକ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପରିଚାଳନା କରିବା ସହ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ସୁରେଶ କୁମାର ପତ୍ରୀ, ଉମାକାନ୍ତ ତାଣ୍ଡି, କମଳ ମହାନ୍ତି, ଜୟନ୍ତ ମହାନ୍ତି, ସଂଗ୍ରାମ ମହାରଣା, କୌସ୍ତୁଭ ଦାସ, ପ୍ରେମ ଅଗ୍ରୱାଲ୍, ଜସମିନ୍ ମହାନ୍ତି, କୌଶିକ ମହାନ୍ତି, ସୋନାଲି ପ୍ରିୟଦର୍ଶିନୀ, ବୃନ୍ଦାବନ ପଢ଼ିହାରୀ, ଚନ୍ଦ୍ରଶେଖର ପଣ୍ଡିତରା, ସୂର୍ଯ୍ୟନାରାୟଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଦ୍ୟାବଧି ପ୍ରୟାସ ପକ୍ଷରୁ ୧୧ ବର୍ଷ ମଧ୍ୟରେ ୨୭୫ଟି ସାମୂହିକ ବିବାହ ସଫଳତାର ସହ ଆୟୋଜିତ ହୋଇସାରିଛି।

### ରିଷ୍ଟ୍ରକ୍‌ଚରିଙ୍ଗ ଆଦେଶ ପ୍ରତ୍ୟାହାର ଦାବି

## ୧୩ରୁ ଇସି ସଦସ୍ୟଙ୍କ ଦିବାରାତ୍ର ଗଣଧାରଣା

**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** କେନ୍ଦ୍ରୀୟ ସ୍କିମ୍ ଏନ୍.ଆର.ଏଲ୍.ଏମ୍ ଅଧୀନସ୍ଥ ଓଡ଼ିଶା ମିଶନ ଶକ୍ତି ବିଭାଗ ଅଧିନରେ କାର୍ଯ୍ୟରତ ଲକ୍ଷାଧିକ ଇସି ସଦସ୍ୟ (କାର୍ଯ୍ୟନିର୍ବାହୀ)ମାନଙ୍କୁ ରିଷ୍ଟ୍ରକ୍ଚରିଙ୍ଗ ଆଳରେ ବହିଷ୍କାର ପାଇଁ ଗତ ୮ ଓ ୨୨ ଜାନୁଆରୀରେ ଜାରି ହୋଇଥିବା ସରକାରୀ ନିର୍ଦ୍ଦେଶ ପ୍ରତ୍ୟାହାର ଦାବି ନେଇ ନିଖିଳ ଓଡ଼ିଶା ଜୀବିକା ମିଶନ୍ ଇସି ସଂଘ ପକ୍ଷରୁ ଆସନ୍ତା ୧୩ ପୂର୍ବାହ୍ନ ୧୦ଟାଠାରୁ ରାଜ୍ୟର ମିଶନ ଶକ୍ତି ଇସି ସଦସ୍ୟମାନେ ଦିବାରାତ୍ର ଗଣଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ନିର୍ଦ୍ଦେଶ ପ୍ରତ୍ୟାହାର ହେବା ପର୍ଯ୍ୟନ୍ତ ଏହି ଗଣଧାରଣା ଚାଲୁ ରହିବ ବୋଲି ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଆଜି ଏଆଇଟିୟୁସି କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସ କହିଛନ୍ତି। କାର୍ଯ୍ୟକାରୀ ସଭାପତି ଶୈଳବାଳା ରଥ କହିଛନ୍ତି ଯେ ଏହି ରିଷ୍ଟ୍ରକ୍ଚରିଙ୍ଗ ହେଲେ ଗତ ୫ ବର୍ଷରୁ ୨୫ ବର୍ଷ ପର୍ଯ୍ୟନ୍ତ ଦୀର୍ଘ ଅବଧିରେ କାର୍ଯ୍ୟରତ ଲକ୍ଷାଧିକ ଇସି ସଦସ୍ୟଙ୍କୁ କାର୍ଯ୍ୟରୁ




ବାହାର କରିଦିଆଯିବ। ସେହିଭଳି ପୂର୍ବରୁ ୫ରୁ ୧୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ସିଏଲ୍ଏଫ୍ ଗଠନ ହେଉଥିବାବେଳେ ଏହି ରିଷ୍ଟ୍ରକ୍‌ଚରିଙ୍ଗ ପରେ ଏହାକ ୨୦ରୁ ୩୯ଟିରେ ପହଞ୍ଚିଯିବ। ଫଳରେ ଦୁଇ-ତୃତୀୟାଂଶରୁ ଅଧିକ ସିଆର୍‌ପି ଓ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଚାକିରିରୁ ବାଦ୍ ପଡ଼ିବେ। ଏହାଦ୍ୱାରା ଇସି ସଦସ୍ୟଙ୍କ ସ୍ୱାର୍ଥହାନୀ ହେବ, ଯାହା କେବଳ ଅଗଣତାନ୍ତ୍ରିକ ନୁହେଁ, ବରଂ ମାନବାଧିକାର ବିରୋଧୀ ବୋଲି ଶ୍ରୀମତୀ ରଥ କହିଛନ୍ତି।

ସେହିପରି ରାଜ୍ୟ ଉପସଭାପତି ପୁଷ୍ପାଞ୍ଜଳି ଜେନା କହିଛନ୍ତି ଯେ ସରକାର ଏହି ଦକ୍ଷତା ସମ୍ପନ୍ନ ସ୍କିମ୍ କର୍ମଚାରୀ ଇସି ସଦସ୍ୟଙ୍କ ଦକ୍ଷତାକୁ ବିଚାରକୁ ନନେଇ ଏମାନଙ୍କୁ କାର୍ଯ୍ୟରୁ ବାହାର କରିବା ନିଷ୍ପତ୍ତି ୧୫ ଲକ୍ଷରୁ ଅଧିକ ମହିଳାଙ୍କ ପରିବାରକୁ ଯନ୍ତ୍ରଣା ଦେଇଛି। ରାଜ୍ୟ ସରକାର ତୁରନ୍ତ ଏହି ନିର୍ଦ୍ଦେଶ ପ୍ରତ୍ୟାହାର କରିବାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ମିଶନ ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଓ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ମଧ୍ୟ ଉପସ୍ଥିତ ଥିଲେ।

## ଆଇଗିଣିଆ ଆଳୁ ଗୋଦାମରେ ବ୍ୟାପକ ଅବ୍ୟବସ୍ଥା

### ବ୍ୟବସାୟୀ ମହାସଂଘର ଫାଣ୍ଡି ପ୍ରତିଷ୍ଠା ପ୍ରସ୍ତାବ

**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ଆଇଗିଣିଆ ଆଳୁ ଗୋଦାମ ଅଞ୍ଚଳରେ ସ୍ୱଚ୍ଛତା କାର୍ଯ୍ୟ ପରଖିଲେ ବିଏମସି ମେୟର ସୁଲୋଚନା ଦାସ। ଗୋଦାମ ଅଞ୍ଚଳରେ ବହୁ ବେଆଇନ ନିର୍ମାଣ ଭଙ୍ଗାଯିବା ସହ ଦେଶୀ ମଦ ଖୋଲାଖୋଲି ବିକ୍ରି ହେଉଥିବାରୁ ଏହାକୁ ଜବତ କରାଯାଇଛି। ନିଶାଡୀ ଓ ବେଆଇନ ମଦ କାରବାର ପାଇଁ ଏହି ଅଞ୍ଚଳର ସାଧାରଣ ଲୋକ ଭୟଭୀତ ବୋଲି ସୂଚନା ଦେଲେ ମେୟର। କିଛି ଦିନ ପୂର୍ବରୁ ଏହି ଅଞ୍ଚଳରୁ ଡ୍ରମ୍ସ ଜବତ ହୋଇଥିଲା। ଦିନ ବେଳେ ବି ଏଠାରେ ଏଭଳି ଚାଲିଛି ନିଶା କାରବାର। ଯେଉଁଥିପାଇଁ ସାଧାରଣ ଲୋକେ, ବ୍ୟବସାୟୀ କିମ୍ବା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଗୋଦାମକୁ ଆସୁଥିବା କେହି ବି ନିଜକୁ ସୁରକ୍ଷିତ ମଣୁନାହାନ୍ତି ବୋଲି ଅଭିଯୋଗ ଆଣିଲେ ମେୟର। ଭରତପୁର ଥାନା ଅଧିକାରୀ, ବ୍ୟବସାୟୀ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଚଢ଼ାଉ କରାଯାଇ ଏସବୁ ଜବତ କରାଯାଇଛି। ଆସନ୍ତାକାଲି ବ୍ୟବସାୟୀ ମହାସଂଘ ସହ ବୈଠକ ହେବ। ପୁରା ଅଞ୍ଚଳକୁ ପାଚେରୀ କରାଯାଇ ବ୍ୟବସ୍ଥିତ କରାଯିବ। ରାଜ୍ୟର



ପ୍ରମୁଖ ଏହି କୁବେରପୁରୀ ଅଞ୍ଚଳରେ ବ୍ୟାପକ ଅଳିଆ ଅଛି, ପାର୍କିଙ୍ଗ ସ୍ଥାନ ନଷ୍ଟ ହୋଇଯାଇଛି ଓ ଡ୍ରେନ ଓ ରାସ୍ତା ମଧ୍ୟ ଭଲ ନାହିଁ। ବିଏମସି ଏସବୁ କରିବ। ସୁଲଭ ସହ କଥାବାର୍ତ୍ତା ହୋଇ ୨ ମାସ ମଧ୍ୟରେ ପବ୍ଲିକ ଟଏଲେଟ ହେବ। ପରିବେଶ ଠିକ ରଖିବାକୁ ସମ୍ପୂର୍ଣ୍ଣ ପ୍ରୟାସ ହେବ। ସବୁଦିନ ସନ୍ଧ୍ୟାରେ ଏହି ଅଞ୍ଚଳରେ ପିସିଆର ବୁଲିବାକୁ ଯୋଜନା ହୋଇଛି। ସନ୍ଧ୍ୟା ହେଲେ ଏଠି ନିଶାଡୀ ବୁଲୁଛନ୍ତି। ତେଣୁ କଡ଼ା ପଦକ୍ଷେପ ନିଆଯିବ। ଆଇଗିଣିଆ ମ୍ୟାନେଜମେଣ୍ଟ କମିଟି ସହ ଆଲୋଚନା ହୋଇ ସବୁ ପଦକ୍ଷେପ ନିଆଯିବ ବୋଲି ମେୟର କହିଛନ୍ତି।

ଆଇଗିଣିଆ ଗୋଦାମ ପରିସରରେ ଏଭଳି ନିଶାଡ଼ି ଓ ବିଶୃଙ୍ଖଳା ବ୍ୟାପକ ହୋଇଥିବା ରାଜ୍ୟ ବ୍ୟବସାୟୀ ମହାସଂଘ ପକ୍ଷରୁ କୁହାଯାଇଛି। ସରକାରଙ୍କ ସହ ଏ ନେଇ ବାରମ୍ବାର ଆଲୋଚନା ହୋଇଛି। ଏବେ ବିଏମସିର ଏଭଳି ପଦକ୍ଷେପକୁ ନେଇ ମେୟରଙ୍କୁ ମହାସଂଘ ପକ୍ଷରୁ ଧନ୍ୟବାଦ ଦିଆଯାଇଛି। ଗୋଦାମ ଅଞ୍ଚଳରୁ ମାଦକଦ୍ରବ୍ୟ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବ ସହ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଛି। ଏହି ଅଞ୍ଚଳରେ ଗୋଟିଏ ପୁଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ସରକାରଙ୍କ ପାଖରେ ଦାବି ରାଜ୍ୟ ବ୍ୟବସାୟୀ ମହାସଂଘ ପକ୍ଷରୁ ଦାବି କରାଯାଇଛି।

## ୧୧ରୁ ଯୋରନ୍ଦା ମେଳା, ପ୍ରସ୍ତୁତି ଜୋରଦାର

**ଢେଙ୍କାନାଳ,୯।୨(ସଂଚାର ବ୍ୟୁରୋ):** ଆସନ୍ତା ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳା। ୨ ଦିନ ଧରି ଧୂମଧାମରେ ପାଳନ ହେବାକୁ ଥିବା ଏହି ମେଳାରେ ଯୋଗଦେବା ସକାଶେ ମହିମା ସାଧୁସନ୍ଥମାନେ ପ୍ରସ୍ତୁତିକୁ ଜୋର୍‌ଦାର କରିଛନ୍ତି। ଏଥିପାଇଁ ସଜେଇ ହୋଇଛି ମହିମା ଧର୍ମର ମୁଖ୍ୟପୀଠ ତଥା ଢେଙ୍କାନାଳର ଯୋରନ୍ଦା ସ୍ଥିତ ମହିମାଗାଦି। ଦେଶର ବିଭିନ୍ନ ପ୍ରାନ୍ତରୁ ମହିମା ସନ୍ୟାସୀ ଓ ଶ୍ରଦ୍ଧାଳୁମାନଙ୍କ ଆଗମନ ସାଙ୍ଗକୁ ପ୍ରସ୍ତୁତି ହୋଇଛି ଏହି ଗାଦିପୀଠ। ତେବେ ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ପୂର୍ବବର୍ଷ ଅପେକ୍ଷା ଜନସମାଗମ ଯଥେଷ୍ଟ ଅଧିକ ହେବେ ବୋଲି ଆଶା ରହିଛି। ସାରା ବିଶ୍ୱରେ ପ୍ରସିଦ୍ଧ ଲାଭ କରିଥିବା ମହିମାଧର୍ମର ମୁଖ୍ୟ ପୀଠ ଢେଙ୍କାନାଳର ଯୋରନ୍ଦା ମହିମାଗାଦି। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟରେ ଧୂମଧାମରେ ଏଠାରେ ପାଳନ ହେବାକୁ ଯାଉଛି ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା। ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ସ୍ଥିତ ଏହି ମହିମା ଗାଦିରେ ମହିମା ସାଧୁଙ୍କର ୧୫୩ତମ ବାର୍ଷିକ ଉତ୍ସବ 'ଯୋରନ୍ଦା ମାଘ ମେଳା' ପାଳନ ହେବାକୁ ଯାଉଛି । ମଙ୍ଗଳବାର ଠାରୁ ୨ ଦିନ ଧରି ଚାଲିବ ଏହି ମେଳା। ଯୋରନ୍ଦା ଗାଦିକୁ ଦେଶର ବିଭିନ୍ନ ପ୍ରାନ୍ତରୁ ମହିମା ସାଧୁମାନଙ୍କର ଆଗମନ ହୋଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଛତିଶଗଡ଼, ମଧ୍ୟପ୍ରଦେଶ, ଆସାମ, ତାମିଲନାଡୁ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଆଦି ଅଞ୍ଚଳରୁ ମହିମା ସାଧୁମାନେ ପ୍ରତିବର୍ଷ ଏଠାକୁ ଆସିଥାନ୍ତି। ଏଥିପାଇଁ ମୁଖ୍ୟ ଗାଦି ମନ୍ଦିର, ଛତିଶ ହାତିଆ ମନ୍ଦିର,



ଅଖଣ୍ଡ ବତୀ ମନ୍ଦିର, ଧୂନି ମନ୍ଦିର ଆଦି ନୂଆ ରଙ୍ଗରେ ରଙ୍ଗେଇ ହୋଇଛି।

ମହିମା ପରମ୍ପରା ମୁତାବକ ମାଘ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରୁ ଅର୍ଥାତ ମଙ୍ଗଳବାର ଠାରୁ ୨ ଦିନ ବ୍ୟାପି ଏହି ମେଳାକୁ ମହିମା ସାଧୁ ପାଳନ କରିବେ । ମାତ୍ର ସ୍ଥାନୀୟ ଲୋକେ ଏହାକୁ ୩ଦିନ ଧରି ବେଶ ଧୁମଧାମରେ ପାଳିବେ । ୧୧ ତାରିଖ ଅଧିବାସ ତଥା ଦେଶ ପୂର୍ଣ୍ଣିମା ଓ ୧୨ତାରିଖକୁ ଗୁରୁପୂର୍ଣ୍ଣିମା ଉତ୍ସବ ଭାବେ ମହିମା ସାଧୁମାନେ ପାଳନ କରି ମେଳା ଉଦଯାପିତ କରିବେ। ମହିମା ସମାଜର ମୁଖ୍ୟ ବାବା ନିତ୍ୟାନନ୍ଦ ଦାସ କହିଛନ୍ତି,"ରୀତିନୀତି ମୁତାବକ ୧୧ ତାରିଖ ପ୍ରାତଃ ସମୟରୁ ମହିମା ପ୍ରଭୁଙ୍କର ନୀତିକାନ୍ତି କରାଯାଇ ସଂନ୍ଧ୍ୟା ୫ଟାରେ ମୁଖ୍ୟ ଗାଦୀ ମନ୍ଦିର ଚତୁଃପାର୍ଶ୍ୱରେ ଝାଡ଼ଦୀପ ପ୍ରଜ୍ୱଳନ କରାଯିବ। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ମେଳାରେ ଲକ୍ଷ ଲକ୍ଷ ସଂଖ୍ୟାରେ ସାଧୁ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ପୁରି ଉଠିବ ମହିମା ଗାଦୀ। ପ୍ରବୁଧ ଗୁରୁ ଶୂନ୍ୟଦେହୀ ମହିମା ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଅଖଣ୍ଡ ବତୀ ଓ ଝାଡ଼ ଦୀପ ପ୍ରଜ୍ୱଳନ କରି ମହଣ ମହଣ ଘୃତାହୁତି କରି ଜଗତର କଲ୍ୟାଣ ମନାସିବେ ମହିମା ସାଧୁ। ଅନ୍ୟପଟେ ମେଳା ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମହିମା ସାଧୁମାନେ ନିଜ ନିଜ ମଧ୍ୟରେ ଆଲୋଚନା କରିଛନ୍ତି । ପ୍ରଶାସନ ସହିତ ମଧ୍ୟ ବାରମ୍ବାର ବୈଠକ କରାଯାଇଛି । ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱାସ୍ଥ୍ୟ, ପରିମଳ,ପାନୀୟ ଜଳ, ଟ୍ରାଫିକ ବ୍ୟବସ୍ଥା ଆଦି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଥିବା ପ୍ରକାଶ କରିଛନ୍ତି ସ୍ଥାନୀୟ ଯୋରନ୍ଦା ଗ୍ରାମ ପଞ୍ଚାୟତର ସରପଞ୍ଚ ଆରତୀ ନାୟକ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏହି ମେଳାରେ ଜନସମାଗମ ହେବାର ଆଶା ରହିଛି। ତେବେ ପାଗ ଅନୁକୂଳ ଥିବାରୁ ଥିବାରୁ ବ୍ୟବସାୟୀ ତଥା ଉଠାଦୋକାନୀମାନେ ମଧ୍ୟ ଭଲ ବ୍ୟବସାୟ ହେବା ନେଇ ଆଶାବାଦୀ ରହିଛି। ମୀନା ବଜାର,ଦୋଳୀ ଓ ଫାଷ୍ଟ ଫୁଡ୍ ଦୋକାନୀମାନେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏନେଇ ବ୍ୟବସାୟୀ ଅରବିନ୍ଦ ପଣ୍ଡା କହିଛନ୍ତି ଯେ ଚଳିତ ବର୍ଷ ଅନୁକୂଳ ପାଗ, ଅପେରା ପାର୍ଟିଙ୍କ ଡେରା ଓ ଦର୍ଶକମାନଙ୍କ ପାଇଁ ଏହି ମେଳା ବେଶ ଜମିବ ବୋଲି ଆଶା ରହିଛି।

# ଶିଶୁଙ୍କ ଭବିଷ୍ୟତ ଭଙ୍ଗା ଚାଳିଆରେ

**କାକଟପୁର/ଅସ୍ତରଙ୍ଗ,୯।୨(ସଂଚାର ବ୍ୟୁରୋ):** ଛୋଟ ଛୋଟ କୋମଳମତି ପିଲାଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ପାଇଁ ଅଙ୍ଗନବାଡି କେନ୍ଦ୍ରରେ ବିଭିନ୍ନ ବ୍ୟବସ୍ଥା କରାଯାଉଛି । ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ କିଛି ଅଙ୍ଗନବାଡି କେନ୍ଦ୍ରରେ ନିଜ୍ଵସ୍ୱ ଗୃହ ନଥିବାରୁ କେଉଁଠି ଭଡା ଘରେ ତ, କେଉଁଠି ଗାଁ ରୋଷଶାଳା ବାରଣ୍ଡାରେ ଆଉ କେଉଁଠି ସାଇକ୍ଲୋନ ସେଣ୍ଟର ର ବିପଦ ସଂକୁଳ ଘରେ ପିଲାଙ୍କ ପାଠ ସହ ରାନ୍ଧିବା, ଖାଇବାକୁ ଦେବା କଷ୍ଟ ସାଧ୍ୟ ହେଉଛି । ସମସ୍ୟା ଭୋଗୁଛନ୍ତି ଅଙ୍ଗନବାଡି କର୍ମୀ ।

୧ରୁ ୩ବର୍ଷ ପିଲାଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ ସରକାର ଗାଁ ଗାଁ ରେ ଅଙ୍ଗନବାଡି କେନ୍ଦ୍ର ଖୋଲିଛନ୍ତି ସତ, ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଅଙ୍ଗନବାଡି କେନ୍ଦ୍ର ଗୁଡିକ କେଉଁଠି ଗାଁ ରୋଷ ଘର ପିଣ୍ଡାରେ ତ ଆଉ କେଉଁଠି ଭଡାଘରେ ତ ଆଉ କେଉଁଠି ବିପଦ ସଂକୁଳ ସାଇକ୍ଲୋନସେଣ୍ଟର ରେ କୁନି କୁନି କୋମଳ ମତି ଶିଶୁଙ୍କୁ ପାଠ ପଢାଯାଉଛି । ନୂତନ ଗୃହ ନିର୍ମାଣ ହୋଇଛି କିନ୍ତୁ ଠିକାଦାରଙ୍କ ବକେୟା ଟଙ୍କା ଦେଇନାହାନ୍ତି କନିଷ୍ଟ ଯନ୍ତ୍ରୀ, ଯାହାକୁ ନେଇ ଦଣ୍ଡ



ପାଉଛନ୍ତି କୁନି କୁନି ପିଲା । ବନ୍ଧା ପଡିଛି ଅଙ୍ଗନବାଡି କେନ୍ଦ୍ର ଯାହାକୁ ନେଇ କେଉଁଠି ବିପଦ ସଂକୁଳ ଘରେ କେଉଁଠି ଭଡା ଘରେ ତ ଆଉ କେଉଁଠି ସ୍କୁଲ ଘରେ ପାଠ ପଢୁଛନ୍ତି। ୧୫ ଟି ନୂତନ ଅଙ୍ଗନବାଡି ଘର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ବିଡ଼ିଓ ହସ୍ତାନ୍ତର କରିନାହାନ୍ତି ।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ୧୫ଟି ପଂଚାୟତ ରେ ୧୭୮ଟି ଅଙ୍ଗନବାଡି କେନ୍ଦ୍ର ଥିବା ବେଳେ ନିଜ୍ଵସ୍ୱ ଗୃହରେ ୧୦୬ଟି କେନ୍ଦ୍ର, କମ୍ୟୁନିଟି ସେଣ୍ଟର ରେ ୨୫ଟି ଅଙ୍ଗନବାଡ଼ି କେନ୍ଦ୍ର, ଭଡାଘରେ ୧୨ଟି ଅଙ୍ଗନବାଡି କେନ୍ଦ୍ର ଓ ସ୍କୁଲଘରେ ୩୫ଟି ଅଙ୍ଗନବାଡି କେନ୍ଦ୍ର ରେ କୁନି କୁନି କୋମଳ ମତି ଶିଶୁ ପାଠ ପଢୁଛନ୍ତି ।

ଅସ୍ତରଙ୍ଗ ବ୍ଲକ ର ନାନପୁର ଅଙ୍ଗନବାଡି କେନ୍ଦ୍ର ଟି ସାଇକ୍ଲୋନସେଣ୍ଟର ଟି ବିପଦ ସଂକୁଳ ଅବସ୍ଥାରେ ଥିବା ବେଳେ କୁନି କୁନି ପିଲା ପାଠ ପଢୁଛନ୍ତି ଏ ନେଇ ନାନପୁର ଗ୍ରାମର ଶିବ ରାଉତ କହିଛନ୍ତି ବାରମ୍ବାର ଜିଲ୍ଲା ପ୍ରଶାସନକୁ ଅବଗତି କରାଇଲେ ମଧ୍ୟ ବିଭାଗୀୟ ଅଧିକାରୀ ଶୁଣୁନାହାନ୍ତି, ଯଦି ବିପଦ ସଂକୁଳ ଘରେ ପିଲା ପାଠ ପଢୁଛନ୍ତି କେବେ କିଛି ଅଘଟଣ ଘଟେ ପ୍ରଶାସନ ଦାୟୀ ରହିବ। ତାଳଦା ପଂଚାୟତ ଡିଆ ଅଙ୍ଗନବାଡି କେନ୍ଦ୍ର ର ନିଜ୍ଵସ୍ୱ ଘର ନଥିବାରୁ ଗାଁ ମନ୍ଦିର ଭୋଗଘର ପିଣ୍ଡା ରେ ନିଜ ଭବିଷ୍ୟତ ଗଢୁଛନ୍ତି କୁନି କୁନି ପିଲା । ବର୍ଷା ଦିନେ ପାଠ ପଢିବା ମଧ୍ୟ କଷ୍ଟକର ହୋଇପଡୁଛି।ଏ ନେଇ ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର କହିଛନ୍ତି ପ୍ରଶାସନିକ ଅଧିକାରୀ ଙ୍କ ସହ ଆଲୋଚନା କରି ଖୁବ ଶୀଘ୍ର ଅଙ୍ଗନବାଡି ଗୃହ ହସ୍ତାନ୍ତର କରାଯିବ।

କୁନି କୁନି କୋମଳ ମତି ପିଲାଙ୍କ ପାଇଁ ସରକାର କେବେ ଦୃଷ୍ଟି ଦେଉଛନ୍ତି ଅଙ୍ଗନବାଡି କେନ୍ଦ୍ର ଗୁଡିକ କେବେ ନିଜସ୍ୱ ଗୃହରେ ଚାଲୁଛି ତାହା ହିଁ ଅପେକ୍ଷା।

### ପେପର୍ କାର୍ଟୁନ କାରଖାନାରେ ଅଗ୍ନିକାଣ୍ଡ

## କୋଟିଏରୁ ଅଧିକ ଟଙ୍କାର ସାମଗ୍ରୀ ନଷ୍ଟ



**ରାୟଗଡ଼ା,୯।୨:** ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ଭାକୁରଗୁଡାଠାରେ ଥିବା ପେପର୍ କାର୍ଟୁନ କାରଖାନାରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଛି। ଖବରପାଇ ରାୟଗଡ଼ା ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦୀର୍ଘ ୩ ଘଣ୍ଟାରୁ ଅଧିକ ସମୟ ପରେ ନିଆଁ ଲିଭା କାମ ସରିଥିଲା। ଏଥିରେ କାରଖାନା ଶ୍ରମିକ ଓ ସ୍ଥାନୀୟ ଲୋକେ ମଧ୍ୟ ସହାୟତା କରିଥିଲେ। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ଅଗ୍ନିକାଣ୍ଡରେ କୋଟିଏରୁ ଅଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡିଛି। ପେପର୍ କାର୍ଟୁନ ସମେତ କଞ୍ଚାମାଲ ଓ କେମିକାଲ ପୋଡ଼ି ପାଉଁଶ ହୋଇଯାଇଛି। ଚାନ୍ଦିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ମିଳିଥିବା ସୂଚନା ମୁତାବକ, ଭାକୁରଗୁଡାସ୍ଥିତ ସତ୍ୟମ ପେପର୍ ଓ ମୁଭର୍ କାରଖାନାରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ହଠାତ୍ ଏକ କେମିକାଲ ଗୋଦାମରୁ ନିଆଁ ଲାଗି ପୂରା କାରଖାନାକୁ ବ୍ୟାପି ଯାଇଥିଲା ବୋଲି କାରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅପରପକ୍ଷରେ ଏତେବଡ଼ କାରଖାନାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଠିକ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଏଭଳିକି ନିଆଁ ଲିଭାଇବାକୁ କର୍ମଚାରୀ ମଧ୍ୟ କାରଖାନାରେ ନିଯୁକ୍ତି ପାଇନାହାନ୍ତି। ନିଆଁ ଲାଗିବାର ପ୍ରକୃତ କାରଣ ତଦନ୍ତ ଚାଲିଥିବା ସହକାରୀ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ବେହେରା କହିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ଭକ୍ତିର ଶ୍ରେଷ୍ଠତା-ଭକ୍ତ ଯେତେବେଳେ ଈଶ୍ୱରଙ୍କ ଶ୍ରୀପଦରେ ନିଜକୁ ପୂର୍ଣ୍ଣ ସମର୍ପିତ କରିଦିଏ, ସେତେବେଳେ ସରା ଜଗତ ତା' ପଦରେ ସମର୍ପିତ ହୋଇଯାଏ।

SANCHAR
ସଂଚାର



# ଏଲଏସିରେ ଶାନ୍ତି ଓ ସ୍ଥିରତା

ଭାରତ ଓ ଚୀନ ମଧ୍ୟରେ ନିର୍ଦ୍ଧାରିତ ବାସ୍ତବ ସୀମା ରେଖା ଯାହା ଏଲଏସି ନାମରେ ପରିଚିତ ତାହା ଏବେ ଶାନ୍ତ ପଡ଼ିଛି। ୨୦୨୦ରୁ ଏହା ଅଶାନ୍ତ ଏବଂ ଅସ୍ଥିର ରହିଥିଲା। ୨୦୨୦ ମେ'ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚୀନ ସେନା ମୁହାଁମୁହିଁ ହେବା ପରେ ଉଭୟ ପକ୍ଷ ମଧ୍ୟରେ ଏକ ପ୍ରକାର ଖଣ୍ଡଯୁଦ୍ଧ ହୋଇଥିଲା। ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଥିଲେ। ପରେ ଏଲଏସିର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଚୀନ ସେନା ଭାରତୀୟ ସୀମାରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିବା ବେଳେ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ହୋଇଛି। କହିବା ବାହୁଲ୍ୟ ଯେ, ଏଲଏସି ହେଉଛି ବିଶ୍ୱର ସବୁଠାରୁ ଦୀର୍ଘତମ ଦ୍ୱିପାକ୍ଷିକ ଭୌଗଳିକ ସୀମାରେଖା। ଏହା ମଧ୍ୟ ବିଶ୍ୱର ସବୁଠାରୁ ବିପଜ୍ଜନକ ଏବଂ ଆନ୍ତ ସୀମା। ପାକିସ୍ତାନ ସହିତ ସୀମାରେଖା ବା ଏଲଓସି ଏବଂ ଚୀନ ସହିତ ସୀମାରେଖା ଏଲଏସି ଅତି ନିକଟତର ଏବଂ ଉଭୟ ସୀମାରେଖା ଭାରତ ପାଇଁ ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଭାରତକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡ଼ୁଛି। ଏହା ଭାରତର ସୁରକ୍ଷା ଏବଂ ନିରାପତ୍ତା ସହ ଜଡ଼ିତ। ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ଗତ ୪ ବର୍ଷ ହେବ ଭାରତ ସରକାର ଚୀନ ସହ ବରାବର କୂଟନୈତିକ ଏବଂ ସାମରିକ ସ୍ତରରେ ଆଲୋଚନା ଜାରି ରଖିଛନ୍ତି। ଏହା ଫଳରେ ଉଭୟ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି ଏବଂ ୨୦୨୦ର ସ୍ଥିତି ବଜାୟ ରଖିବାକୁ ସ୍ଥିର କରାଯାଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ଭାରତୀୟ ସେନା ପାଟ୍ରୋଲିଂ କରିବେ। ଦୀର୍ଘ ୫ ବର୍ଷ ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚୀନ ରାଷ୍ଟ୍ରମୁଖ୍ୟ ସି ଜିନ ପିଙ୍ଗଙ୍କ ମଧ୍ୟରେ ଆନୁଷ୍ଠାନିକ ଭାବେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ଋଷିଆର କାଜାନ ସହରରେ ଅନୁଷ୍ଠିତ ୧୬ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଦୁଇ ନେତାଙ୍କ ମଧ୍ୟରେ ଏହି ଆଲୋଚନା ବୈଠକ ହୋଇଥିଲା। ଆଲୋଚନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୀମାରେ ଶାନ୍ତି ବଜାୟ ରଖିବାକୁ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ।




ପାରସ୍ପରିକ ବିଶ୍ୱାସ, ସମ୍ମାନ ଏବଂ ସଦଭାବନା ମାଧ୍ୟମରେ ଏହା ସମ୍ଭବ। ତେବେ ଚୀନ ରାଷ୍ଟ୍ରପତି ଜିନ ପିଙ୍ଗ ଏହାକୁ କେତେଦୂର ଗ୍ରହଣ କରିଛନ୍ତି ବା ଏହାକୁ କେତେଦୂର କାର୍ଯ୍ୟକାରୀ କରିବେ ତାହା ସନ୍ଦେହରେ। କାରଣ ଯେତେବେ ଯାହା ହେଲେବି ଚୀନ ନିଜର ବିସ୍ତାରବାଦୀ ଚରିତ୍ରକୁ କେବେ ହେଲେ ପରିତ୍ୟାଗ କରି ନାହିଁ କିମ୍ବା କରିବ ନାହିଁ। ଅତୀତରେ ବାରମ୍ବାର ଏହା ପ୍ରମାଣିତ ହୋଇଛି। ଚୀନର ପ୍ରତିଶ୍ରୁତି ସବୁ ବେଳେ ପାଣିର ଗାର ହୋଇଛି। ଚୀନ ପାଇଁ ବନ୍ଧୁତା କେବଳ ଲାଭକ୍ଷତିର ହିସାବ ଉପରେ ଆଧାରିତ। ମୋଦି ଓ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ପୂର୍ବପରି ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। କିନ୍ତୁ ସମୟ କହିବ ଚୀନ ଏହି ବୁଝାମଣାକୁ କେତେଦୂର କାର୍ଯ୍ୟକାରୀ କରିବ ବା ଗ୍ରହଣ କରିବ। କାରଣ ଭାରତ ସହ ଚୀନର ସୀମା ବିବାଦ ଅନେକ ଦଶନ୍ଧି ପୁରୁଣା। ଅରୁଣାଚଳ ପ୍ରଦେଶରୁ ଆରମ୍ଭ କରି ଲଦାଖ ପର୍ଯ୍ୟନ୍ତ ଏହି ବିବାଦ ପରିବ୍ୟାପ୍ତ। ଭାରତର ଅରୁଣାଚଳ ପ୍ରଦେଶକୁ ଚୀନ ସର୍ବଦା ନିଜର ଅଞ୍ଚଳ ଭାବେ ଦାବି କରି ଆସୁଛି। ପ୍ରତିବର୍ଷ ଚୀନ ସରକାରଙ୍କ ପକ୍ଷରୁ ଜାରି ହେଉଥିବା ମାନଚିତ୍ରରେ ଅରୁଣାଚଳକୁ ନିଜର ଅଞ୍ଚଳ ଭାବେ ଚୀନ ଚିତ୍ରଣ କରି ଆସୁଛି। ପ୍ରତିବର୍ଷ ଭାରତ ଏହାର ପ୍ରତିବାଦ କରି ଆସୁଛି। କିନ୍ତୁ ସ୍ଥିତିରେ ପରିବର୍ତ୍ତନ ଆସୁନି କିମ୍ବା ଚୀନ ଭାରତର ପ୍ରତିବାଦକୁ ଗ୍ରହଣ କରୁନାହିଁ। ୧୯୬୨ରେ ଭାରତ-ଚୀନ ଯୁଦ୍ଧରେ ଅରୁଣାଚଳ ପ୍ରଦେଶର ଏକ ବଡ଼ ଅଞ୍ଚଳ ଚୀନ ଦଖଲକୁ ଚାଲିଯାଇଛି। ଏହାବ୍ୟତିତ କାଶ୍ମୀର ଏବଂ ଲଦାଖର ଅନେକ ଅଞ୍ଚଳକୁ ମଧ୍ୟ ଚୀନ ଜବର ଦଖଲ କରିଛି। ୧୯୬୨ରେ ଭାରତର ସାମରିକ ଶକ୍ତି ଚୀନର ମୁକାବିଲା ପାଇଁ ପର୍ଯ୍ୟାପ୍ତ ନଥିଲା। ତେଣୁ ଭାରତ ଚୀନଠାରୁ ଏସବୁ ଅଞ୍ଚଳ ଛଡ଼ାଇ ଆଣିପାରିଲା ନାହିଁ। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଭୁଲ ନୀତି ଯୋଗୁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ଚୀନ ବାରମ୍ବାର ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଅନୁପ୍ରବେଶ କରିବା ଲାଗି ପ୍ରୟାସ କରିଛି। ଅନେକ ଥର ଭାରତ ଓ ଚୀନ ସେନା ଏଥିଲାଗି ଏଲଏସିରେ ମୁହାଁ ମୁହିଁ ହୋଇଛନ୍ତି। ତିନି ବର୍ଷ ତଳେ ଲଦାଖର ଗଲୱାନ ଉପତ୍ୟକାରେ ଚୀନ ସେନା ଭାରତୀୟ ଅଞ୍ଚଳରେ ଅନୁପ୍ରବେଶ ଲାଗି ଉଦ୍ୟମ କରିବା ଫଳରେ ଉଭୟ ସେନା ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଥିଲା ଏବଂ ଭାରତୀୟ ସେନାର ଅନେକ ଏଥିରେ ପ୍ରାଣ ହରାଇଥିଲେ। ଅରୁଣାଚଳ ପ୍ରଦେଶରେ ମଧ୍ୟ ଭାରତ ଓ ଚୀନ ସେନା ବାରମ୍ବାର ମୁହିଁ ମୁହିଁ ହୋଇଛନ୍ତି। ଉଭୟ ଦେଶ ମଧ୍ୟରେ ସୀମା ବିବାଦର ସମାଧାନ ଲାଗି ଉଭୟ ପକ୍ଷର ସେନାଧିକାରୀଙ୍କ ମଧ୍ୟରେ ଅନେକ ଥର ଆଲୋଚନା ହେଲାଣି। କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନି। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନହାଇପାରିବ ଏଭଳି ବିଶ୍ୱାସ ଆଉ ନାହିଁ। ଚୀନ ତା'ର ବିସ୍ତାରବାଦୀ ନୀତି ପରିହାର ନକରିବା ପର୍ଯ୍ୟନ୍ତ ବିବାଦର ସମାଧାନ ହୋଇପାରିବ ନାହିଁ। କେବଳ ଅରୁଣାଚଳ ପ୍ରଦେଶ ନୁହେଁ, ଲଦାଖ,ହିମାଚଳ ପ୍ରଦେଶ ଏବଂ କାଶ୍ମୀରର କିଛି ଅଞ୍ଚଳ ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇଛି। ଭାରତ ଭଳି ହଂକଂ ଏବଂ ତାଇୱାନକୁ ଚୀନ ନିଜ କବଜାରେ ରଖିବାକୁ ଉଦ୍ୟମ କରୁଛି। ଦକ୍ଷିଣ ଚୀନ ସାଗରରେ ଚୀନ ନିଜର ଏକାନ୍ତ ଆଧିପତ୍ୟ ବିସ୍ତାର କରିବାକୁ ପ୍ରୟାସ କରୁଛି। ଫଳରେ ଏ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଭାରତ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅଶାନ୍ତିର ମୂଳ କାରଣ ହେଉଛି ଚୀନ। ଏହାର ମୁକାବିଲା ଲାଗି ଆମେରିକା, ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ମିଳିତ ହୋଇ ଏକ ନୂଆ ସଙ୍ଗଠନ ଗଠନ କରିଛନ୍ତି। ଚୀନ ଏହାକୁ ତାଚ୍ଛଲ୍ୟ କରୁଥିଲେ ମଧ୍ୟ ଏହାକୁ ଭୟ କରୁଛି। ଚୀନର ଏହି ସଂକୀର୍ଣ୍ଣ ମାନସିକତା ଆଧୁନୀକ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଯାହା କହିଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ଯେ, ଏଲଏସି ନେଇ ଯେଉଁ ବୁଝାମଣା ହୋଇଛି ତାହାକୁ ଚୀନ କେତେଦୂର ନିଷ୍ଠାର ସହ କାର୍ଯ୍ୟକାରୀ କରିବ ତାହା ସମୟକ୍ରମେ ଜଣାପଡ଼ିବ। ଅର୍ଥାତ ଚୀନ ସହ ବୁଝାମଣା ହୋଇଥିଲେ ମଧ୍ୟ ତାହାର କାର୍ଯ୍ୟକାରୀତା ନେଇ ଭାରତର ସନ୍ଦେହ ରହିଛି। ବେଜିଂକୁ ବିଶ୍ୱାସ ନାହିଁ। ଅତୀତରେ ଅନେକ ଥର ଚୀନ ଭାରତକୁ ଧୋକା ଦେଇଛି। ୧୯୬୨ର ଯୁଦ୍ଧ ଥିଲା ଚୀନ ଧୋକାଦାରୀର ନମୁନା। ୧୯୬୨ ତୁଳନାରେ ଭାରତୀୟ ସେନା ଏବେ ଅଧିକ ସୁଦୃଢ଼ ଏବଂ ଶକ୍ତିଶାଳି। ଏବେ ବି ଚୀନ ସହ ଭାରତ ପ୍ରତିରକ୍ଷା ଦୃଷ୍ଟିରୁ ସମକକ୍ଷ ହୋଇପାରିନି। କିନ୍ତୁ ଚୀନ ସେନାର ଜବାବ ଦେବାକୁ ଭାରତ ସମର୍ଥ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନିଷ୍ପତ୍ତି, ଭବିଷ୍ୟତ ଦୃଷ୍ଟିଭଙ୍ଗୀ ଏବଂ ଯୋଜନା ବାସ୍ତବରେ ପ୍ରଶଂସନୀୟ। ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଏବେ ଆତ୍ମନିର୍ଭରଶୀଳ। ଏହାକୁ ଚୀନ ଆଉ ହୀନ ଦୃଷ୍ଟିରେ ଦେଖିପାରିବ ନାହିଁ। ଚୀନ ସହ ଭାରତ ସାମରିକ କ୍ଷେତ୍ରରେ ସମକକ୍ଷ ହେବାକୁ ଉଦ୍ୟମ କରିବା ବଡ଼ କଥା। ଏଥିଲାଗି ହୁଏତ ଶହେ ବର୍ଷ ଲାଗିଯାଇପାରେ। କିନ୍ତୁ ଭାରତ ନିଜକୁ ସେହି ସ୍ଥିତିକୁ ନେଇଯିବା ଉଚିତ ଯେପରିକି ଚୀନ ବା ଅନ୍ୟ କେହି ଭାରତ ସହ ମୁକାବିଲା କରିବା ପୂର୍ବରୁ ଏହାର ପରିଣାମ ସମ୍ପର୍କରେ ତିନି ଥର ଚିନ୍ତା କରିବାକୁ ବାଧ୍ୟ ହେବ। କେବଳ ଚୀନ ନୁହେଁ, ପାକିସ୍ତାନ ମଧ୍ୟ ସାମରିକ ଦୃଷ୍ଟିରୁ ଭାରତ ପ୍ରତି ଏକ ବିପଦ। ଏହାର ଉଚିତ ମୁକାବିଲା ନିମନ୍ତେ ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ପଡ଼ିବ।

# ଯୋଗକଳ୍ପା ଓ ତ୍ରିକାଳଦର୍ଶୀ ବୈଷ୍ଣବ କବି ଶ୍ରୀ ଅଚ୍ୟୁତାନନ୍ଦ ଦାସ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଅଚ୍ୟୁତାନନ୍ଦ ଦାସ ଓଡ଼ିଶାର କଟକ ଜିଲ୍ଲାସ୍ଥିତ ନେମାଳ ପାଖରେ ଥିବା ତିଳକଣା ଗାଁରେ ମାତା ପଦ୍ମାବତୀ ଓ ପିତା ଦୀନବନ୍ଧୁ ଖୁଣ୍ଟିଆଙ୍କ ଔରସରୁ କରଣ ପରିବାରରେ ଜନ୍ମଲାଭ କରିଥିଲେ କ୍ଷ ତାଙ୍କ ପୂର୍ବ ପୁରୁଷଙ୍କ ସଂଜ୍ଞା ମହାନ୍ତି ଥିଲା କିନ୍ତୁ ତାଙ୍କ ପିତା ଦୀନବନ୍ଧୁ ମହାନ୍ତି ଗଜପତି ପ୍ରତାରୁଦ୍ର ଦେବଙ୍କ ଶାସନରେ ଖୁଣ୍ଟିଆ ପାହ୍ୟାରେ କାର୍ଯ୍ୟରତ ଥିବାରୁ ତାଙ୍କ ପିତାଙ୍କୁ ଖୁଣ୍ଟିଆ ସଂଜ୍ଞା ମିଳିଥିଲା। ଅଚ୍ୟୁତାନନ୍ଦ ଦାସ ତାଙ୍କ ବଂଶ ବିଷୟରେ ବର୍ଣ୍ଣନା କରିବାବେଳେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ପିତା ପୁରୀର ଜଗନ୍ନାଥ ମନ୍ଦିରରେ ନିୟୋଜିତ କରଣ ସେବାୟତ ହୋଇଥିବାବେଳେ ତାଙ୍କ ଜେଜେବାପା ଗୋପୀନାଥ ମହାନ୍ତି ଗଜପତି ରାଜାମାନଙ୍କର ମୁଖ୍ୟ ଉପଦେଶକାର "ଛାମୁ କରଣ" ଭାବରେ କାର୍ଯ୍ୟରତ ଥିଲେ। ଅଚ୍ୟୁତାନନ୍ଦ ତାଙ୍କ ସମୟର ଏକ ସମ୍ଭ୍ରାନ୍ତ କରଣ ପରିବାରରେ ଜନ୍ମଗ୍ରହଣ କରିଥିବା ସତ୍ତ୍ୱେ ସେ କେଉଟ ଏବଂ ଗୌଡ଼ ପରି ସମ୍ପ୍ରଦାୟ ସହ ଜଡ଼ିତ ଥିଲେ ଏବଂ ଓଡ଼ିଆ ସମାଜରେ ସେମାନଙ୍କର ସାମାଜିକ ସ୍ଥିତିକୁ ସୁଧାରିବା ପାଇଁ ସେମାନଙ୍କ ସମ୍ପ୍ରଦାୟ ପାଇଁ ଅନେକ ଗ୍ରନ୍ଥ ଲେଖିଥିଲେ। ଉପରୋକ୍ତ ସମ୍ପ୍ରଦାୟଗୁଡ଼ିକ ଅଚ୍ୟୁତାନନ୍ଦ ଦାସଙ୍କୁ ସେମାନଙ୍କ ପୃଷ୍ଠପୋଷକ ଭାବେ ବିବେଚନା କରନ୍ତି। ସେ ନିଜ ରଚନା ଶୂନ୍ୟସଂହିତାରେ ସେ ପୂର୍ବ ଜନ୍ମରେ ସୁଦାମା ହୋଇଥିବାର ଉଲ୍ଲେଖ କରିଛନ୍ତି।

ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ୧୬ଶ ଖ୍ରୀ.ର ପ୍ରାରମ୍ଭ ବେଳକୁ ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିବା ଜଣେ ଯୋଗକଳ୍ପା ଓ ତ୍ରିକାଳଦର୍ଶୀ ବୈଷ୍ଣବ କବି। ତାଙ୍କ ରଚିତ ୧୦୦ ମାଳିକା ମଧ୍ୟରୁ ଭବିଷ୍ୟ ମାଳିକା, ଜାଇଫୁଲ ମାଳିକା, ଦଶପଟଳ ମାଳିକା, କଳିଯୁଗ ମାଳିକା ଆଦି ଖୁବ୍ ଲୋକାଦୃତ। ସେ ନିଜ ରଚନା ଶୂନ୍ୟସଂହିତାରେ ଆତ୍ମପରିଚୟ ଦେଇ ଲେଖିଛନ୍ତି ଯେ ସେ ପୂର୍ବ ଜନ୍ମରେ ସୁଦାମ ଥିଲେ। ଓଡ଼ିଆ ଭାଷାରେ ଯୋଗ, ପୁରାଣ ଓ ଆଗତ ଭବିଷ୍ୟ ଉପରେ ଆଧାରିତ ୩୬ଟି ସଂହିତା, ୭୮ଟି ଗୀତା, ୧୦୦ଟି ମାଳିକା, ଅନେକ ଭଜନ, ଚଉପଦୀ ଏବଂ ଜଣାଣ ଏହିପରି ପାଖାପାଖି ୧୬୦,୦୦୦ ପଦ୍ୟାବଳୀ ସେ ରଚନା କରିଯାଇଛନ୍ତି। ଏହା ସହିତ ସେ ଅନେକ ଭଜନ ଚୌପଦୀ ଲେଖିଛନ୍ତି। ଯୋଗ, ଜ୍ୟୋତିଷ, ଦର୍ଶନ, ବାସ୍ତୁ, ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ଆୟୁର୍ବେଦ ତଥା ଏହିପରି ଅନେକ ବିଷୟ ଏବଂ ବିଦ୍ୟାରେ ତାଙ୍କର ପାରଦର୍ଶୀତା ଥିବାରୁ ତାଙ୍କୁ ଓଡ଼ିଶାର ପୁରପଲ୍ଲୀରେ 'ମହାପୁରୁଷ' ଭାବେ ଲୋକେ ଅଭିହିତ କରନ୍ତି। ଅଚ୍ୟୁତାନନ୍ଦ ଶରୀରତତ୍ତ୍ୱ ଭଳି କଠିନ ଦାର୍ଶନିକ ବିଷୟଗୁଡ଼ିକୁ ସରଳ ଓଡ଼ିଆ ଭାଷାରେ ଲେଖିଛନ୍ତି। ଅଚ୍ୟୁତାନନ୍ଦ ନିରାକାର ଭଜନର ମହତ୍ତ୍ୱ ବିଷୟରେ ବାରମ୍ବାର ଲେଖିଛନ୍ତି। ସେ ଲେଖିଛନ୍ତି -

"ମୋହ ଶପଥ ତୋତେ ଆହୋ ବାବୁ /ଏ ଭଜନ ସୂତ୍ର ସୂତ୍ରେ ଭଜିବୁ। କିଏ କାହାର ମିଥ୍ୟା ଯେ ସଂସାର / ଆପେ ତରିଲେ ଆଉ କେ କାହାର। ଆପକୁ ଆପେ ଚିହ୍ନିଲେରେ ବାବୁ / କାଳେ କାଳେ ଅଜାମର ହୋଇବୁ। ସୁଖେ ପାରିହେବୁ ଭବସାଗର / ବୁଲିଗଲା ପ୍ରାୟେ ଯିବ ଶରୀର"। ତାଙ୍କ ନିଜ ଲେଖାରୁ ତାଙ୍କର ଚୈତନ୍ୟଙ୍କ ସହ କିପରି ଭେଟ ହୋଇଥିଲା ବର୍ଣ୍ଣନା ରହିଛି। ସେ ଲେଖିଛନ୍ତି ଯେ- ଚୈତନ୍ୟ ଗୋସାଇଁ ବିଜେ କରିଛନ୍ତି ବଡ଼ଦାଣ୍ଡରେ ଯେ ଆସି /ପିତାଙ୍କ ସଙ୍ଗରେ ଦର୍ଶନ କଲି ମୁଁ ଚରଣେ ପଡ଼ିଲି ଝାସି।

ଅଚ୍ୟୁତାନନ୍ଦଙ୍କ ୩୦୦୦ ଭକ୍ତ ବା ଶିଷ୍ୟ ଥିଲେ। ଏହି ଭିତରୁ ଉତ୍ତମ ଶିଷ୍ୟ ୫୦୦। ପ୍ରାଚୀକୂଳରେ ଅଚ୍ୟୁତଙ୍କ ୧,୦୦୦ ଭକ୍ତ ଥିଲେ। ଅନନ୍ତପୁର ଶାସନର ଶର୍ମ୍ମା ଦ୍ୱିଜବର, ପ୍ରାଚୀ କୂଳର ଦାସ ମହାପାତ୍ର, ଗଣେଶ ପତି, ଗଣକକୁଳ କାହ୍ନୁଙ୍କ ପୁତ୍ର ପରୀକ୍ଷିତ,



ଯାଜପୁର ବନ୍ଧୁ ମହାନ୍ତି ଆଦି ଦାସଙ୍କ ପ୍ରମୁଖ ଶିଷ୍ୟ ଥିଲେ। ସେ ସମୟରେ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାର ରାଜା ଥିଲେ। ଦାସଙ୍କ ଶୂନ୍ୟଭଜନ କଥା ରାଜା ଶୁଣିପାରିଲେ ଓ ଶୂନ୍ୟଭଜନ କି ପ୍ରକାର ତାହା ଜାଣିବା ଲାଗି ଅଚ୍ୟୁତଙ୍କ ସହ ଅନେକ କଟାଳ କଲେ। ବ୍ରାହ୍ମଣମାନେ ଏହା ଶୁଣି ଉପହାସ କଲେ। ଦାସଙ୍କର ଉପହାସ ପ୍ରତି ଭ୍ରୂକ୍ଷେପ ନ ଥିଲା। ଦାସେ ରାଜାଙ୍କ ଆଜ୍ଞା ପାଇ ସଙ୍କଟରେ ପଡ଼ିଲେ ମାତ୍ର ଶେଷକୁ ପରୀକ୍ଷା ହେବା ସ୍ଥିର କରାଗଲା। ପୁରୀ ସହରର ବାଙ୍କି ମୁହାଁଣ ନିକଟସ୍ଥ ଶୂନ୍ୟ ବାଙ୍ଗିଠାରେ ପରୀକ୍ଷା ହେଲା। ପରୀକ୍ଷା ପରେ ରାଜା ସନ୍ତୁଷ୍ଟ ହୋଇ ଓ ସେହି ସ୍ଥାନରେ ବାସ କରିବା ଲାଗି ଅଚ୍ୟୁତଙ୍କୁ ଆଜ୍ଞା ଦେଲେ। ଅଦ୍ୟାବଧି ଏହି ସ୍ଥାନରେ ଗୋଟିଏ ମଠ ରହିଛି ଯାହାର ନାମ ଗୋପାଳ ମଠ। ଅଚ୍ୟୁତାନନ୍ଦ ଶରୀରତତ୍ତ୍ୱ ଭଳି କଠିନ ଦାର୍ଶନିକ ବିଷୟଗୁଡ଼ିକୁ ସରଳ ଓଡ଼ିଆ ଭାଷାରେ ଲେଖିଛନ୍ତି।

ତାଙ୍କ ରଚନା ମଧ୍ୟରେ ହରିବଂଶ ପୁରାଣ, ଆଗତ-ଭବିଷ୍ୟ ମାଳିକା, ଜାଇଫୁଲ ମାଳିକା, ଦଶପଟଳ ମାଳିକା, କଳିଯୁଗ ମାଳିକା, ଗୁରୁଭକ୍ତି ଗୀତା, ବ୍ରହ୍ମ ଏକାକ୍ଷର ଗୀତା, ଶୂନ୍ୟ ଗୀତା,, କୈବର୍ତ୍ତ ଗୀତା, କଳିଯୁଗ ଗୀତା, ଗରୁଡ଼ ଗୀତା, ଶୂନ୍ୟ ସଂହିତା, ଅଣାକାର ସଂହିତା, ବଟ ସଂହିତା, ଛାୟା ସଂହିତା,, ବୀଜ ସଂହିତା, ବ୍ରହ୍ମ ସଂହିତା, ନିତ୍ୟ ରାହାସ, ମହାନିତ୍ୟ ରାହାସ, ଶୂନ୍ୟ ରାହାସ, କଳ୍ପ ଟୀକା, ଚନ୍ଦ୍ରକଳ୍ପ ଟୀକା, ପଦ୍ମକଳ୍ପ ଟୀକା, ଷୋଡ଼ଶ ପଟଳ, ଗୋପାଳଙ୍କ ଓଗାଳି ଓ ଲଉଡ଼ି ଖେଳ ଆଦି ଖୁବ୍ ଉଚ୍ଚାଙ୍ଗ ଆଉ ଲୋକାଦୃତ। ଅଚ୍ୟୁତାନନ୍ଦ ଦାସ ଓଡ଼ିଶାର କଟକ ଜିଲ୍ଲାସ୍ଥିତ ନେମାଳ ପାଖରେ ଥିବା ତିଳକଣା ଗାଁରେ ମାତା ପଦ୍ମାବତୀଙ୍କଠାରୁ ଓ ପିତା ଦୀନବନ୍ଧୁ ଖୁଣ୍ଟିଆଙ୍କ ଔରସରୁ ଜନ୍ମଲାଭ କରିଥିଲେ। ସେ ନିଜର ଜନ୍ମ ଗୋପାଳ ଜାତିରେ ହୋଇଥିବା ନିଜେ ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି -

"ତିଳକଣାରେ ମୁଁ ଜନମ ହୋଇଲି କେହି ନ ଚିହ୍ନିଲେ ମୋରେ /ଅଗଣିତ ବୋଲି ମାତା ଡାକୁଥାନ୍ତି ଅନ୍ନ ନ ମିଳଇ ଘରେ। ବେନି ଭ୍ରାତ ମୋର ଏକ ଯେ ଭଗିନୀ ତ୍ରିପୁର ଗ୍ରାମରେ ବାସ /ଏମନ୍ତ ମୋ ମାତା ପିଅର ବଞ୍ଚନ୍ତି ଗ୍ରାମରେ କରି ନିବାସ। ନାମ ମୋ ଅଚ୍ୟୁତ ଦାସ ଯେ ବିଖ୍ୟାତ ନେମାଳ ଗ୍ରାମରେ ଥାଇ / ଏବେ ଶୂଦ୍ରକୁଳେ ଜନମ ଲଭିଛି ପ୍ରଭୁଙ୍କ ଆଜ୍ଞାରୁ ମୁହିଁ। ଏହି ଉଦ୍ଧୃତି ଅନୁସାରେ ସେ ତିଳକଣା ଗ୍ରାମରେ ଜନ୍ମ ହୋଇଥିଲେ। ମାତା ତାଙ୍କୁ 'ଅଗଣି' ବୋଲି ଡାକୁଥିଲେ "। ତାଙ୍କର ଦୁଇ ଭାଇ ଓ ଗୋଟିଏ ଭଉଣୀ ଥିଲେ ଓ ସେ ଶୂଦ୍ର କୁଳରେ ଜନ୍ମିତ। ପୁନଃ ସେ ନିଜ ମାତା ପିତାଙ୍କ ନାମ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି-" ଦୀନବନ୍ଧୁ ନାମ ଖୁଣ୍ଟିଆ ଶୂଦ୍ରର କୁଳରେ ହୋଇବୁ ଜାତ/ବାଞ୍ଛିଲାର ଫଳ ନୋହିବ ବିଫଳ ପ୍ରି ଅଂଶେ ଲାଭ ପୁତ୍ର। ଖୁଣ୍ଟିଆ ଦୀନବନ୍ଧୁ ନାମେ ବୋଲିଣ ପଦ୍ମାବତୀ ନାମେ ନାରୀ / ପ୍ରଭୁ ଆଜ୍ଞା ଘେନି ପ୍ରବେଶ ହୋଇଲି ଗର୍ଭେଣ ମୁହିଁ ତାହାରି। ଦଶମାସ ଦଶ ଦିବସ ମଧ୍ୟରେ ଶୁକ୍ଳ ମାଘ ଏକାଦଶୀ/ ଜନମ ଲଭନ୍ତେ ପିତା ମୋ ଦେଖନ୍ତେ ଅପୁତ୍ରିକ ଦୋଷଧ୍ୱଂସୀ। କେ ବୋଲେ ଅନାମ ଅଗଣି ତ ନାମ କେ ବୋଲେ ଅନନ୍ତ ହରି/ ମାତା ପିତା ମୋତେ ଡାକିଲେ ନିଶ୍ଚୟ ଅଚ୍ୟୁତ ଯେ ନାମ ଧରି"। ଯେତେବେଳେ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାର ରାଜା ଥିଲେ। ସେତେବେଳେ ଅଚ୍ୟୁତାନନ୍ଦ ଦାସଙ୍କ ଶୂନ୍ୟଭଜନ କଥା ରାଜା ଶୁଣିପାରିଲେ ଓ ଶୂନ୍ୟଭଜନ କି ପ୍ରକାର ତାହା ଜାଣିବା ଲାଗି ଅଚ୍ୟୁତଙ୍କ ସହ ଅନେକ କଟାଳ କଲେ। ବ୍ରାହ୍ମଣମାନେ ଏହା ଶୁଣି ଉପହାସ କଲେ। ଦାସଙ୍କର ଉପହାସ ପ୍ରତି ଭ୍ରୂକ୍ଷେପ ନ ଥିଲା। ଦାସେ ରାଜାଙ୍କ ଆଜ୍ଞା ପାଇ ସଙ୍କଟରେ ପଡ଼ିଲେ ମାତ୍ର ଶେଷକୁ ପରୀକ୍ଷା ହେବା ସ୍ଥିର କରାଗଲା। ପୁରୀ ସହରର ବାଙ୍କି ମୁହାଁଣ ନିକଟସ୍ଥ ଶୂନ୍ୟ ବାଙ୍ଗିଠାରେ ପରୀକ୍ଷା ହେଲା। ପରୀକ୍ଷା ପରେ ରାଜା ସନ୍ତୁଷ୍ଟ ହୋଇ ଓ ସେହି ସ୍ଥାନରେ ବାସ କରିବା ଲାଗି ଅଚ୍ୟୁତଙ୍କୁ ଆଜ୍ଞା ଦେଲେ। ଅଦ୍ୟାବଧି ଏହି ସ୍ଥାନରେ ଗୋଟିଏ ମଠ ରହିଛି ଯାହାର ନାମ ଗୋପାଳ ମଠ। ଅଚ୍ୟୁତାନନ୍ଦ ଜାତିଭେଦରେ ବିଶ୍ୱାସ ରଖୁନଥିଲେ। ସେଥିପାଇଁ ସେ ଲେଖିଲେ -

"ହେଲେ ଜାତି ହୀନ ନାହିଁ ତହିଁ ମାନ ଶ୍ରୀକୃଷ୍ଣ ବାସନା ଥାଏ
କଳିକତରା ଯେ ପଙ୍କରେ ବୁଡ଼ିଲେ ପଙ୍କ ନ ଲାଗଇ ଦେହେ"!

ଓଡ଼ିଶାର ଏହି ବରେଣ୍ୟ ବ୍ୟକ୍ତି ତଥା ମହାପୁରୁଷ ଜ୍ୟୈଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ଦେହତ୍ୟାଗ କରିଥିଲେ। ତାଙ୍କ ଅମ୍ଳାନ କୃତି ଯୁଗ ଯୁଗ ପାଇଁ ତାଙ୍କୁ ଅମର କରି ରଖିଛି ଆଉ ରଖିଥିବ କ୍ଷ

**ଅରଙ୍ଗାବାଦ, ବରୀ, ଯାଜପୁର**
**ସମ୍ପାଦକ-ଭଗବତୀ ସାହିତ୍ୟ ସଂସଦ**
**ମୋବାଇଲ: ୯୯୩୮ ୯୦୬୦୭୦**

# ଆସ୍ଥା, ଧର୍ମ, ସନାତନ ବନାମ ଭାଣ୍ଡାମୀ



ଗୋପାଳ ମହାପାତ୍ର

ଆଜିକାଲି ଆସ୍ଥା, ଧର୍ମ, ସନାତନ ଶବ୍ଦ ଅନେକଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ବିଶେଷତଃ ଧର୍ମ ନାମରେ କରାଯାଉଥିବା ରାଲି, ଧର୍ମାଚାର୍ଯ୍ୟ ମାନଙ୍କ ସତ୍‌ସଙ୍ଗ ଏବଂ ପ୍ରବଚନ ଆଦିରେ ଏହି ଶବ୍ଦର ପ୍ରୟୋଗ ବ୍ୟାପକ। ଆସ୍ଥା, ଧର୍ମ, ସନାତନ ସହ ତାଳମିଳାଇ ଏସବୁ ପଛରେ କିଛି ଭାଣ୍ଡାମି ମଧ୍ୟ ଚାଲିଛି ନୁହେଁ ଦୌଡିବାରେ ଲାଗିଛି। ଏ ବାବଦରେ ଆଗକୁ ବଢ଼ିବା ପୂର୍ବରୁ ଋଗ୍ ବେଦର କିଛି ଶ୍ଳୋକର ଅବତାରଣା କରିବାର ଆବଶ୍ୟକତା ରହିଛି। ଏହାକୁ ନାସଦୀୟ ଶ୍ଳୋକ/ସୁକ୍ତ କୁହାଯାଏ। କେତେକ ବିଦ୍ୱାନ ଏସବୁର ବ୍ୟାଖ୍ୟା ଏଭଳି କରିଥାନ୍ତିଃ-ନାସଦୀୟ ସୁକ୍ତ (୧୦.୧୨୯.୧)ରେ ଦର୍ଶାଯାଇଛି ଯେ "ସେତେବେଳେ ନା ଅସ୍ତିତ୍ୱ ଥିଲା ନା ଅଣଅସ୍ତିତ୍ୱ"। ୧୦ ମ ଅଧ୍ୟାୟର ଅନ୍ୟ ଏକ ଶ୍ଳୋକ/ସୁକ୍ତରେ ବ୍ରହ୍ମାଣ୍ଡର ଉତ୍ପତ୍ତି, ଅସ୍ତିତ୍ୱ, ଔଚିତ୍ୟ ଉପରେ ବର୍ଣ୍ଣନ କରାଯାଇଛି। ଏଥିରେ ପ୍ରଶ୍ନ ଅଛି ଏବଂ ଉତ୍ତର ମଧ୍ୟ ରହିଛି। ଯେହେତୁ ମନୁଷ୍ୟ ଏଭଳି ତର୍କ କରିଛି ତେଣୁ ଏକଥା ମାନିବାକୁ ପଡିବ ଯେ ଋଗ୍‌ବେଦ କାଳରେ ମନୁଷ୍ୟର ତର୍କ ଶକ୍ତି ବିକସିତ ହୋଇସାରିଥିଲା। ଏହି ଶ୍ଳୋକରେ ପ୍ରଶ୍ନ କରାଯାଇଛି- ସୃଷ୍ଟିର ପୂର୍ବରୁ କ'ଣ ଥିଲା, ବୋଧହୁଏ ନା ଆକାଶ, ନା ଅନ୍ତରିକ୍ଷ, ନାସ ମୟ, ଏହି ସୃଷ୍ଟିକୁ କିଏ ରଚନା କରିଥିଲେ, କେହି ରଚନାକାର ଏହାର ରଚନା କରିଥିଲେ ନା ନାହିଁ, ରଚନାକାରୀ ଥିଲେ ତ କେଉଁଠି, ଆକାଶରେ ବସିଥିବା ଦୃଷ୍ଟିଗୋଚର ହୁଏ ବା କର୍ତ୍ତା ମଧ୍ୟ ସେକଥା ସିଏହିଁ ଜାଣନ୍ତି। ଏବେ ଆସ୍ଥା କଥାକୁ ଆସିବା। ଆସ୍ଥା ସେଇଠାରୁ ଆରମ୍ଭ ହୋଇଥାଏ, ଯେଉଁଠି ଯୁଗ ଯୁଗ ଧରି ମନୁଷ୍ୟର ମନ ମସ୍ତିଷ୍କରେ ଉଙ୍କିମାରୁଥିବା ପ୍ରଶ୍ନର ଉତ୍ତର ମିଳିନଥାଏ। ଯେଭଳି-କ'ଣ ମନୁଷ୍ୟର ଅସ୍ତିତ୍ୱ ପଛରେ ବାୟୋଲୋଜିକାଲ ଘଟଣା ରହିଛି ନା ଅନ୍ୟ କିଛି? ଏହି ସବୁ ପ୍ରଶ୍ନର ଅନେକ ପୂର୍ବରୁ ମଣିଷ ଋତୁ ପରିବର୍ତ୍ତନ, ଦିନ ରାତି ହେବା, ଆକାଶର ତାରା, ଜହ୍ନର ଆକାର ହ୍ରାସ- ବୃଦ୍ଧି, ବିଭିନ୍ନ ରୋଗ ଆଦି ଅନେକ ଘଟଣାକୁ ବୁଝିପାରିନଥିଲା।

ଯେଉଁକାଳରେ ମନୁଷ୍ୟ ଦ୍ୱାରା ସେ ସମୟ ପର୍ଯ୍ୟନ୍ତ ବିକଶିତ ତର୍କରୁ ଯେଉଁ ସବୁ ପ୍ରଶ୍ନର ଉତ୍ତର ମିଳି ପାରିନଥିଲା ସେସବୁ ପ୍ରଶ୍ନର ଉତ୍ତର ଖୋଜିବାକୁ ମନୁଷ୍ୟ କିଛି ଶକ୍ତି, ଦେବୀ ଦେବତାଙ୍କ କଳ୍ପନା କରିଥିଲା। ଧିରେ ଧିରେ ତର୍କ, ପ୍ରୟୋଗ ଓ ନୂଆ ନୂଆ ଆବିଷ୍କାର, ଗବେଷଣାର ଆଧାରରେ ମନୁଷ୍ୟ ଗ୍ରହମାନଙ୍କ ଗତି ଏବଂ ଅନ୍ୟ କେତେକ ପ୍ରସଙ୍ଗକୁ ଜାଣିପାରିଥିଲା ଏବଂ ପୃଥିବୀ ଉପରେ ପଡୁଥିବା ଅନେକ ପ୍ରଭାବ ଯଥା ପାଣିପାଗ ପରିବର୍ତ୍ତନ, ସମୁଦ୍ରର ଜୁଆର ଭଟ୍ଟା, ଭୂକମ୍ପ ଆଦି ଭୌତିକ ଘଟଣାକୁ ବୁଝିପାରିଥିଲା। ଏଥି ସହ କଳ୍ପିତ ଦେବ-ଦେବୀଙ୍କ ପୂଜା ମଧ୍ୟ କରିବାରେ ଲାଗିଲା। ଆସ୍ଥା ହେଉଛି ଏକ ସାତ୍ତ୍ୱିକ, ସଦ୍‌ଭାବନାର ବିଚାର ଏବଂ କର୍ମ। ଏହାର ଅନ୍ୟ ଏକ ପାଶ୍ୱର୍ ହେଉଛି - ଯୁଗ ଯୁଗରୁ ପରିବାରରେ, ସମାଜରେ ବୟସ୍କମାନେ ଦେବୀ ଦେବତାଙ୍କ ପୂଜା କରିବାର ପିଲାମାନେ ଦେଖିଥାନ୍ତି, ଦେବୀ- ଦେବତାଙ୍କ ସ୍ଥଳର ମହିମା ବୟସ୍କଙ୍କଠାରୁ ଶୁଣିଥାନ୍ତି, ବୟସ୍କମାନଙ୍କ ତୀର୍ଥଯାତ୍ରା ଦେଖିଥାନ୍ତି ଏଣୁ ବିନା ତର୍କରେ ଏସବୁକୁ ଆପଣେଇ ନେଇଥାନ୍ତି। ଅନେକ ବିଦ୍ୱାନଙ୍କ ମତରେ- ଆସ୍ଥା ଏକ ଭ୍ରମ ହୋଇପାରେ କିନ୍ତୁ ଏହି ଭ୍ରମ ପାଇଁ ଯଦି ପରିବାରରେ, ସମାଜରେ ଓ ଦେଶରେ ସଦ୍‌ଭାବନା, ସଦ୍‌ବ୍ୟବହାର ବୃଦ୍ଧି ପାଏ ତେବେ ଏହି ଆସ୍ଥାକୁ ଆପଣେଇବାରେ କ୍ଷତି ବା କ'ଣ?

କେତେକ କାହାଣୀ ମଧ୍ୟ ଯୁଗ ଯୁଗଧରି ଆସ୍ଥାକୁ ନେଇ ରହିଛି। ଯଥା- ଗଙ୍ଗାସ୍ନାନ ରାଜା ସାଗର ଓ ତାଙ୍କର ୬୦ ହଜାର କାଳ୍ପନିକ ପୁତ୍ର ଏବଂ ପରିବାର ବାବଦରେ। ସ୍ୱର୍ଗରୁ ଭଗୀରଥ ଗଙ୍ଗାକୁ ଆଣିଥିଲେ ଓ ଗଙ୍ଗାରେ ସ୍ନାନପରେ ଶାପରୁ ମୁକ୍ତି ପାଇଥିଲେ। ଏସବୁ କାହାଣୀ ଶୁଣିବା ପରେ ସାଧାରଣ ଲୋକଙ୍କ ମନରେ ଏକ ଧାରଣା ସୃଷ୍ଟି ହେଲା ଯେ ଗଙ୍ଗାସ୍ନାନ କଲେ ନିଜର ଓ ପିତୃପୁରୁଷଙ୍କର ପାପ ଧୋଇ ହୋଇଯାଏ ଏବଂ ଆଗାମୀ ପିଢ଼ୀକୁ ପୁଣ୍ୟର ଲାଭ ମିଳିଥାଏ।



ଏଣୁ ସାଧାରଣ ଲୋକଙ୍କ ମନରେ ଗଙ୍ଗାସ୍ନାନକୁ ନେଇ ବିଶ୍ୱାସ ରହିଛି। ପ୍ରୟୋଗରାଜରେ ମହାକୁମ୍ଭକୁ ନେଇ ପ୍ରଚାରିତ କଥା ହେଉଛି ଏଠାରେ ସ୍ନାନ କଲେ ପୂର୍ବଜନ୍ମ ଓ ଏଇଜନ୍ମର ସବୁ ପାପ ଧୋଇ ହୋଇଯିବ। ବେଦରେ ଭିବନ୍ନ ପ୍ରାକୃତିକ ଶକ୍ତି ସହ ଜଡ଼ିତ ଦେବତା ଯଥା- ସୂର୍ଯ୍ୟ, ଅଗ୍ନି, ସୋମ, ବାୟୁ ଆଦିଙ୍କ କଳ୍ପନା କରାଯାଇଛି। ପୁରାଣରେ ମଧ୍ୟ ବିଭିନ୍ନ ଦେବୀ ଦେବତାଙ୍କ ଦୁଷ୍ଟ ସଂହାର, ସେମାନଙ୍କ ଶ୍ରେଷ୍ଠତା, ବର୍ଚ୍ଚସ୍ୱର କାଳ୍ପନିକ କାହାଣୀ ସବୁ ରହିଛି। ଏଇ ଦେବୀ ଦେବତାଙ୍କ କଳ୍ପନା ପରେ ଚତୁର ଲୋକମାନେ ସାଧାରଣ ଲୋକଙ୍କ ଅନଭିଜ୍ଞତାର ଲାଭ ଉଠାଇ ବିଘ୍ନନାଶ, ବ୍ୟାଧିରୁ ମୁକ୍ତି, ଦାରିଦ୍ର୍ୟ ଦୂର, ଧନପ୍ରାପ୍ତି, ମନକାମନା ପୁର୍ତ୍ତୀ ପାଇଁ ଓ ଦେବୀ-ଦେବତାଙ୍କ କୋପରୁ ମୁକ୍ତି ଏବଂ ଆଶୀର୍ବାଦ ପ୍ରାପ୍ତି ପାଇଁ ପୂଜା-ଅର୍ଚ୍ଚନା, ଅନୁଷ୍ଠାନକୁ ଯୋଡି ଦେଇଥାନ୍ତି। ପ୍ରକାର ପ୍ରକାରର ସମାଧାନ କରିବାର କଥା କହି ଧନ୍ଦାକୁ ବିକଶିତ କରାଯାଇଥାଏ। ଏଭଳି ଚତୁର ଚାଲାକ ବ୍ୟକ୍ତିମାନେ ଲୋକଙ୍କ ଦୃଷ୍ଟିରେ ନିଜକୁ ମହାନ ଭାବେ ଉପସ୍ଥାପିତ କରିବା ପାଇଁ ଉଦ୍ୟମ କରିଥାନ୍ତି। ଏଭଳି ବ୍ୟକ୍ତି ମାନଙ୍କ ମଧ୍ୟରେ କଥାବାଚନ, ମହନ୍ତ-ମଠାଧିଶ, ମହାମଣ୍ଡଳେଶ୍ୱର, ମଣ୍ଡଳେଶ୍ୱରଙ୍କ, ଭଳି ଅନେକ ପଦବୀ ଅନ୍ୟତମ। ଲୋକେ ଏମାନଙ୍କ ପାଖକୁ ଯାଇ ସେମାନଙ୍କୁ ଦାନ- ଦକ୍ଷିଣା, ଉପହାର ଦେଇଥାନ୍ତି ଏବଂ ଏମାନଙ୍କର ଧନ୍ଦା ମଧ୍ୟ ଦୌଡିବାରେ ଲାଗେ। ଏମାନଙ୍କ ଅନୁସରଣ କରି ସ୍ଥାନୀୟ ସ୍ତରରେ ରୋଗଦୂର, ସଙ୍କଟମୋଚନ, ଭୁତପ୍ରେତ ଛଡାଇବା, ଗୁଣି ଗାରେଡି କରିବା ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

ତଥାକଥିତ ବାବା, ସିଦ୍ଧ ପୁରୁଷଙ୍କ ପ୍ରଚାର ଭିନ୍ନ ଭିନ୍ନ ଯଥା- ନିରାହାରୀ, ଫଳାହାରୀ ଭଳି ଅନେକ ବିଷଶ୍ଳଷଣ ରହିଛି। ଲୋକଙ୍କୁ ଆକର୍ଷିତ କରିବା ପାଇଁ କେତେକ ବାବାଙ୍କ ନାମର ପ୍ରାରମ୍ଭରେ ଶ୍ରୀଶ୍ରୀଶ୍ରୀ ୧୦୮, ୧୦୦୮ ଭଳି ସଂଖ୍ୟା ଲଗାଯାଇଥାଏ। ବିଭିନ୍ନ ପଦବୀଧାରୀ ଏହି ତଥା କଥିତ ବ୍ରହ୍ମଚାରୀ, ସିଦ୍ଧାଚାର୍ଯ୍ୟ, କଥାବାଚକଳ ଦେବୀ-ଦେବତାଙ୍କ ପ୍ରଚାରକ ବିଭିନ୍ନ ସମୟରେ ରାଲି କରିଥାନ୍ତି। ଏମାନଙ୍କ ମଠ ବା ମନ୍ଦିରକୁ ଲୋକଙ୍କ ଭିଡ ଜୁଟାଇବା ପାଇଁ ମଧ୍ୟ ଏମାନେ ବିଭିନ୍ନ ପ୍ରକାରର ଉପାୟ କରିଥାନ୍ତି। ଏହା କେବଳ ଯେ ଆମ ଅଞ୍ଚଳରେ, ରାଜ୍ୟରେ ବା ଦେଶରେ ଘଟୁଛି ତା ନୁହେଁ ସାରା ବିଶ୍ୱରେ ଏଭଳି ତଥାକଥିତଙ୍କ ସ୍ଥିତି ରହିଛି। ଆଜିକାଲି କିଛି ଗଣ ମାଧ୍ୟମ ଭାଣ୍ଡାମିର ପ୍ରଚାର ପ୍ରସାରକୁ ଅଗ୍ରାଧିକାର ଦେଉଛନ୍ତି। ଟିଭି ଚାନେଲ ମାନଙ୍କରେ ବାବା, ସିଦ୍ଧ ପୁରୁଷଙ୍କ କଥା ପ୍ରସାରଣ କରାଯାଉଛି। କେତେକ ଭଣ୍ଡ ବା ତଥା କଥିତ- ସନ୍ଥ- ମହାତ୍ମା- କଥାବାଚକ ଯାହା କହିଦେଲେ ବି ତାର ସତ୍ୟାସତ୍ୟ ଓ ଗୁରୁତ୍ୱକୁ ବିଚାରକୁ ନନେଇ ଗଣମାଧ୍ୟମ ତାର ପ୍ରସାର କରିଦେଉଛି। ଟିଭି ଚାନେଲରେ ଏମାନେ ଚର୍ଚ୍ଚାରେ ଭାଗନେଇ ଅନେକ ସମୟରେ ସାମ୍ପ୍ରାଦାୟିକ ସଦ୍‌ଭାଗ କ୍ଷୁର୍ଣ୍ଣ ହେବାଭଳି ବକ୍ତବ୍ୟ ଦେଉଛନ୍ତି।

ପ୍ରୟାଗରାଜର କୁମ୍ଭ ସ୍ନାନକୁ ଗଣମାଧ୍ୟମ ଓ ସରକାର ଏକ ବଡ଼ ରାଜନୈତିକ- ବ୍ୟବସାୟିକ ଉତ୍ସବ କାର୍ଯ୍ୟରେ ବଦଳାଇ ଦେଇଛନ୍ତି। ଆସ୍ଥାକୁ ପଛକୁ ଠେଲି ଆଡ଼ମ୍ବର- ଭାଣ୍ଡାମି ଆଗରେ ରହିଛି। ପ୍ରୟାଗରାଜରେ ଦୁଇ ନଦୀ ଗଙ୍ଗା-ଯମୁନାର ମିଶ୍ରଣ ହୋଇଛି ଏବଂ ତୃତୀୟର କଳ୍ପନା କରାଯାଇଛି। ସରସ୍ୱତୀ ନଦୀ ଏକ ବାସ୍ତବିକତା। ଏହାର କ୍ଷେତ୍ର ଓ ଦିଗ ପୁର୍ଣ୍ଣତଃ ଗଙ୍ଗା-ଯମୁନାଠାରୁ ଭିନ୍ନ। ସବୁର ଉତ୍ପତ୍ତିସ୍ଥଳ ହିମାଳୟ ଥିଲା ଓ ଅଛି କିନ୍ତୁ ହିମାଳୟର ଭୌଗୋଳିକ ଘଟଣାକ୍ରମ ସରସ୍ୱତୀ ନଦୀକୁ ବିଲୁପ୍ତ କରିଦେଇଛି। କିନ୍ତୁ କୁହାଯାଉଛି ଯେ ସରସ୍ୱତୀ ଆକାଶରୁ ଅଦୃଶ୍ୟ ରୂପରେ ଆସି-ଗଙ୍ଗା-ଯମୁନାରେ ମିଶିଛି। ଜ୍ୟୋତିଷ ବିଦ୍ୟାରେ ବି ଏମିତି ଅନେକ କଥା ଚାଲିଛି। ରାସ୍ତା କଡ଼ରେ ବସି ଅନେକେ ଲୋକଙ୍କ ଭାଗ୍ୟ ପରିବର୍ତ୍ତନ କରାଉଛନ୍ତି। କିଛି କଥାବାଚକ ବେଳେ ବେଳେ ରାଲି କରୁଛନ୍ତି ଭାରତକୁ ସନାତନ ହିନ୍ଦୁ ରାଷ୍ଟ୍ରରେ ପରିଣତ କରିବା ପାଇଁ। ସନାତନ ଶବ୍ଦ ବେଦ, ଉପନିଷଦ, ରାମାୟଣ, ମହାଭାରତ ଓ ଅନ୍ୟ କୌଣସି ପୁରାଣରେ ପ୍ରୟୋଗ କରାଯିବାର ନିଜର ନାହିଁ। ସନାତନ ହେଉଛି ମୂଲ୍ୟ, କାର୍ଯ୍ୟ, ଦାୟୀତ୍ୱର ସଂହିତା। ସନାତନର ଅର୍ଥ ହେଉଛି ଶାସ୍ୱତ- ସର୍ବଦା ଯଦାବତ୍ ରହିବା। ସନାତନରେ ଧର୍ମ, ପୂଜା, ଜପ-ତପ, ସତ୍ୟ-ଦାନ- ଅହିଂସା- ଦୟା-କ୍ଷମା ଆଚରଣର କଥା ରହିଛି। ଈଶ୍ୱର, ଆତ୍ମା, ମୋକ୍ଷ ଉପରେ ଧ୍ୟାନ କରିବା ସନାତନ। ସନ୍ଥ ତୁଳସୀ ଦାସ ପାଖାପାଖି ୧୦ ହଜାର ବର୍ଷ ପୁର୍ବେ କହିଥିଲେ- କଳିଯୁଗରେ ଆଚାରହୀନ ଏବଂ ବେଦ ବିରୋଧି ଲୋକ ଜ୍ଞାନୀ ଏବଂ ସନ୍ୟାସୀ ଭାବେ ପରିଚିତ ହେବେ। ତାଙ୍କ କଥା ଠିକ୍ ନିଶ୍ଚୟ।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ଫଟୋରେ ଲାଗିବେ ସ୍ଲିମ



ଅପର୍ଣ୍ଣା ନାୟକ

ଆପଣ ଦେଖିବାକୁ କେମିତି? ଏ ପ୍ରଶ୍ନଟା ଅନେକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିପାରେ। ଆମେ ଅନେକଙ୍କୁ ଦେଖୁ ସେମାନେ ଫଟୋରେ ଯେଉଁପରି ରୂପ ଓ ସୌନ୍ଦର୍ଯ୍ୟର ବାସ୍ତବରେ କିନ୍ତୁ ସେମାନେ ସେପରି ହୋଇନଥାନ୍ତି। ନିଜକୁ ବିଜ୍ଞାପିତ କରିବା ଓ ଭରା ସୌନ୍ଦର୍ଯ୍ୟଦ୍ୱାରା ଅନ୍ୟମାନଙ୍କୁ ଆକର୍ଷିତ କରିବା ସହ ପ୍ରଭାବିତ କରିବା ପାଇଁ ଅନେକଙ୍କ ଭିତରେ ଆଗ୍ରହ, ଇଚ୍ଛା ଓ ଅଭିଳିପ୍ସା ରହିଥାଏ। ଏହା ଆଜିର ସମୟର କଥା ନୁହେଁ ଏହା ପୂର୍ବ ସମୟରୁ ମଧ୍ୟ ରହି ଆସିଛି। ଆଜିକାଲି ମହିଳା ମାନଙ୍କଠାରେ ଫଟୋ ଉଠାଇବାକୁ ନେଇ କେତେ କ୍ରେଜ ରହିଛି ତାହା କାହାକୁ ନ ଜଣା। ସେଲ୍ଫିରେ ସ୍ଲିମ ଏବଂ ଅଇକ୍ୟାଚି ଲୁକ ପାଇବାର ଟ୍ରିକ ମାତ୍ର କେତେଜଣଙ୍କୁ ହିଁ ଜଣାଥାଏ। ଯଦି ଆପଣ ବି ନିଜ ସେଲ୍ଫିକୁ ଆକ୍ଟ୍ରାଟିଭ କରିବାକୁ ଚାହାନ୍ତି ତେବେ ଜାଣିରଖନ୍ତୁ କେତୋଟି ଟିପ୍ସ।

ଯଦି ଆପଣଙ୍କ ଫିଗର ମୋଟା ଅବା ଫଟୋରେ ଆପଣ ଆବଶ୍ୟକରୁ ଅଧିକ ମୋଟା ଲାଗୁଥାନ୍ତି ତେବେ କ୍ୟାମେରା ଆଗରେ ନିଜ ଶରୀରକୁ ୪୫ ଡିଗ୍ରୀ ବୁଲାଇ ଠିଆ ହୁଅନ୍ତି। କାରଣ ଏହି ଆଙ୍ଗେଲରେ କ୍ୟାମେରାରେ ସବୁଠୁ ସ୍ଲିମ ଫଟୋ ସୁଟ ହୋଇଥାଏ। କ୍ୟାମେରା ଆଡ଼କୁ ଥିବା ଗୋଡ଼ର ଆଣ୍ଠୁକୁ ସାମାନ୍ୟ ମୋଡ଼ି ରଖନ୍ତୁ। ଏହାଦ୍ୱାରା ଅଣ୍ଟା ପାଖ ମୋଟା ଦେଖାଯାଇ ନଥାଏ। କାନ୍ଧକୁ ଉଠାଇବା ଭଳି ନରଖି ସାମାନ୍ୟ ତଳକୁ କରି ରଖିଲେ ଫଟୋରେ ବେକ ଏବଂ ମୁହଁ ଲମ୍ବା ଓ ପତଳା ଦେଖାଯାଇଥାଏ। ଫଳରେ ଶରୀର ମଧ୍ୟ ଅପେକ୍ଷାକୃତ ସ୍ଲିମ ଲାଗିବ। ଯଦି ସେଲ୍ଫି ନେଉଛନ୍ତି ତେବେ କ୍ୟାମେରାକୁ ନିଜ ମୁଣ୍ଡକୁ ଟିକେ ଉପରକୁ ରଖି ଠିକ ଆଙ୍ଗେଲରେ ଫଟୋ କ୍ଲିକ କଲେ ସୁନ୍ଦର ଓ ପତଳା ଲାଗିବେ। ଆପଣଙ୍କ ଅସଲ ସୌନ୍ଦର୍ଯ୍ୟ ବ୍ୟକ୍ତିତ୍ୱ, ପରିଚୟ ଓ ଆଚରଣରେ। ଆଜିର ସମୟକୁ ଦେଖନ୍ତୁ ସୋସିଆଲ ମିଡ଼ିଆରେ ସୌନ୍ଦର୍ଯ୍ୟ ଦେଖାଇ ଅସଲରେ ଅସୌନ୍ଦର୍ଯ୍ୟର କୁରୂପ ଚେହେରାଧାରୀ ଅନେକ ରହିଛନ୍ତି। ଯେଉଁମାନେ କେବଳ ସମାଜକୁ ପଥଭ୍ରଷ୍ଟ କରୁନାହାଁନ୍ତି ଅନେକଙ୍କ ଜୀବନକୁ ମଧ୍ୟ ଭ୍ରଷ୍ଟ କରୁଛନ୍ତି। ଫଟୋ ଉଠାଇବା ଅନେକ ଲୋକଙ୍କ ସଉକ ଓ ପସନ୍ଦ ମଧ୍ୟ। ଦିନକୁ ଦିନ ହାତ ପାହାନ୍ତାରେ ଥିବା ଅତ୍ୟାଧୁନିକ ଆଣ୍ଡ୍ରଏଡ ଫୋନରେ ମଧ୍ୟ ନିଜ ସୌନ୍ଦର୍ଯ୍ୟ ବିଜ୍ଞାପିତ କରିବା ପାଇଁ ଅନେକ ଉପାୟ ମଧ୍ୟ ସବୁ ରହିଛି। ତେବେ ନାରୀର ଅସଲ ସୌନ୍ଦର୍ଯ୍ୟ ତାର ଚରିତ୍ର, ଆଦର୍ଶ ଓ ଅନ୍ୟ ମାନଙ୍କ ପ୍ରତି ଭଲ ପାଇବା ତଥା ଆପଣାର କରିବାର କଳା। ତେଣୁ ଫଟୋ ଉଠା ସୌନ୍ଦର୍ଯ୍ୟରେ କ୍ୟାମେରା ସେଲଫିରେ ନିଜକୁ ସଠିକ ଢ଼ଙ୍ଗରେ ପ୍ରଦର୍ଶିତ କରନ୍ତୁ। ଏହା ନିଜକୁ ଯେତିକି ଖୁସି ଦେବ ଅନ୍ୟ ମାନଙ୍କ ପାଇଁ ଅସଲ ସୁନ୍ଦରତାର କେବଳ କାରଣ ହେବନାହିଁ ବରଂ ପ୍ରେରଣା ଯୋଗାଇବ।

**ମେନ ସାଗର ପାନ ରୋଡ଼, ନଂ-୩**
**ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର**
**ନୂଆଦିଲ୍ଲୀ, ପିନ-୧୧୦୦୪୬**

## ସ୍କାଏଡାଇଭିଂ ସମୟରେ ଯୁବକ ହୃଦ୍‌ଘାତର ଶିକାର

**ସିଡ୍‌ନୀ,୯।୨:** ସମ୍ପ୍ରତି ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି। ଏହି ଭିଡିଓରେ ଏକ ହୃଦୟବିଦାରକ ଘଟଣା ଦେଖାଯାଇଛି, ଯାହା ୟୁଜରଙ୍କୁ ଦୁଃଖୀ କରିଛି। ଏହି ଭିଡିଓରେ ଜଣେ ସ୍କାଏଡାଇଭରଙ୍କୁ ସ୍କାଏଡାଇଭିଂ କରିବା ସମୟରେ ହୃଦ୍‌ଘାତ ହେଉଥିବା ଦେଖାଯାଉଛି। ଭିଡିଓରେ, ସ୍କାଏଡାଇଭର ଜଣକ ଭାରସାମ୍ୟ ହରାଇ ଅଚେତ ଅବସ୍ଥାରେ ଅନିୟନ୍ତ୍ରିତ ଭାବରେ ରହିଥିବା ଦେଖାଯାଉଛି। ତଥାପି, ଏହି ସ୍କାଏଡାଇଭରଙ୍କ ସାଥୀ ଏବଂ ପ୍ରଶିକ୍ଷକ ତୁରନ୍ତ ତାଙ୍କ ସହାୟତା ପାଇଁ ଆଗେଇ ଆସିଥିଲେ। ପ୍ରଶିକ୍ଷକ ଅତ୍ୟନ୍ତ ସତର୍କତାର ସହିତ ସ୍କାଏଡାଇଭରଙ୍କୁ ରକ୍ଷା କରିଥିଲେ ଏବଂ ତାଙ୍କର ସୁରକ୍ଷିତ ଅବତରଣ ମଧ୍ୟ ସୁନିଶ୍ଚିତ କରିଥିଲେ। ଫଳରେ ଏକ ବଡ଼ ଦୁର୍ଘଟଣା ଟଳି ଯାଇଥିଲା। ସିଏନଏନ ରିପୋର୍ଟ ଅନୁଯାୟୀ, ଏହି ଭାଇରାଲ ଭିଡିଓଟି ୨୦୧୫ ମସିହାର। ଭିଡିଓରେ ଦେଖାଯାଉଥିବା ସ୍କାଏଡାଇଭରଙ୍କୁ ଅଷ୍ଟ୍ରେଲିଆର ପର୍ଥର ବାସିନ୍ଦା କ୍ରିଷ୍ଟୋଫର ଜୋନ୍ସ ଭାବରେ ଚିହ୍ନଟ କରାଯାଇଛି। କ୍ରିଷ୍ଟୋଫର ଜୋନ୍ସ ସ୍କାଏଡାଇଭିଂ କରିବା ସମୟରେ ତଳକୁ ଫ୍ରି-ଫଲ୍ କରୁଥିବା ସମୟରେ, ତାଙ୍କର ହୃଦ୍‌ଘାତ ହୋଇଥିଲା। ଏହାର କିଛି ସମୟ ପରେ ତାଙ୍କ ପ୍ରଶିକ୍ଷକ ସେଲଡନ୍ ମ୍ୟାକଫାରଲେନ୍ ତାଙ୍କୁ ବଞ୍ଚାଇବା ପାଇଁ ଡେଇଁ ପଡ଼ିଥିଲେ। ମ୍ୟାକଫାରଲେନ୍ ପ୍ରାୟ ୪,୦୦୦ଫୁଟ ଉଚ୍ଚତାରେ ଜୋନ୍ସଙ୍କୁ ଧରିଥିଲେ ଏବଂ ରିପ୍ କର୍ଡକୁ ଟାଣିଥିଲେ। ମ୍ୟାକଫାରଲେନ୍‌ଙ୍କ ଅନେକ ଚେଷ୍ଟା ପରେ, ଜୋନ୍ସ ଚେତା ଫେରି ପାଇଥିଲେ। ଏହା ପରେ ସୁରକ୍ଷିତ ଭାବେ ଅବତରଣ କରିଥିଲେ। ସମ୍ପୂର୍ଣ୍ଣ ଘଟଣାଟି ପ୍ରଶିକ୍ଷକ ସେଲଡନ୍ ମ୍ୟାକଫାରଲେନଙ୍କ ହେଲମେଟରେ ଥିବା କ୍ୟାମେରା ସାହାଯ୍ୟରେ କଏଦ ହୋଇଥିଲା। ଏହି ଘଟଣା ବିଷୟରେ ମ୍ୟାକଫାରଲେନ କହିଛନ୍ତି ଯେ, ମୁଁ କେବେ ଚିନ୍ତିତ ହୋଇ ନଥିଲି ସେ ପାରାଚୁଟ୍ ବିନା ତଳେ ପଡ଼ିଯିବେ। କିନ୍ତୁ ଆମର ପରିସ୍ଥିତିକୁ ଦୃଷ୍ଟିରେ ରଖି, ମୁଁ ଶୀଘ୍ର ତଳକୁ ଆଣିବାକୁ ଚାହୁଁଥିଲି। ମୁଁ ମୋର ଦ୍ୱିତୀୟ ପ୍ରୟାସରେ ତାଙ୍କୁ ଧରିବାରେ ସଫଳ ହୋଇଥିଲି। ଏହା ମୁଁ ତାଙ୍କର ପାରାଚୁଟ୍ ଖୋଲିଦେଇଥିଲି।

## ଭାଷଣ ଚାଲିଥିବା ବେଳେ ନିଦରେ ଟଳମଳ ଦୁଇ ବିଧାୟକ

**ନୂଆଦିଲ୍ଲୀ, ୯।୨:** ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିପକ୍ଷରେ ନୂଆଦିଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପି ନେତା ପରବେଶ ସାହିବ ସିଂହ ବର୍ମା ୩୦୦୮ ଭୋଟରେ ବିଜୟୀ ହୋଇଛନ୍ତି। ଗୋଟିଏ ପଟେ ପରବେଶ ବିଜୟୀ ହେବାପରେ ବିଜେପି ଦଳ ଉତ୍ସାହିତ ଥିବା ବେଳେ ଅନ୍ୟପଟେ ବିଜେପିର ଦୁଇ ବିଧାୟକ ମଞ୍ଚ ଉପରେ ନିଦରେ ଟଳମଳ ହେଉଥିବାର ଦୃଶ୍ୟ ସାମ୍ନାକୁ ଆସିଛି। ମୋତିହାରିର ପିପରାକୋଠି କିସାନ ଉନ୍ନତୀ ମେଳା-୨୦୨୫ର ଭବ୍ୟ ଆୟୋଜନା କରାଯାଇଛି। ଏହି ମେଳାର ଏକ କାର୍ଯ୍ୟକ୍ରମରେ ବିହାର ସରକାରର ଶ୍ରମ ମନ୍ତ୍ରୀ ଓ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ରୀୟ କୃଷି ମନ୍ତ୍ରୀ ଓ ମୋତିହାରୀର ସାଂସଦ ରାଧାମୋହନ ସିଂହଙ୍କ ସମେତ ଜିଲ୍ଲାର ଅନେକ ବିଧାୟକ ଓ କେନ୍ଦ୍ରୀୟ କୃଷି ବିଶ୍ୱ ବିଦ୍ୟାଳୟର କୁଳପତିଙ୍କ ସମେତ ହଜାରହଜାର ଲୋକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ଉପରେ ବିଜେପି ନେତା ତଥା ପୂର୍ବତନ କୃଷି ମନ୍ତ୍ରୀ ରାଧାମୋହନ ସିଂହ ଓ ବିହାର ସରକାରର ଶ୍ରମ ମନ୍ତ୍ରୀ ଭାଷଣ ଦେଉଥିବା ବେଳେ ଏକ ନିନ୍ଦନୀୟ ଘଟଣା ସାମ୍ନାକୁ ଆସିଥିଲା। ଭାଷଣ ଚାଲିଥିବା ବେଳେ ମଞ୍ଚ ଉପରେ ବସିଥିବା ବିଜେପିର ପୂର୍ବତନ ମନ୍ତ୍ରୀ ତଥା ମୋତିହାରୀର ବିଧାୟକ ପ୍ରମୋଦ କୁମାର ଓ ଗୋବିନ୍ଦଗଞ୍ଜର ବିଜେପି ବିଧାୟକ ନିଦରେ ଟଳମଳ ହେଉଥିଲେ। ଯାହାର ଏକ ଭିଡିଓ ଓ ଫଟୋ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଯାହାକୁ ଦେଖି ଲୋକେ ତୀବ୍ର ସମାଲୋଚନା କରିବା ସହିତ ବିରୋଧୀମାନେ କଟାକ୍ଷ କରିବା ଆରମ୍ଭ କରି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରବିବାର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବି ସାମିଲ ହୋଇଛନ୍ତି।

## ମାଘ ପୂର୍ଣ୍ଣିମା ପୂର୍ବରୁ ମହାକୁମ୍ଭରେ ପ୍ରବଳ ଭିଡ଼ ପ୍ରୟାଗରାଜ ସଙ୍ଗମ ଷ୍ଟେସନକୁ ବନ୍ଦ କରାଗଲା

**ପ୍ରୟାଗରାଜ, ୯।୨:** ମାଘ ପୂର୍ଣ୍ଣିମା ପୂର୍ବରୁ କୁମ୍ଭମେଳାକୁ ଶ୍ରଦ୍ଧାଳୁଙ୍କ ଛୁଅ ଛୁଟିବାରେ ଲାଗିଛି । ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପ୍ରୟାଗରାଜ ସଙ୍ଗମ ଷ୍ଟେସନକୁ ରବିବାର (ଫେବ୍ରୁଆରି ୯) ଅପରାହ୍ନ ୧ଟା ୩୦ରୁ ବନ୍ଦ ରଖାଯାଇଛି। ଅତୀତରେ ମଧ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ନାନ ପର୍ବ ସମୟରେ ଷ୍ଟେସନକୁ ବନ୍ଦ ରଖାଯାଇଥିଲା। ଫେବ୍ରୁଆରି ୧୨ ତାରିଖରେ ପୂର୍ଣ୍ଣିମା ଥିବା ବେଳେ ୧୧ ତାରିଖରୁ ଏହା ବନ୍ଦ ହେବାର ଥିଲା। ତେବେ ଅତ୍ୟଧିକ ଭିଡ଼ ଯୋଗୁଁ ଆଜିଠାରୁ ଏହାକୁ ବନ୍ଦ କରି ଦିଆଯାଇଛି। ଫେବ୍ରୁଆରି ୧୨ ତାରିଖରେ ପୂର୍ଣ୍ଣିମା ଥିବା ବେଳେ ୧୧ ତାରିଖରୁ ଏହା ବନ୍ଦ ହେବାର ଥିଲା। ତେବେ ଅତ୍ୟଧିକ ଭିଡ଼ ଯୋଗୁଁ ଆଜିଠାରୁ ଏହାକୁ ବନ୍ଦ କରି ଦିଆଯାଇଛି। ଯଦି କୁମ୍ଭରେ ଭିଡ଼ ଏଭଳି ଲାଗି ରହେ ତେବେ ପୂର୍ଣ୍ଣିମା ପର୍ଯ୍ୟନ୍ତ ଷ୍ଟେସନ ବନ୍ଦ ରହିପାରେ। ପ୍ରୟାଗରାଜ ସଙ୍ଗମ ଷ୍ଟେସନ କୁମ୍ଭ ଅଞ୍ଚଳଠାରୁ ମାତ୍ର ଏକ କିଲୋମିଟର ଦୂରରେ ଅବସ୍ଥିତ। ଦାରାଗଞ୍ଜ ଏବଂ ପ୍ରୟାଗରାଜ ସଙ୍ଗମ ଦୁଇଟି ପୃଥକ ରେଳ ଷ୍ଟେସନ ଏବଂ ଦାରାଗଞ୍ଜକୁ ସାମୟିକ ଭାବେ ବନ୍ଦ କରି ଦିଆଯାଇଛି।

## କାରିବିଆନ ସାଗରରେ ୭.୬ ତୀବ୍ରତାର ଶକ୍ତିଶାଳୀ ଭୂମିକମ୍ପ

**ନୂଆଦିଲ୍ଲୀ, ୯।୨:** କାରିବିଆନ ସାଗରରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ରିକ୍ଟର ସ୍କେଲରେ ୭.୬ ମପାଯାଇଛି। ହଣ୍ଡୁରାସର ଉତ୍ତର ଏବଂ କେମ୍ୟାନ ଦ୍ୱୀପର ଦକ୍ଷିଣ-ପଶ୍ଚିମରେ ଭୂମିକମ୍ପ ଝଟକା ଅନୁଭବ କରାଯାଇଛି। ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ ଅନୁସାରେ, ଶନିବାର ସନ୍ଧ୍ୟାରେ ଆସିଥିବା ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର (୬.୨୧ ମାଇଲ୍) ଗଭୀରତାରେ ଥିଲା। କେମ୍ୟାନ୍ ଦ୍ୱୀପପୁଞ୍ଜ ନିକଟରେ ହଣ୍ଡୁରାସରୁ ୧୩୦ ମାଇଲ୍ (୨୦୯ କିଲୋମିଟର) ଉତ୍ତରରେ କମ୍ପନ ସୃଷ୍ଟି ହୋଇଥିଲା। ଭୂମିକମ୍ପ ଯୋଗୁ ଧନଜୀବନ ହାନି ନେଇ କୌଣସି ସୂଚନା ନାହିଁ। ଭୂମିକମ୍ପ ପରେ ଅନେକ ଦେଶର ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ସୁନାମି ଚେତାବନୀ ଜାରି କରାଯାଇଛି। ଆମେରିକାର ସୁନାମି ସତର୍କତା ପ୍ରଣାଳୀ କାରିବିଆନ ସାଗର ଏବଂ ହଣ୍ଡୁରାସର ଉତ୍ତର ଅଞ୍ଚଳ ପାଇଁ ସୁନାମି ଚେତାବନୀ ଜାରି କରିଛି। ପୁଏର୍ଟୋ ରିକୋ ଏବଂ ଭର୍ଜିନ୍ ଦ୍ୱୀପପୁଞ୍ଜରେ ମଧ୍ୟ ସୁନାମି ଆଶଙ୍କା ରହିଛି। ବିପଜ୍ଜନକ ସୁନାମି ଲହରୀ ଭୂମିକମ୍ପ କେନ୍ଦ୍ରଠାରୁ ୬୨୦ ମାଇଲ୍ ଦୂରରେ ଉପକୂଳବର୍ତ୍ତୀ ଅଞ୍ଚଳକୁ ପ୍ରଭାବିତ କରିପାରେ। ସୁନାମି ପ୍ରଭାବିତ ଦେଶଗୁଡ଼ିକ ମଧ୍ୟରେ କେମ୍ୟାନ୍ ଦ୍ୱୀପପୁଞ୍ଜ, ଜାମାଇକା, କ୍ୟୁବା, ମେକ୍ସିକୋ, ହଣ୍ଡୁରାସ, ନିକାରାଗୁଆ, ବହାମାସ୍, କୋଷ୍ଟାରିକା, ବେଲିଜ୍, ହେଇତି, ପାନାମା ଏବଂ ଗୁଆଟେମାଲା ଅନ୍ତର୍ଭୁକ୍ତ। କେମ୍ୟାନ୍ ଦ୍ୱୀପର ଦକ୍ଷିଣ-ପଶ୍ଚିମରେ କାରିବିଆନ୍ ସାଗରରେ ଏକ ଶକ୍ତିଶାଳୀ ଭୂମିକମ୍ପ ଆସିବା ପରେ ସୁନାମି ଭୟ ରହିଛି। ତେଣୁ ଉପକୂଳ ନିକଟରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ଅନୁରୋଧ କରାଯାଇଛି। କେମ୍ୟାନ୍ ଦ୍ୱୀପପୁଞ୍ଜ ପରିଚାଳନା ବିଭାଗ ଉପକୂଳବର୍ତ୍ତୀ ଲୋକମାନଙ୍କୁ ଉଚ୍ଚ ଭୂମିକୁ ଯିବାକୁ ଅନୁରୋଧ କରିଛି। ସୁନାମି ଚେତାବନୀ ପରେ ସରକାର ଜରୁରୀକାଳୀନ ସଂସ୍ଥାଗୁଡ଼ିକୁ ସତର୍କ କରାଇ ଦେଇଛନ୍ତି।

### ଭାଙ୍ଗିଲା ଦିଲ୍ଲୀ ବିଧାନସଭା

# ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଆତିଶୀ

**ନୂଆଦିଲ୍ଲୀ,୯।୨:** ଇସ୍ତଫା ଦେଲେ ଆତିଶୀ ମାର୍ଲେନା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଆତିଶୀ। ରାଜଭବନରେ ପହଞ୍ଚି ଉପରାଜ୍ୟପାଳ ବିନୟ କୁମାର ସକ୍ସେନାଙ୍କୁ ଭେଟି ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ୍ ର ପରାଜୟ ହେବା ପରେ ଆଜି (ରବିବାର) ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଦିଲ୍ଲୀରେ ବିଜେପି ସରକାର ଗଢ଼ିବାକୁ ଯାଉଛି। ଆତିଶୀଙ୍କ ପରେ କିଏ ହେବ ଦିଲ୍ଲୀର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ତାହା ଉପରେ ସମସ୍ତଙ୍କ ନଜର ରହିଛି। ସେପଟେ ଦିଲ୍ଲୀର ସପ୍ତମ ବିଧାନସଭା ଭଙ୍ଗ କରିଛନ୍ତି ଉପରାଜ୍ୟପାଳ ବିନୟ କୁମାର ସକ୍ସେନା। ଏ ନେଇ ବିବୃତ୍ତି ପ୍ରକାଶ ପାଇଛି।

ଅରବିନ୍ଦ କେଜ୍ରିୱାଲ ମୁଖ୍ୟମନ୍ତ୍ରୀ ପଦ ଛାଡିବା ପରେ ଆତିଶୀ ଗତବର୍ଷ ସେପ୍ଟେମ୍ବର ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ମାତ୍ର ସାଢେ ୪ ବର୍ଷ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟଭାର ସମ୍ଭାଳିଥିଲେ ଆତିଶୀ। ସୁଷମା ସ୍ୱରାଜ ଓ ଶିଲା ଦୀକ୍ଷିତଙ୍କ ପରେ ଆତିଶୀ ଦିଲ୍ଲୀର ତୃତୀୟ ମହିଳା ମୁଖ୍ୟମନ୍ତ୍ରୀ ଥିଲେ।କାଲକାଜୀ ଆସନୁ ପ୍ରାର୍ଥୀ ହୋଇଥିଲେ ମୁଖ୍ୟମନ୍ତ୍ରୀ। ସେ ବିଜେପିର ରମେଶ ବିଧୁଡୀଙ୍କୁ ୩୫୦୦ରୁ ଅଧିକ ଭୋଟରେ ହରାଇ ବିଜୟୀ ହୋଇଥିଲେ ହେଲେ ତାଙ୍କ ଦଳ ଆପକୁ ବହୁମତ ମିଳି ପାରିନଥିଲା।



ଦଳର ବହୁ ହେଭିୱେଟ ନେତା ଯେପରି ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ, ମନୀଷ ସିସୋଦିଆ ସତେନ୍ଦ୍ର ଜେନ୍ ହାରି ଯାଇଥିଲେ। ଫଳରେ ୨୭ ବର୍ଷ ପରେ ଦିଲ୍ଲୀ ଗଡ ଦଖଲ କରି ନେଇଥିଲା ଭାରତୀୟ ଜନତା ପାର୍ଟି। ତେବେ ଆତିଶୀଙ୍କ ପରେ କିଏ ହେବେ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ। ସିଏମ ରେସରେ ୬ ବଡ ଚେହେରା ରହିଛନ୍ତି। ମୁଖ୍ୟମନ୍ତ୍ରୀ ଦୌଡରେ ସମ୍ଭାବ୍ୟ ନାଁ ମଧରେ ପରବେଶ ବର୍ମା, ସତୀଶ ଉପାଧ୍ୟାୟ, ଆଶୀଷ ସୁଦ, ଜିତେନ୍ଦ୍ର ମହାଜନ, ସ୍ମୃତି ଇରାନୀ ଏବଂ ବିଜେନ୍ଦ୍ର ଗୁପ୍ତା ସାମିଲ ଅଛନ୍ତି। ପରବେଶ ବର୍ମା ସବୁଠୁ ଆଗରେ ଅଛନ୍ତି ପରବେଶ ବର୍ମା। ସେ ନୂଆଦିଲ୍ଲୀ ଆସନରୁ ଅରବିନ୍ଦ କେଜ୍ରିୱାଲଙ୍କୁ ପରାସ୍ତ କରିଥିଲେ। କହି ରଖୁଛୁ କି, ଦିଲ୍ଲୀ ବିଧାନସଭା ୭୦ ଆସନରେ ଗତ ୫ ତାରିଖରେ ଭୋଟ ଗ୍ରହଣ ହୋଇଥିଲା। ଗତକାଲି (ଶନିବାର) ଫଳାଫଳ ପ୍ରକାଶ ପାଇଛି। ଲଗାତାର ଦୁଇ ପାଳି ଦିଲ୍ଲୀରେ ସରକାର ଗଢ଼ି ଆସୁଥିବା ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦମୀ ପାର୍ଟି (ଆପ୍) ପରାଜୟର ସମ୍ମୁଖୀନ ହୋଇଛି । ମୋଦି ମ୍ୟାଜିକରେ ବିପୁଳ ବିଜୟ ସହ ୨୭ ବର୍ଷ ପରେ ବିଜେପି ଦିଲ୍ଲୀ ଦଖଲ କରିଛି। ବିଜେପି ୪୮ ଆସନ କବଜା କରି ନେଇଛି। ଆପକୁ ୨୨ ଆସନ ମିଳିଥିବା ବେଳେ କଂଗ୍ରେସ ଖାତା ଖୋଲି ପାରିନାହିଁ।

## ଓଲଟିଲା ହାଇୱା, ଜଣେ ଶିଶୁ ସମେତ ଚାଲିଗଲା ୪ ଜୀବନ

**ଗାନ୍ଧୀନଗର,୯।୨:** ଗୁଜୁରାଟ ଅହମ୍ମଦାବାଦ ବନାସାକାଣ୍ଠାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା। ଓଲଟିଲା ହାଇୱା ଚାଲିଗଲା ୪ଜଣଙ୍କ ଜୀବନ। ଏନଏଚ ଉପରେ ଏକ ବାଲି ବୋଝେଇ ହାଇୱା ଟ୍ରକ୍ ଓଲଟି ପଡିବାରୁ ୪ ଜଣଙ୍କର ମୃତ୍ୟୁ ହୋଇଛି। ସମସ୍ତେ ଦିନମଜୁରିଆ ହୋଇଥିବା ଜଣାପଡିଛି। ଏକ ବାଲି ବୋଝେଇ ଟ୍ରକ ବନାସାକାଣ୍ଠା ରାସ୍ତା କଡ଼କୁ ଓଲଟି ପାଡିଥିଲା। ସେଠାରେ କାମ କରୁଥିବା କିଛି ଦିନ ମଜୁରିଆ ଟ୍ରକ ତଳେ ଚାପି ହୋଇଥିଲେ। ସମସ୍ତ ୪ ଜଣଙ୍କର ମୃତ୍ୟୁ ହୋଇଛି। ମୃତ ୪ ଜଣଙ୍କର ମଧରେ ୩ ଜଣ ମହିଳା ଥିବା ବେଳେ ଜଣେ ଶିଶୁ ଥିବା ଜଣାପଡିଛି। ମୃତ ୪ ଜଣ ହେଲେ ରେଣୁକାବେନ ଗାନାୱା (୨୪), ସୋନାଲବେନ ନିନାମା(୨୨), ଇଲାବେନ ଭାବୋର(୪୦), ରୁଦ୍ର (୨)। ଡେପୁଟି ପୋଲିସ ସୁପରିଟେଣ୍ଡେଣ୍ଟ ଏସଏମ ଭାର୍ଡୋରିୟା କହିଛନ୍ତି, ଭାରସାମ୍ୟା ହରାଇ ଟ୍ରକଟି ରାସ୍ତା କଡକୁ ଓଲଟି ପଡିଥିଲା। ସେଠାରେ ରାସ୍ତା କାମ କରୁଥିବା ଶ୍ରମିକ ଟ୍ରକ ତଳେ ଚାପି ହୋଇଯାଇଥିଲେ। ଦୀର୍ଘ ୨ ଘଣ୍ଟା ପରେ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧରେ ୩ ଜଣ ମହିଳା ଜଣେ ଶିଶୁ ରହିଛନ୍ତି। ସମସ୍ତଙ୍କୁ ତୁରନ୍ତ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ମାତ୍ର ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ଗୁଜୁରାଟରେ ଦିନକୁ ଦିନ ସଡକ ଦୁର୍ଘଟଣା ବଢିବାରେ ଲାଗିଛି। ଗତ ଫେବୃଆରୀ ୨ ତାରିଖରେ ସାପୁତାରା ହିଲ ଷ୍ଟେସନରେ ଏକ ଦୁର୍ଘଟଣା ଘଟି ୫ ଜଣଙ୍କର ମୃତ୍ୟୁ ହୋଇଥିଲା।

## ଆମେ ସର୍ବଦା ଲୋକଙ୍କ ସହ ରହିବୁ: କେଜ୍ରିୱାଲ

**ନୂଆଦିଲ୍ଲୀ, ୯।୨:** ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ତାଙ୍କ ଦଳର ପରାଜୟକୁ ସ୍ୱୀକାର କରିଛନ୍ତି ଏବଂ ବିଜୟ ପାଇଁ ବିଜେପିକୁ ଶୁଭେଚ୍ଛା ଜଣାଇଛନ୍ତି। କେଜ୍ରିୱାଲ ଆଜି ଏକ ଭିଡିଓ ବାର୍ତ୍ତାରେକହିଛନ୍ତି ଯେ ଆମେ ଅତ୍ୟନ୍ତ ବିନମ୍ରତାର ସହ ଲୋକଙ୍କ ଜନାଦେଶକୁ ଗ୍ରହଣ କରୁଛୁ। ଏହି ବିଜୟ ପାଇଁ ମୁଁ ବିଜେପିକୁ ଶୁଭେଚ୍ଛା ଜଣାଉଛି ଏବଂ ମୁଁ ଆଶା କରୁଛି ଯେ ଲୋକମାନେ ବିଜେପିର ଯେଉଁ ପ୍ରତିଶ୍ରୁତି ପାଇଁ ଭୋଟ୍ ଦେଇଛନ୍ତି ବିଜେପି ସେହି ପ୍ରତିଶ୍ରୁତି ପୂରଣ କରିବ। ନିର୍ବାଚନରେ ହାରି ଯାଇଥିଲେ ମଧ୍ୟ କେଜ୍ରିୱାଲ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ ତାଙ୍କ ଦଳ ଦିଲ୍ଲୀର ରାଜନୈତିକ କ୍ଷେତ୍ରରେ ସକ୍ରିୟ ରହିବ। ଲୋକମାନଙ୍କ ସେବା କରିବା ସହ ଦଳ ଏକ ଗଠନମୂଳକ ବିରୋଧୀ ଦଳର ଦାୟିତ୍ୱ ତୁଲାଇବ। କେଜ୍ରିୱାଲ କହିଛନ୍ତି, ଆମେ ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି କ୍ଷେତ୍ରରେ ଗତ ୧୦ ବର୍ଷ ମଧ୍ୟରେ ଅନେକ କାମ କରିଛୁ।

## ଟ୍ରକ୍ ସହ ଧକ୍କା ପରେ ଜଳିଗଲା ବସ୍, ୪୧ ଜୀବନ୍ତ ଦଗ୍ଧ

**ମେକ୍ସିକୋ ସିଟି, ୯।୨:** ଦକ୍ଷିଣ ମେକ୍ସିକୋରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪୧ ଜଣଙ୍କର ମୃତ୍ୟୁ ଘଟିଛି। ମେକ୍ସିକୋର ଟବାସ୍କୋ ରାଜ୍ୟ ସରକାର ଏକ ବିବୃତିରେ କହିଛନ୍ତି ଯେ, ୪୮ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ବସ୍ ଏକ ଟ୍ରକ୍ ସହିତ ଧକ୍କା ଦେଇଥିଲା। ବସ୍‌ଟି କାନକୁନ୍‌ରୁ ଟବାସ୍କୋ ଯାଉଥିଲା। ଏହି ଦୁର୍ଘଟଣାରେ ବସ୍‌ରେ ଥିବା ୩୮ ଜଣ ଯାତ୍ରୀ ଏବଂ ଦୁଇ ଜଣ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ଟ୍ରକର ଡ୍ରାଇଭରଙ୍କର ମଧ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ନ୍ୟୁଜ୍ ଏଜେନ୍ସି ରଏଟର୍ସ କିଛି ଫଟୋ ଜାରି କରିଛି, ଯେଉଁଥିରେ ଦର୍ଶାଯାଇଛି ଯେ, ଧକ୍କା ପରେ ବସ୍‌ରେ ନିଆଁ ଲାଗି ଯାଇଥିଲା ଏବଂ ଏହା ସମ୍ପୂର୍ଣ୍ଣ ଜଳି ଯାଇଥିଲା। ନିଆଁ ଲିଭାଇବା ପରେ, କେବଳ ବସ୍‌ର ଫ୍ରେମର ଅବଶିଷ୍ଟାଂଶ ବାକି ରହିଛି। ଟବାସ୍କୋ ଅଧିକାରୀମାନେ କହିଛନ୍ତି ଯେ, ଏପର୍ଯ୍ୟନ୍ତ ୩୮ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ କହିଛନ୍ତି ଦୁର୍ଘଟଣାଗ୍ରସ୍ତ ବସ୍‌ରୁ ପ୍ରମାଣ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବସ୍ ଅପରେଟର ଟୁର୍ସ ଆକୋଷ୍ଟା ଫେସବୁକରେ ଏକ ବିବୃତିରେ ଦୁର୍ଘଟଣାକୁ ନିଶ୍ଚିତ କରିଛନ୍ତି ଏବଂ ଯାହା ଘଟିଛି ସେଥିପାଇଁ "ଗମ୍ଭୀର ଭାବରେ ଦୁଃଖିତ" ବୋଲି କହିଛନ୍ତି।



ଟୁର୍ସ ଆକୋଷ୍ଟା ଏହା ମଧ କହିଛନ୍ତି ଯେ, ଦୁର୍ଘଟଣା ପଛର କାରଣ ଏବଂ ବସ୍‌ଟି ଧାର୍ଯ୍ୟ ସୁରକ୍ଷା ଗତି ସୀମା ମଧରେ ଯାତ୍ରା କରୁଥିଲା କି ନାହିଁ ତାହା ଜାଣିବା ପାଇଁ ଆମେ କର୍ତ୍ତୃପକ୍ଷଙ୍କ ସହ ମିଳିତ ଭାବେ କାମ କରୁଛୁ। ବସ୍ ଅପରେଟର ଟୁର୍ସ ଆକୋଷ୍ଟା କହିଛନ୍ତି, 'ସାର୍ବଜନୀନ ମନ୍ତ୍ରଣାଳୟ ଆମକୁ ଜଣାଇଛି ଯେ, ତଦନ୍ତ କାଣ୍ଡେଲାରିଆର କାମପେଚେ ସ୍ଥିତ ପୌରପାଳିକାର ପବ୍ଲିକ ପ୍ରସିକ୍ୟୁଟର କାର୍ଯ୍ୟାଳୟରେ କରାଯିବ। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ଏବଂ ସମ୍ପର୍କୀୟମାନଙ୍କୁ ଆବଶ୍ୟକ ପ୍ରକ୍ରିୟା ପୂରଣ କରିବା ପାଇଁ ଏହି ବିଭାଗକୁ ଯିବାକୁ ପଡିବ। ଟବାସ୍କୋ ସରକାରୀ ସଚିବ ରାମିରୋ ଲୋପେଜ୍ କହିଛନ୍ତି ଯେ, କର୍ତ୍ତୃପକ୍ଷ ଖୁବ୍ ଶୀଘ୍ର ମୃତ ଲୋକଙ୍କ ସଂଖ୍ୟା ଏବଂ ସେମାନଙ୍କ ପରିଚୟ ସମ୍ପର୍କରେ ଚୂଡ଼ାନ୍ତ ସୂଚନା ପ୍ରଦାନ କରିବେ। ସ୍ଥାନୀୟ ପୌର ପରିଷଦ, ପାଲାସିଓ ମ୍ୟୁନିସିପାଲ୍ ଡି କୋମାଲକାଲ୍କୋ କହିଛି, ବସ୍ ଦୁର୍ଘଟଣାରେ ମୃତକଙ୍କ ମୃତଦେହକୁ ସେମାନଙ୍କ ଜନ୍ମସ୍ଥାନକୁ ନେବା ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ।

# ଖୁବଶୀଘ୍ର ଘୋଷଣା ହେବ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ନାମ



**ନୂଆଦିଲ୍ଲୀ, ୯।୨:** ୨୭ ବର୍ଷ ପରେ ଜାତୀୟ ରାଜଧାନୀ ଦିଲ୍ଲୀରେ ଭାରତୀୟ ଜନତା ପାର୍ଟି (ବିଜେପି) ସରକାର ଗଠନ ହେବାକୁ ଯାଉଛି। ଦିଲ୍ଲୀର ୭୦ଟି ସିଟ୍ ମଧ୍ୟରୁ ୪୮ଟିରେ ବିଜେପି ଜିତିଥିବାବେଳେ ଆପକୁ କେବଳ ୨୨ଟି ସିଟ୍ ସହ ସନ୍ତୁଷ୍ଟ ହେବାକୁ ପଡିଛି। ସେପଟେ ଜାତୀୟ ରାଜଧାନୀ ଦିଲ୍ଲୀରେ ସରକାର ଗଠନ ପାଇଁ ବିଜେପି ପ୍ରସ୍ତୁତି ଆରମ୍ଭ କରିଛି। ଦିଲ୍ଲୀରେ ସରକାର ଗଠନ ସମ୍ପର୍କରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ବାସଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜେପି ନଡ୍ଡା, ବୈଜୟନ୍ତ ପଣ୍ଡା ଏବଂ ବି.ଏଲ୍ ସନ୍ତୋଷ ମଧ ଉପସ୍ଥିତ ଥିଲେ। କୁହାଯାଉଛି ଯେ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ତଥା ଦିଲ୍ଲୀ ମନ୍ତ୍ରୀ ପଦ ପାଇଁ ନାମ ଆଲୋଚନା କରାଯାଇଥିଲା। ଆଇଏନ୍‌ଏସ୍ ଅନୁଯାୟୀ, ଦିଲ୍ଲୀ ବିଜେପି ସଭାପତି ବିରେନ୍ଦ୍ର ସଚ୍ଚଦେବା ଆଜି ସନ୍ଧ୍ୟାରେ ସମସ୍ତ ବିଜୟୀ ବିଧାୟକଙ୍କୁ ଭେଟିବେ। ଏହି ସମୟରେ ସେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବେ ଏବଂ ସରକାର ଗଠନ ସମ୍ପର୍କରେ ଆଲୋଚନା ହେବାର ମଧ ସମ୍ଭାବନା ରହିଛି। ଏହାପୂର୍ବରୁ ନିର୍ବାଚନ ଫଳାଫଳ ବାହାରିବା ପରେ ଶନିବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ମୋଦୀ, ଜେପି ନଡା, ଅମିତ ଶାହାଙ୍କ ସହ ଦିଲ୍ଲୀରେ ଗଠନ ହେବାକୁ ଥିବା ଶପଥ ଗ୍ରହଣ ସମାରୋହକୁ ନେଇ ବିଜେପି କାର୍ଯ୍ୟାଳୟରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ବିଦେଶ ଗସ୍ତରୁ ଫେରିବା ପରେ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରାଯାଇପାରେ ବୋଲି ସୂତ୍ରରୁ ପ୍ରକାଶ। ୧୪ ଫେବୃଆରୀ ରାତିରେ ପ୍ରଧାନମନ୍ତ୍ରୀ ମୋଦୀ ଫେରିବେ। ଏହା ପରେ ହିଁ ଦିଲ୍ଲୀରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇପାରିବ। ସମାରୋହରେ ଏନଡିଏ ନେତାମାନେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଏହା ବ୍ୟତୀତ ସମସ୍ତ ଏନଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ମଧ ଡକାଯିବ। ଏଥି ସହିତ ବିଧାନସଭା ନିର୍ବାଚନରେ ଆମ୍ ଆଦମୀ ପାର୍ଟି (ଏଏପି) ର ପରାଜୟର ଗୋଟିଏ ଦିନ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅତିଶି ରବିବାର ଦିନ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଭି.କେ ସକ୍ସେନାଙ୍କୁ ଭେଟି ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି।

**ଶାହାଙ୍କ ବାସଭବନରେ ଚାଲିଛି ବୈଠକ**

# ବାଂଲାଦେଶରେ 'ଅପରେସନ୍ ଡେଭିଲ୍ ହଣ୍ଟ' ଆରମ୍ଭ

**ଢାକା, ୯।୨:** ମହମ୍ମଦ ୟୁନୁସଙ୍କ ସରକାର ବାଂଲାଦେଶରେ ଆତଙ୍କ ସୃଷ୍ଟି କରୁଛନ୍ତି। ମଧବର୍ତ୍ତୀକାଳୀନ ସରକାରଙ୍କ ନିଷ୍ପତ୍ତିରୁ ମନେ ହେଉଛି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ନାମ ଦେଶରୁ ନିଶ୍ଚିହ୍ନ ହୋଇଯିବ। ଏବେ ବାଂଲାଦେଶରେ 'ଅପରେସନ୍ ଡେଭିଲ୍ ହଣ୍ଟ' ଅଭିଯାନ ଆରମ୍ଭ ହୋଇଛି, ଯାହାର ଲକ୍ଷ୍ୟ ଶାନ୍ତି ପ୍ରତିଷ୍ଠା କରିବା। କିନ୍ତୁ, ଏହା ବିଶ୍ୱାସ କରାଯାଉଛି ଯେ, ଶେଖ ହସିନାଙ୍କ ସମର୍ଥକମାନଙ୍କର ଚିହ୍ନବର୍ଣ୍ଣ ଦେଶରୁ ନିଚିହ୍ନ କରିବା ପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି। ପ୍ରକୃତରେ, ବାଂଲାଦେଶରେ ପୁଣି ଥରେ ଅଶାନ୍ତି ବ୍ୟାପିଛି ଏବଂ ଦେଶର ବହୁ ସ୍ଥାନରେ, ଭିଡ଼ ଶେଖ ହସିନା ସମର୍ଥକ ଏବଂ ତାଙ୍କ ଦଳର ନେତାମାନଙ୍କୁ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି। ଗୁରୁବାର ଦିନ, ଅତି କମରେ ୨୪ଟି ଜିଲ୍ଲାରେ ଶେଖ ହସିନାଙ୍କ ଦଳର ବରିଷ୍ଠ ନେତାମାନଙ୍କ ଘର ପୋଡ଼ି ଦିଆଯାଇଥିଲା। ଅନେକ ସ୍ଥାନରେ, ଭିଡ଼ ଏବଂ ସ୍ଥାନୀୟ ଲୋକଙ୍କ ମଧରେ ସଂଘର୍ଷ ଘଟିଥିଲା। ଯାହା ପରେ ଶନିବାର 'ଅପରେସନ୍ ଡେଭିଲ୍ ହଣ୍ଟ' ଅଭିଯାନ ଆରମ୍ଭ ହୋଇଥିଲା।

ବାଂଲାଦେଶ ଗୃହ ମନ୍ତ୍ରଣାଳୟ ଏକ ବିବୃତିରେ କହିଛନ୍ତି, ଗତକାଲି ରାତିରେ ଗାଜିପୁରରେ ଛାତ୍ରମାନଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ଆଇନ ଶୃଙ୍ଖଳା ବାହିନୀ ସହିତ ସମନ୍ୱୟ ରଖି ଶନିବାର ଗୃହ ମନ୍ତ୍ରଣାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପର୍କିତ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଏବଂ ଆତଙ୍କବାଦୀମାନଙ୍କୁ ନ୍ୟାୟ ଦେବା ପାଇଁ ମିଳିତ ବାହିନୀ ସହିତ ସମନ୍ୱୟ ରଖି 'ଅପରେସନ୍



ଡେଭିଲ୍ ହଣ୍ଟ' ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ବୈଠକରେ କୁହାଯାଇଥିଲା। ଗୃହ ମନ୍ତ୍ରଣାଳୟ କହିଛି ଯେ, ଏହି ଅଭିଯାନ ସାରା ଦେଶରେ ଆରମ୍ଭ ହୋଇଛି। ଶୁକ୍ରବାର ରାତିରେ ମହମ୍ମଦ ୟୁନୁସଙ୍କ ସରକାରଙ୍କ ଦ୍ୱାରା ସମର୍ଥିତ ଛାତ୍ରମାନେ ପୁଣି ଥରେ ଶେଖ ହସିନା ସମର୍ଥକଙ୍କ ଘର ଉପରେ ଆକ୍ରମଣ କରିବା ଆରମ୍ଭ କରିଦେଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ପ୍ରତିବାଦ କରି ଛାତ୍ରମାନେ "ବୁଲଡୋଜର କାର୍ଯ୍ୟକ୍ରମ" ଆରମ୍ଭ କରିଥିଲେ। ଯାହା ଅନ୍ତର୍ଗତ ହସିନାଙ୍କ ଦଳର ପୂର୍ବତନ ସାଂସଦ ଏବଂ ନେତାଙ୍କ ଘର ଭାଙ୍ଗି ଦିଆଯାଇଥିଲା। ସେମାନଙ୍କ ଘରେ ନିଆଁ ଲଗାଇ ପୋଡ଼ି ଦିଆଯାଇଥିଲା। ଏବେ ଶେଖ ହସିନାଙ୍କ ଦଳର କର୍ମୀମାନେ ମଧ ଏହାର ପ୍ରତିବାଦ କରିବା ଆରମ୍ଭ କରିଛନ୍ତି। ଶୁକ୍ରବାର ଗାଜିପୁରରେ ବିଳମ୍ବିତ ରାତିରେ ଉଭୟ ପକ୍ଷର ଲୋକଙ୍କ ମଧରେ ସଂଘର୍ଷ ଘଟିଥିଲା। ଏହି ଘଟଣାରେ ପ୍ରାୟ ୧୫ ଜଣ ଛାତ୍ର ଆହତ ହୋଇଛନ୍ତି ଏବଂ ସେମାନଙ୍କର ଚିକିତ୍ସା ବିଭିନ୍ନ ହସ୍ପିଟାଲରେ ଚାଲିଛି। ସ୍ଥାନୀୟ ଲୋକମାନେ ମାଇକ୍‌ରେ ଘୋଷଣା କରିବା ପରେ ସଂଘର୍ଷ ଆରମ୍ଭ ହୋଇଥିଲା। କୁହାଯାଇଥିଲା ଯେ, ଶେଖ ହସିନାଙ୍କ ମୁକ୍ତି ସଂଗ୍ରାମ ମାମଲାର ମନ୍ତ୍ରୀ ମୋଜାମେଲ୍ ହକ୍‌ଙ୍କ ଘରକୁ ଭାଙ୍ଗିବାକୁ ଲୁଟେରାଙ୍କ ଏକ ଦଳ ଆସୁଛନ୍ତି।

ଏହି ଘଟଣାରେ ପ୍ରାୟ ୧୫ ଜଣ ଛାତ୍ର ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ଚିକିତ୍ସା ଲାଗି ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶେଖ ହସିନାଙ୍କୁ କ୍ଷମତାରୁ ବାହାର କରିବା ପାଇଁ ନେତୃତ୍ୱ ନେଇଥିବା ଏକ ଗୋଷ୍ଠୀ, ଭେଦଭାବ ବିରୋଧୀ ଛାତ୍ର ଆନ୍ଦୋଳନର କେନ୍ଦ୍ରୀୟ ନେତାମାନେ ଛାତ୍ରମାନଙ୍କ ଉପରେ ଆକ୍ରମଣର ପ୍ରତିବାଦରେ ଏକ ରାଲି କରିବାକୁ ଗାଜିପୁରରେ ପହଞ୍ଚିଥିଲେ। ଏହି ସମୟରେ, ବାଂଲାଦେଶର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ ସମସ୍ତ ନାଗରିକଙ୍କୁ ଆଇନ ଶୃଙ୍ଖଳା ଫେରାଇ ଆଣିବାକୁ ଏବଂ ଶେଖ ହସିନାଙ୍କ ପରିବାର ଏବଂ ଆୱାମୀ ଲିଗ୍ ଦଳର ରାଜନେତାଙ୍କ ସମ୍ପତ୍ତି ଉପରେ କିମ୍ବା କୌଣସି ନାଗରିକଙ୍କ ଉପରେ ଆଉ ଆକ୍ରମଣ ନ କରିବାକୁ ଆହ୍ୱାନ କରିଛନ୍ତି। କିନ୍ତୁ ସରକାରଙ୍କ ପ୍ରରୋଚନାରେ ଏପରି ଆକ୍ରମଣ କରାଯାଉଛି ବୋଲି ବିଶ୍ୱାସ କରାଯାଉଛି। ସରକାର ଶେଖ ହସିନାଙ୍କ ସମର୍ଥକମାନଙ୍କୁ ସବୁଦିନ ପାଇଁ ନିପାତ କରିବାକୁ ପ୍ରୟାସ କରୁଥିବା ଅଭିଯୋଗ ହୋଇଛି । ଅନେକ ରିପୋର୍ଟରେ ଦାବି କରାଯାଇଛି ଯେ, ସମଗ୍ର ବାଂଲାଦେଶ ଶେଖ ହସିନାଙ୍କ ବିରୋଧରେ ନୁହେଁ। ତଙ୍କ ପ୍ରତି ଏବେ ବି ବିପୁଳ ଜନସମର୍ଥନ ରହିଛି। ମହମ୍ମଦ ୟୁନୁସ ଏଥିପାଇଁ ଚିନ୍ତିତ ଏବଂ ନିର୍ବାଚନ ହେବା ପୂର୍ବରୁ ଏହି ଜନ ସମର୍ଥନକୁ ସମ୍ପୂର୍ଣ୍ଣ ଭାବରେ ଶେଷ କରିବାକୁ ଚାହୁଁଛନ୍ତି।

# ବାରବାଟୀ ଦିନିକିଆରେ ଭରପୂର ରୋମାଞ୍ଚ








## ପାକିସ୍ତାନ ଟିମ୍‌କୁ ଶେହବାଜ ସରିଫଙ୍କ ପରାମର୍ଶ

# କେବଳ ଟୁର୍ଣ୍ଣାମେଣ୍ଟ ନୁହେଁ, ଭାରତକୁ ହରାଇବା ପ୍ରକୃତ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ/ଇସଲାମାବାଦ, ୯।୨:** ଚାମ୍ପିଅନ୍ସ ଟ୍ରଫି ୨୦୨୫କୁ ଆଉ କିଛି ଦିନ ବାକି। ଏହାକୁ ନେଇ ସମସ୍ତ ଦଳ ନିଜ ନିଜ ପ୍ରସ୍ତୁତିରେ ବ୍ୟସ୍ତ। ଏମିତିରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ବଡ଼ ବୟାନ ଦେଇଛନ୍ତି। ତାଙ୍କ ଟିମ୍‌ର ପ୍ରକୃତ ଚ୍ୟାଲେଞ୍ଜ କେବଳ ଟାଇଟଲ ଜିତିବା ନୁହେଁ ବରଂ ପଡୋଶୀ ଭାରତକୁ ପରାସ୍ତ କରିବା ବୋଲି ସେ କହିଛନ୍ତି। ଚାମ୍ପିଅନ୍ସ ଟ୍ରଫି ବିବାଦକୁ ନେଇ ଭାରତ ୟୁଏଇରେ ଏହାର ମ୍ୟାଚ୍ ଖେଳିବ। ଫେବୃଆରୀ ୨୩ରେ ଦୁବାଇରେ ଭାରତ-ପାକ ପ୍ରତିଦ୍ୱନ୍ଦ୍ୱିତା ହେବ, ଯାହା ଉପରେ ସମସ୍ତଙ୍କ ନଜର ରହିଛି। ଏହାକୁ ନେଇ ଶେହବାଜ କହିଛନ୍ତି, "ଆମ ଟିମ୍ ବହୁତ ଭଲ ଏବଂ ସେମାନେ ସାମ୍ପ୍ରତିକ ସମୟରେ ଭଲ ପ୍ରଦର୍ଶନ କରିଛନ୍ତି। କିନ୍ତୁ ବର୍ତ୍ତମାନ କେବଳ ଚାମ୍ପିଅନ୍ସ ଟ୍ରଫି ଜିତିବା ପ୍ରକୃତ ଚ୍ୟାଲେଞ୍ଜ ନୁହେଁ ବରଂ ଦୁବାଇରେ ହେବାକୁ ଥିବା ଆଗାମୀ ମ୍ୟାଚ୍‌ରେ ଆମର ଚିରପ୍ରତିଦ୍ୱନ୍ଦ୍ୱୀ ଭାରତକୁ ପରାସ୍ତ କରିବା।" ପୂରା ଦେଶ ସେମାନଙ୍କ ପଛରେ ଛିଡ଼ା ହୋଇଛି," ଲାହୋରରେ ନବୀକରଣ ହୋଇଥିବା ଗଦାଫି ଷ୍ଟାଡିୟମର ଉଦ୍‌ଘାଟନ ଉତ୍ସବରେ ଭାଷଣ ଦେଇ ଶୁକ୍ରବାର ସରିଫ ଏଭଳି କହିଛନ୍ତି। ସରିଫ ଆହୁରି ମଧ କହିଛନ୍ତି, "ପାକିସ୍ତାନ ପାଇଁ ଏହା ଏକ ବଡ଼ ସୁଯୋଗ ଯେ



ଆମେ ପ୍ରାୟ ୨୯ ବର୍ଷ ପରେ ଏକ ବଡ଼ ICC ଟୁର୍ନାମେଣ୍ଟ ଆୟୋଜନ କରୁଛୁ। ମୋର ପୂର୍ଣ୍ଣ ବିଶ୍ୱାସ ଯେ ଆମ ଦଳ ଆଗାମୀ ଚାମ୍ପିଅନ୍ସ ଟ୍ରଫିରେ ଦେଶକୁ ଗର୍ବିତ କରିବ।" ତେବେ ପ୍ରଥମ ଥର ପାଇଁ ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରୁଛି। ଏହା ୧୯୯୬ ପରେ ପାକିସ୍ତାନରେ ଖେଳାଯାଉଥିବା ପ୍ରଥମ ଆଇସିସି ଟୁର୍ନାମେଣ୍ଟ। ସୁରକ୍ଷା କାରଣ ଦର୍ଶାଇ ବିସିସିଆଇ ଭାରତ ପାକିସ୍ତାନ ଯିବ ନାହିଁ ବୋଲି ମନା କରିଦେଇଥିଲା। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ସହିତ ସପ୍ତାହେ ଧରି ବିଚାର-ବିମର୍ଶ କରିବା ପରେ, ବିସିସିଆଇ ଏବଂ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏକ ହାଇବ୍ରିଡ ମଡେଲ ଉପରେ ରାଜି ହୋଇଥିଲେ। ଏଣୁ ଭାରତ ଏହାର ମ୍ୟାଚ ୟୁଏଇରେ ଖେଳିବ। ଷ୍ଟାଡିୟମର ଉଦଘାଟନ ଉତ୍ସବରେ ରାଜନେତା, ସରକାରୀ ଅଧିକାରୀ, ପିସିବି ପ୍ରତିନିଧି, ଜାତୀୟ ପୁରୁଷ ଦଳର ସମଗ୍ର ଚାମ୍ପିଅନ୍ସ ଟ୍ରଫି ଦଳ, ପାକିସ୍ତାନ ସୁପର ଲିଗ ଫ୍ରାଞ୍ଚାଇଜ ମାଲିକ ଏବଂ ପୂର୍ବତନ ପିସିବି ଅଧକ୍ଷ ଜାକା ଅସରଫ ଏବଂ ନଜାମ ସେଥିଙ୍କ ସମେତ ଅନେକ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମାତ୍ର ୧୧୭ ଦିନ ମଧରେ ଷ୍ଟାଡିୟମ ପ୍ରସ୍ତୁତ ହେବାର ଉତ୍ସବ ପାଳନ କରାଯାଇଥିଲା ଏବଂ ପିସିବି ଟୁର୍ନାମେଣ୍ଟ ପାଇଁ ଦଳର ଜର୍ସି ଲଞ୍ଚ କରିଥିଲା। ପାକିସ୍ତାନ ଫେବୃଆରୀ ୧୯ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଠାରେ ତାଙ୍କର ଅଭିଯାନ ଆରମ୍ଭ କରିବ।

## ପିଲାଦିନର କୋଚଙ୍କୁ ନିଜ ଘର ଉପହାର ଦେଲେ ନେହରା



**ନୂଆଦିଲ୍ଲୀ,୯।୨:** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଦ୍ରୁତ ବୋଲର ଆଶିଷ ନେହେରା ଆଜିକାଲି ଜଣେ କୋଚ ଭାବରେ ସମୟ ବିତାଉଛନ୍ତି। ସେ ଆଇପିଏଲ ଫ୍ରାଞ୍ଚାଇଜ ଗୁଜରାଟ ଟାଇଟାନ୍ସର କୋଚ। ନେହେରାଙ୍କ ଗୁଜରାଟ ଏହାର ପ୍ରଥମ ସିଜିନରେ (୨୦୨୨) ଟାଇଟଲ ଜିତିଥିଲା। ସେହିପରି ଆଇପିଏଲ୍ ୨୦୨୫ ପୂର୍ବରୁ, ଆଶିଷ ନେହେରାଙ୍କ ଏକ ଅନୁକରଣୀୟ କାହାଣୀ ସାମ୍ନାକୁ ଆସିଛି। ଜଣେ ଶିଷ୍ୟ ହୋଇଥିବାରୁ, ସେ ତାଙ୍କ ଘର ଗୁରୁ ତାରକ ସିହ୍ନାଙ୍କୁ ଅର୍ଥାତ୍ ପ୍ରଶିକ୍ଷକଙ୍କୁ ଗୁରୁଦକ୍ଷିଣା ଭାବରେ ଉପହାର ଦେଇଥିଲେ। ଆଶିଷ ନେହେରା ଦିଲ୍ଲୀର ସନେଟ କ୍ରିକେଟ ଏକାଡେମୀରେ ଖେଳୁଥିଲେ। ଟିମ ଇଣ୍ଡିଆର ଅଂଶ ହେବା ସତ୍ତ୍ୱେ, ଆଶିଷ ନେହେରା ପ୍ରାୟତଃ ସନେଟ ଏକାଡେମୀକୁ ଯାଉଥିଲେ। ଗୋଟିଏ ଦିନ କୋଚ ଏକାଡେମୀକୁ ଡେରିରେ ଆସିଲେ, ତେଣୁ ନେହରା ଜୀ କହିଲେ ଯେ ଯଦି ତୁମେ ଏତେ ଡେରିରେ ଆସିବ, ତେବେ ତୁମେ ପିଲାମାନଙ୍କୁ କଣ ଶିଖାଇବ? ଏହା ପରେ, ନେହେରା ଜାଣିବାକୁ ପାଇଲେ ଯେ ପ୍ରଶିକ୍ଷକଙ୍କୁ ଭଡା ଘର ଖାଲି କରିବାକୁ ନୋଟିସ ମିଳିଛି, ଯାହା ଫଳରେ ସେ ଅନ୍ୟ ଏକ ଘର ଖୋଜିବାକୁ ଯାଇଥିଲେ ଏବଂ ଏକାଡେମୀକୁ ଆସିବାରେ ବିଳମ୍ବ କରିଥିଲେ। ତା'ପରେ ନେହେରା ନିଷ୍ପତ୍ତି ନେଲେ ଯେ ସେ ପ୍ରଶିକ୍ଷକଙ୍କୁ ଏକ ଘର ଉପହାର ଦେବେ ଏବଂ ସେ ତିନି ଦିନ ମଧରେ ତାହା କଲେ।



ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ରୌପ୍ୟ ପାଇଥିବା ଓଡ଼ିଶାର ହାଇଜମ୍ପର୍ ସ୍ୱାଧୀନ ମାଝୀ (ବାମ) ପୋଡିୟମ୍‌ରେ ଅତିଥିଙ୍କଠାରୁ ପଦକ ଗ୍ରହଣ କରିଛନ୍ତି।

# ସ୍ୱପ୍ନ ସାକାର ପାଇଁ ଚାକିରି ଛାଡ଼ିଥିଲେ ବରୁନ ଚକ୍ରବର୍ତ୍ତୀ

**ନୂଆଦିଲ୍ଲୀ,୯।୨:** ବରୁଣ ଚକ୍ରବର୍ତ୍ତୀ ଏବେ ଟିମ୍ ଇଣ୍ଡିଆର ଜଣେ ମ୍ୟାଚ ୱିନଙ୍ଗ୍ ପ୍ଲେୟାର ସାବ୍ୟସ୍ତ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜରେ ବରୁଣଙ୍କ ଦମଦାର ପ୍ରଦର୍ଶନ ପରେ ଭାରତୀୟ କ୍ରିକେଟ ତାଙ୍କୁ ନେଇ ଭଲ ଭବିଷ୍ୟତ ଆଶା କରୁଛି। ଟି-ଟେଣ୍ଟିରେ ଭଲ ପ୍ରଦର୍ଶନ ପରେ ଦିନିକିଆ ଡେବ୍ୟୁ କରିଛନ୍ତି ବରୁଣ। ବରାବାଟୀରେ ଇଂଲଣ୍ଡ ବିପକ୍ଷ ଦିନିକିଆରେ ପଦାର୍ପଣ କରିଛନ୍ତି ବରୁଣ। କୁଲଦୀପ ଯାଦବଙ୍କ ସ୍ଥାନରେ ତାଙ୍କୁ ସ୍କ୍ୱାର୍ଡରେ ସାମିଲ କରାଯାଇଛି। ୭ ବର୍ଷ ଯାଏ କ୍ରିକେଟ୍‌ଠୁ ଥିଲେ ଦୂରରେ ଚାକିରି ଛଡିଥିଲେ। ଆଉ ଏବେ ଜଣେ ମ୍ୟାଚ ବିଜୟୀ ପ୍ଲେୟାର ହୋଇଛନ୍ତି। ଆସନ୍ତୁ ଜାଣିବା ତାଙ୍କୁ କ୍ରିକେଟ ଯାତ୍ରା। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଇଂଲଣ୍ଡ ବିପକ୍ଷରେ ୫ମ୍ୟାଚ ବିଶିଷ୍ଟ ଟି-ଟ୍ୱେଣ୍ଟି ମ୍ୟାଚ ଖେଳାଯାଇଥିଲା। ଏହାକୁ ୪-୧ରେ ଜିତିଥିଲା ଟିମ୍ ଇଣ୍ଡିଆ। ଏଥିରେ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ଘାତକ ବୋଲିଂ ଦେଖିବାକୁ ମିଳିଥିଲା। ବରୁଣ ମ୍ୟାଚ ୱିନିଙ୍ଗ ପ୍ଲେୟାର ସାବ୍ୟସ୍ତ ହୋଇଥିଲେ। ଜଣେ ସଫଳ କ୍ରିକେଟର ଭାବେ ବରୁଣଙ୍କର ଏହି ଯାତ୍ରା ସହଜ ନଥିଲା। ସମୟ ଥିଲା କ୍ରିକେଟ୍‌ଠୁ ଦୂରେଇ ଥିଲେ ପରେ ଚାକିରି ଛାଡି ପୁଣି କ୍ରିକେଟକୁ




ଫେରିଥିଲେ। ଏତେ ସଫଳ ହୋଇଥିଲେ ଯେ ମିଷ୍ଟ୍ରୀ ସ୍ପିନରର ପରିଚୟ ମିଳିଥିଲା। ଚାକିରି ଛାଡିଥିଲେ ୭ ବର୍ଷ କ୍ରିକେଟ୍‌ଠୁ ଦୂରରେ ଥିଲେ- ଇଂଲଣ୍ଡ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜ ପରେ ବରୁଣ ଚକ୍ରବର୍ତ୍ତୀଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଯେଉଁଥିରେ ସେ ନିଜେ ତାଙ୍କ ଯାତ୍ରା ବିଷୟରେ କହିଥିଲେ। କର୍ଣ୍ଣାଟକର ବିଦାରରେ ବରୁଣଙ୍କର ଜନ୍ମ। ତାମିଲନାଡୁ ପାଇଁ ଘରୋଇ କ୍ରିକେଟ ଖେଳିଥିଲେ। ଜୁନିୟର ସ୍ତରରେ ତାଙ୍କର ଚୟନ ହୋଇନଥିଲା। ୧୬ ବର୍ଷ ବୟସରେ ଆର୍କିଟେକ କୋର୍ସ କରିବାକୁ ନିଷ୍ପତ୍ତି ନେଇଥିଲେ। ଆଉ କ୍ରିକେଟ୍‌ଠୁ ଦୂର ଯାଇଥିଲେ। ଏହାପରେ ତାଙ୍କୁ ଚାକିରି ମିଳିଥିଲା। ମାତ୍ର ତାଙ୍କ ଭାଗ୍ୟରେ କିଛି ଅଲଗା ଥିଲା। କ୍ରିକେଟର ସ୍ୱପ୍ନ ସାକାର କରିବାକୁ ସେ ଚାକିରି ଛାଡିଥିଲେ। ପୁଣି କ୍ରିକେଟକୁ କମବ୍ୟାକ କରିଥିଲେ। କ୍ୟାରିୟର ଆରମ୍ଭରୁ ସେ ପ୍ରଥମେ ବ୍ୟାଟିଂ କରୁଥିଲେ।ଏହାପରେ ୱିକେଟ କିପିଂ ବି କରିଛନ୍ତି। ସଫଳତା ନମିଳିବାରୁ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ତାମିଲନାଡୁ ପ୍ରିମିୟର ଲିଗରେ ସ୍ଥାନ ପାଇଲେ। ଏହାପରେ ଇଣ୍ଡିଆନ ପ୍ରିମିୟର ଲିଗରେ କୋଲକାତା ନାଇଟ ରାଇଡର୍ସ ପାଇଁ ଖେଳୁଛନ୍ତି। ୨୦୨୧ରେ ଶ୍ରୀଲଙ୍କା ବିପକ୍ଷରେ ଟି-ଟ୍ୱେଣ୍ଟି ଡେବ୍ୟୁ କରିଥିଲେ। ଭାରତ ପାଇଁ ସେ ୩୩ଟି ୱିକେଟ ନେଇଛନ୍ତି। ଏବେ ଦିନିକିଆରେ ପଦାର୍ପଣ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାରବାଟୀରେ...

ବଟଲର୍ ୫୧ ରନ୍ ଯୋଡ଼ିବା ଫଳରେ ଦଳ ୨୦୦ ଅତିକ୍ରମ କରିଥିଲା। ଏଥିରେ ବଟଲର୍‌ଙ୍କ ଅବଦାନ ୩୪ ରନ୍ ଥିଲା। ରୁଟ୍ ଦଳ ପକ୍ଷରୁ ଦ୍ୱିତୀୟ ବ୍ୟାଟ୍ସମ୍ୟାନ୍ ଭାବେ ଅର୍ଦ୍ଧଶତକ ପୂରଣ କରିବା ପରେ ୭୨ ବଲ୍‌ରେ ୬ ଚୌକା ସହ ୬୯ ରନ୍‌ରେ ଆଉଟ୍ ହୋଇଥିଲେ। ପରେ ଲିଆମ୍ ଲିଭିଙ୍ଗଷ୍ଟୋନ୍ ୩୨ ବଲ୍‌ରେ ୨ଟି ଲେଖାଏଁ ଚୌକା ଓ ଛକା ସହ ୪୧ ରନ୍ କରିବା ଫଳରେ ଦଳ ୩୦୦ ପାର୍ କରିଥିଲା। ଶେଷ ଭାଗରେ ଆଦିଲ୍ ରଶିଦ୍ ମାତ୍ର ୫ ବଲ୍‌ରେ ୩ଟି ଚୌକା ସହ ୧୫ ରନ୍ କରିଥିବା ବେଳେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ୍ ବିଶେଷ ସହଯୋଗ ଦେଇପାରିନଥିଲେ। ଭାରତ ପକ୍ଷରୁ ଜାଡେଜା ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଏହାଛଡ଼ା ବରୁନ୍‌ଙ୍କ ସହ ହର୍ଷିତ ରାଣା, ମହମ୍ମଦ ଶମି ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ରୋହିତ ଓ ଉପଅଧିନାୟକ ଶୁବମାନ ଗିଲ୍ ପ୍ରଭାବଶାଳୀ ପ୍ରଦର୍ଶନ ପୂର୍ବକ ପ୍ରଥମ ୱିକେଟ୍ ପାଇଁ ୧୩୬ ରନ୍‌ର ବଳିଷ୍ଠ ଭାଗୀଦାରୀ କରିଥିଲେ। ଉଭୟ ଇଂଲଣ୍ଡ ବୋଲରଙ୍କ ଉପଯୁକ୍ତ ମୁକାବିଲା କରିବା ସହ ପ୍ରାରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ବିଶେଷକରି ଫର୍ମ ପାଇଁ ସଂଘର୍ଷ କରୁଥିବା ରୋହିତ ପ୍ରଥମ ୬ ଓଭର୍‌ରେ ୩ଟି ଛକା ଲଗାଇ ତାଙ୍କର ମନୋଭାବ ବେଶ୍ ସ୍ପଷ୍ଟ କରିଦେଇଥିଲେ। ସମ୍ପୂର୍ଣ୍ଣ ଲୟରେ ନଜର ଆସିଥିବା ରୋହିତ ରୋହିତ ୩୦ ବଲ୍‌ରେ ତାଙ୍କର ୫୮ତମ ଅର୍ଦ୍ଧଶତକ କରିବା ପରେ ୭୬ ବଲ୍‌ରେ ଶତକ ପୂରଣ କରିଥିଲେ। ଏହା ଦିନିକିଆ କ୍ରିକେଟ୍‌ରେ ତାଙ୍କର ୩୨ତମ ଶତକ ଥିଲା। ସେହିପରି ଶୁବମାନ ୪୫ଟି ବଲ୍‌ରେ ଦିନିକିଆ କ୍ୟାରିଅର୍‌ର ପଞ୍ଚଦଶ ଅର୍ଦ୍ଧଶତକ ପୂରଣ କରିଥିଲେ। ଶୁବମାନ ୫୨ଟି ବଲ୍ ଖେଳି ୯ଟି ଚୌକା ଓ ଗୋଟିଏ ଛକା ଜରିଆରେ ୬୦ ରନ୍ କରିଥିବା ସମୟରେ ଜେମି ଓଭର୍ଟନ୍‌ଙ୍କ ବଲ୍‌ରେ ବୋଲ୍ଡ ଆଉଟ୍ ହେବା ଫଳରେ ଭାରତ ତା'ର ପ୍ରଥମ ୱିକେଟ୍ ହରାଇଥିଲା। ଏହାପରେ ବିରାଟ କୋହଲି ସମର୍ଥକମାନଙ୍କୁ ନିରାଶ କରି ମାତ୍ର ୫ ରନ୍‌ରେ ପ୍ୟାଭିଲିଅନ୍ ଫେରିଥିଲେ। କିନ୍ତୁ ଏହି ସମୟରେ ରୋହିତ ଧୈର୍ଯ୍ୟ ସହକାରେ ବ୍ୟାଟିଂ କରି ତୃତୀୟ ୱିକେଟ୍‌ରେ ଶ୍ରେୟସ୍ ଆୟର୍‌ଙ୍କ ସାଥୀରେ ୭୦ ରନ୍‌ର ଭାଗୀଦାରୀ କରି ଦଳକୁ ବିଜୟ ନିକଟତର କରାଇଥିଲେ। କିନ୍ତୁ ୩୩୯ ଦିନର ବ୍ୟବଧାନ ପରେ ଅନ୍ତର୍ଜାତୀୟ ଶତକ ପୂରଣ କରିଥିବା ରୋହିତ କିଛି ସମୟ ପରେ ରଶିଦ୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଫଳରେ ଏହି ଭାଗୀଦାରୀ ଭାଙ୍ଗିଥିଲା। ସେତେବେଳକୁ ରୋହିତ ମାତ୍ର ୯୦ଟି ବଲ୍ ଖେଳି ୧୧୯ ରନ୍ କରିସାରିଥିଲେ। ତାଙ୍କର ଏହି ଧୂଆଁଧାର ଇନିଂସରେ ୧୨ଟି ଚୌକା ଓ ୭ଟି ଛକା ରହିଥିଲା। ସେହିପରି ଆୟର୍ ୩ଟି ଚୌକା ଓ ଗୋଟିଏ ଛକା ସହ ୪୪ ରନ୍ କରିଥିବା ବେଳେ ଲୋକେଶ ରାହୁଲ୍ ଓ ହାର୍ଦ୍ଦିକ ୧୦ ରନ୍ ଲେଖାଏଁ କରିଥିଲେ। କିନ୍ତୁ ଅକ୍ଷର ପଟେଲ୍ ୪୩ ବଲ୍ ଖେଳି ୪ଟି ଚୌକା ଜରିଆରେ ୪୧ ରନ୍ କରି ଅପରାଜିତ ରହିଥିଲେ। ତାଙ୍କ ସହ ଜାଡେଜା ବିଜୟ ସୂଚକ ଚୌକା ସମେତ ୨ଟି ଚୌକା ମାଧ୍ୟମରେ ୧୧୦ ରନ୍ କରି ଦଳକୁ ବିଜୟ ଲକ୍ଷ୍ୟରେ ପହଞ୍ଚାଇଥିଲେ। ଇଂଲଣ୍ଡ ପକ୍ଷରୁ ଓଭର୍ଟନ୍ ୨ଟି ଏବଂ ଗସ୍ ଆଟକିନ୍‌ସନ୍, ରଶିଦ୍ ଓ ଲିଭିଙ୍ଗ୍‌ଷ୍ଟୋନ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ସିରିଜ୍‌ର ଅନ୍ତିମ ମ୍ୟାଚ୍ ଆସନ୍ତା ୧୨ ତାରିଖରେ ଅହମ୍ମଦାବାଦଠାରେ ଖେଳାଯିବ।

### ରୋହିତ...

ଇଂଲଣ୍ଡ ବିପକ୍ଷରେ ଶତକ ହାସଲ କରିଥିଲେ। ଏହାପରେ ଏଠାରେ ଅଜୟ ଜାଡେଜା ୧୯୯୪ ଓ ୧୯୯୮ରେ, ସଚିନ୍ ତେନ୍ଦୁଲକର ୧୯୯୬ରେ, ମହମ୍ମଦ ଆଝାରୁଦ୍ଦିନ୍ ୧୯୯୮ରେ, ଆଜିଙ୍କ୍ୟ ରାହାଣେ ଓ ଶିଖର ଧୱନ୍ ୨୦୧୪ରେ ଏବଂ ଯୁବରାଜ ସିଂହ ଓ ମହେନ୍ଦ୍ର ସିଂହ ଧୋନି ୨୦୧୯ରେ ତିନି ଅଙ୍କ ବିଶିଷ୍ଟ ସ୍କୋର୍ କରିଛନ୍ତି। ସେହିପରି ଏଠାରେ ରୋହିତ ତ୍ରୟୋଦଶ ବ୍ୟାଟ୍ସମ୍ୟାନ୍ ଭାବେ ଶତକ ଅର୍ଜନ କରିଛନ୍ତି। କାରଣ ଏଠାରେ ଭାରତୀୟଙ୍କ ବ୍ୟତୀତ ଜିମ୍ବାୱେର ଗ୍ରାଣ୍ଟ୍ ଫ୍ଲାୱାର, ଇଂଲଣ୍ଡର କେଭିନ୍ ପିଟର୍‌ସନ୍ ଓ ଇଅନ୍ ମର୍ଗାନ୍ ମଧ୍ୟ ଶତକ ଅର୍ଜନ କରିସାରିଛନ୍ତି।

### ଲିଭିଗଲା...

ପହଞ୍ଚାଇଥିଲେ। କିନ୍ତୁ ସନ୍ଧ୍ୟା ପ୍ରାୟ ୬ଟା ୨୩ ମିନିଟ୍ ସମୟରେ ଷ୍ଟାଡିୟମ୍‌ର ଗୋଟିଏ ଫ୍ଲଡଲାଇଟ୍ ପୂରା ଲିଭିଯାଇଥିଲା। ଫଳରେ ଷ୍ଟାଡିୟମ୍‌ର ଗୋଟିଏ ପଟ ଅନ୍ଧାର ହୋଇଯାଇଥିଲା। ଅବଶ୍ୟ ଷ୍ଟାଡିୟମ୍‌ରେ ମହଜୁଦ ଥିବା ଦର୍ଶକମାନେ ଏହାର ଫାଇଦା ନେଇ ନିଜ ନିଜ ମୋବାଇଲ୍ ଟର୍ଚ୍ଚ ଜଳାଇ ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲେ। କିନ୍ତୁ ଉତ୍ତମ ଲୟରେ ବ୍ୟାଟିଂ କରୁଥିବା ଦୁଇ ବ୍ୟାଟ୍ସମ୍ୟାନ୍‌ଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ସେତେବେଳକୁ ରୋହିତ ୨୯ ଓ ଶୁବମାନ ୧୭ ରନ୍‌ରେ ଅପରାଜିତ ଥିଲେ। ଏହାପରେ ପାଖାପାଖି ୨୦ ମିନିଟ୍ ପରେ ଅର୍ଥାତ୍ ୬ଟା ୪୩ ମିନିଟ୍ ସମୟରେ ଫ୍ଲଡ୍‌ଲାଇଟ୍ ମରାମତି କାମ ଶେଷ ହୋଇଥିଲା। ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ୍ ଅମ୍ପାୟାରଙ୍କ ଇଶାରା କ୍ରମେ ପଡ଼ିଆକୁ ଓହ୍ଲାଇଥିଲେ। ତେବେ ୨୦ ମିନିଟ୍ ଧରି ବ୍ୟାଟିଂ ବନ୍ଦ ରହିଥିଲେ ମଧ୍ୟ ରୋହିତ ଓ ଶୁବମାନଙ୍କ ପ୍ରଦର୍ଶନ ଉପରେ ଏହା କୌଣସି ବିଶେଷ ପ୍ରଭାବ ପକାଇପାରିନଥିଲା।

### ଫ୍ୟାନ୍‌ଙ୍କୁ...

ହୋଇଯାଇଥିଲା। ଫିଲ୍ ସଲ୍ଟ ତାଙ୍କ କ୍ୟାଚ୍ ନେବା ପରେ ପଡ଼ିଆରେ ପୂରା ନିରବତା ଛାଇ ଯାଇଥିଲା। ଏଥିସହ ବିରାଟଙ୍କ ଇନିଂସ ଦେଖିବାକୁ ଆସିଥିବା ଦର୍ଶକମାନେ ନିରାଶ ହୋଇଥିଲେ। କିନ୍ତୁ ପରେ ଭାରତ ସିରିଜ୍ ଜିତିବାରୁ ସେମାନଙ୍କ ମୁହଁରେ ହସ ଦେଖିବାକୁ ମିଳିଥିଲା।

### ବିକାଶ...

ଉତ୍ତର-ପୂର୍ବ ଭାରତର ୭ଟି ରାଜ୍ୟ ମଧ୍ୟରୁ ୬ଟିରେ ଏନଡିଏର ଦବ୍‌ଦବା ରହିଛି। ଉତ୍ତର-ପୂର୍ବରେ କେବଳ ମିଜୋରାମରେ ଏନଡିଏ କ୍ଷମତାଠାରୁ ଦୂରରେ ଅଛି। ସେହିପରି ୩ଟି ପାହାଡ଼ି ରାଜ୍ୟ ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଏବଂ ହିମାଚଳ ମଧ୍ୟରୁ ଉତ୍ତରାଖଣ୍ଡକୁ ବିଜେପି ଜିତିଛି। ଜମ୍ମୁ-କଶ୍ମୀରରେ ଓମର ଅବଦୁଲ୍ଲା ମୁଖ୍ୟମନ୍ତ୍ରୀ ଥିବା ବେଳେ ହିମାଚଳରେ କଂଗ୍ରେସର ସୁଖବିନ୍ଦର ସିଂହ ସୁଖୁ ମୁଖ୍ୟମନ୍ତ୍ରୀ ଅଛନ୍ତି।

ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନ ସହିତ ମହାରାଷ୍ଟ୍ର ଏବଂ ଗୁଜରାଟରେ ମଧ୍ୟ ବିଜେପି କ୍ଷମତାରେ ଅଛି। ବିଜେପି ୨୦୨୨ରେ ଗୁଜରାଟ ଏବଂ ୨୦୨୩ରେ ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ରାଜସ୍ଥାନରେ ବିଜୟୀ ହୋଇଥିଲା। ବିଜେପି ନେତୃତ୍ୱାଧୀନ ଏନଡିଏ ନଭେମ୍ବର ୨୦୨୪ରେ ମହାରାଷ୍ଟ୍ରରେ ଜିତିଥିଲା। ସେହିପରି ଉତ୍ତର ଭାରତରେ ବିହାର ଏବଂ ଉତ୍ତର ପ୍ରଦେଶରେ ଏନଡିଏ କ୍ଷମତାରେ ଅଛି। ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ଇଣ୍ଡିଆ ମେଣ୍ଟର ସରକାର ଥିବା ବେଳେ ପୂର୍ବରେ ଓଡିଶାରେ ବିଜେପି ଶାସନ କରୁଛି। ୨୪ ବର୍ଷର ଆଞ୍ଚଳିକ ଦଳକୁ ଧରାଶାୟୀ କରି ବିଜେପି ଓଡିଶା ଦଖଲ କରିଥିବା ବେଳେ ଆର ଥରକୁ ପଶ୍ଚିମବଙ୍ଗ ଉପରେ ନଜର। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସକୁ ଗାଦିଚ୍ୟୁତ କରିବାକୁ ବିଜେପି ଅଣ୍ଟା ଭିଡ଼ିଛି। ଦକ୍ଷିଣ ଭାରତର ୫ଟି ରାଜ୍ୟରୁ ୪ଟିରେ 'ଇଣ୍ଡିଆ' ସରକାର କ୍ଷମତାରେ ଅଛି। କେରଳ, ତେଲେଙ୍ଗାନା, କର୍ଣ୍ଣାଟକ ଏବଂ ତାମିଲନାଡୁରେ ଇଣ୍ଡିଆ ମେଣ୍ଟ ସରକାର ଥିବା ବେଳେ ଆନ୍ଧ୍ରରେ ଏନ୍‌ଡିଏ ସରକାର ଅଛି। ଗୋଟିଏ ପରେ ଗୋଟିଏ ରାଜ୍ୟରେ ମାତ୍ ଖାଉଛନ୍ତି ଆଞ୍ଚଳିକ ଦଳ। ଦଶନ୍ଧି ଦଶନ୍ଧି ଧରି ସତ୍ତାରେ ଥିବା ଆଞ୍ଚଳିକ ଦଳଗୁଡିକ ଧିରେ ଧିରେ ମାଟି କାମୁଡ଼ିବା ଆରମ୍ଭ କଲେଣି। ଓଡ଼ିଶାରେ ୨୪ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ୨୦୨୪ ନିର୍ବାଚନରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସେହିପରି ମହାରାଷ୍ଟ୍ରରେ ଶିବସେନା ଓ ଏନସିପି ଖଣ୍ଡ ଖଣ୍ଡ ହୋଇଯାଇଛି। ଯେଉଁଥିପାଇଁ ବିଜେପି ନେତୃତ୍ୱାଧୀନ ମହାଯୁତି ମହାରାଷ୍ଟ୍ରରେ ସରକାର କରିଛି। ସେହିପରି ଆଞ୍ଚଳିକ ଶକ୍ତିରୁ ଜନ୍ମ ନେଇଥିବା ଆମ ଆଦମୀ ପାର୍ଟି ୨୫ ନିର୍ବାଚନରେ ଦିଲ୍ଲୀବାସୀଙ୍କ ଭରସା ଲାଭ କରିପାରିଲା ନାହିଁ। ଖୋଦ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଛି।

ଦିଲ୍ଲୀ ହାଲ୍ ଦେଖି ବିଜେଡି ନେତାଙ୍କ ଚିନ୍ତା ବଢୁଥିବା ବେଳେ କଂଗ୍ରେସ କହୁଛି ଦେଶରେ ଆଗକୁ ଆଞ୍ଚଳିକ ଦଳଗୁଡିକ ସତ୍ତା ହରାଇବା ସମ୍ଭାବନା ଅଧିକ। ତେବେ ପ୍ରଶ୍ନ ଉଠୁଛି, କାହିଁକି ଆଞ୍ଚଳିକ ଦଳରୁ ମୁହଁ ଫେରାଉଛନ୍ତି ଭୋଟର? ପ୍ରତିଶ୍ରୁତି ରକ୍ଷା କରିନପାରିବା ଏବଂ ନେତୃତ୍ୱର ଅଭାବ ଏହାର ମୂଳ କାରଣ ବୋଲି କୁହାଯାଉଛି। ରାଜନୈତିକ ସମୀକ୍ଷକଙ୍କ ମତରେ, ଜାତୀୟ ଦଳଗୁଡିକର ବିଫଳତା କାରଣରୁ ଦିନେ ଆଞ୍ଚଳିକ ଦଳମାନଙ୍କର ସୃଷ୍ଟି ହୋଇଥିଲା। ମାତ୍ର କିଛି ବର୍ଷ ପରେ ନେତୃତ୍ୱ ସଂକଟ ଓ ବ୍ୟକ୍ତିକୈନ୍ଦ୍ରିକ ନୀତି ପାଇଁ ଆଞ୍ଚଳିକ ଦଳଗୁଡ଼ିକ ଲୋକଙ୍କ ବିଶ୍ୱାସ ହରାଇବା ଆରମ୍ଭ କଲେଣି।

### ଆଡଭୋଟୋରିଆଲ...

ବିଜେପି ସରକାର ଏଭଳି ଆଡଭୋଟୋରିଆଲର ଭିଜିଲାନ୍ସ ତଦନ୍ତ କଲେ ଅନେକ ସତ୍ୟ ପଦାକୁ ଆସିବା ସହିତ ପିସିଗିଲା ବାବୁମାନଙ୍କ ଗୁମର ଖୋଲିବ ବୋଲି କୁହାଯାଉଛି। ଖାଲି ସେତିକି ନୁହେଁ, ବିଜେଡି ସରକାରଙ୍କ ଗେହ୍ଲାପୁଅମାନେ ମଧ୍ୟ ଅଦାଲତର କାଠଗଡ଼ାକୁ ଟଣାହେବା ସହିତ କିଛି ଗଣମାଧ୍ୟମ ସଂସ୍ଥାର କାରବାର ଉପରୁ ମଧ୍ୟ ପରଦା ହଟିବାର ସମ୍ଭାବନା ରହିଛି।

### ମାଓ ଦମନରେ ...

ସୂତ୍ରରୁ ସୂଚନା ମିଳିବା ପରେ ଗତ ଶୁକ୍ରବାର ସୁରକ୍ଷାକର୍ମୀମାନେ ଅପରେସନ୍ ଆରମ୍ଭ କରିଥିଲେ। ଏଥିରେ ଜିଲା ରିଜର୍ଭ ଗାର୍ଡ, ରାଜ୍ୟ ପୁଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ, ସିଆରପିଏଫ୍ ଓ କୋବ୍ରା ବାହିନୀର ସଦସ୍ୟମାନେ ସାମିଲ ଥିଲେ। ଆସନ୍ତା ୨୦୨୬ ସୁଦ୍ଧା ନକ୍ସଲବାଦର ମୂଳପୋଛ କରିବା ପାଇଁ କେନ୍ଦ୍ର ସରକାର ଅଣ୍ଟା ଭିଡ଼ିଥିବା ବେଳେ ସଦ୍ୟ ଅପରେସନ୍ ଏହାର ଅନ୍ତର୍ଭୁକ୍ତ ଥିଲା। ଗତ ଜାନୁଆରୀ ୬ ତାରିଖରେ ଛତିଶଗଡ଼ର ବିଜାପୁରରେ ମାଓବାଦୀମାନେ ଆଇଇଡି ବ୍ୟବହାର କରି ଗାଡ଼ି ଉଡ଼ାଇ ଦେବା ଫଳରେ ୮ ଜଣ ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି) ଯବାନ ଓ ଜଣେ ଡ୍ରାଇଭରଙ୍କ ଜୀବନ ଯିବା ପରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଏହି କଥାକୁ ଦୋହରାଇଥିଲେ। ଏଥିସହ ଆଜି ମଧ୍ୟ ସୁରକ୍ଷାକର୍ମୀଙ୍କ ବଡ଼ ସଫଳତା ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ଆସନ୍ତା ୨୦୨୬ ମାର୍ଚ୍ଚ ପୂର୍ବରୁ ଦେଶ ନକ୍ସଲମୁକ୍ତ ହେବ ବୋଲି ସୋସିଆଲ୍ ମିଡିଆ 'ଏକ୍ସ'ରେ ମତ ଦେବା ସହ ସୁରକ୍ଷାକର୍ମୀଙ୍କୁ ବଧେଇ ଦେଇଛନ୍ତି। ଏଥିସହ ଏହି ଅପରେସନ୍‌ରେ ବ୍ୟାପକ ମାତ୍ରାରେ ବିସ୍ଫୋରକ ଜବତ ହୋଇଥିବା ନେଇ ଶ୍ରୀ ଶାହ ସୂଚନା ଦେବା ସହ ସହିଦ ହୋଇଥିବା ଯବାନଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଆଗାମୀ ୨୦୨୬ ମାର୍ଚ୍ଚ ପରେ ଆଉ କାହାକୁ ନକ୍ସଲବାଦର ଶିକାର ହେବାକୁ ପଡ଼ିବ ନାହିଁ ବୋଲି ମଧ୍ୟ ଶ୍ରୀ ଶାହ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୩୧ ତାରିଖରେ ସୁରକ୍ଷାକର୍ମୀଙ୍କ ଏକ ମିଳିତ ଟିମ୍ ମାଓବାଦୀ ବିରୋଧୀ ଅଭିଯାନରେ ବାହାରିବା ସମୟରେ ଗୁଳି ବିନିମୟ ହୋଇଥିଲା ଓ ଏଥିରେ ୮ ଜଣ ମାଓବାଦୀଙ୍କ ଜୀବନ ଯାଇଥିଲା।

### ସ୍ୱାସ୍ଥ୍ୟସେବା...

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ରାଜ୍ୟ ବଜେଟ୍‌ରେ ସ୍ୱାସ୍ଥ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲେ ହେଁ ସଚେତନତାର ଅଭାବ ଯୋଗୁ ଜନସାଧାରଣ ନାନାଦି ରୋଗର ଶିକାର ହେଉଛନ୍ତି। ରାଜ୍ୟରେ ବିଭିନ୍ନ ପ୍ରକାରର ବିକାଶ ହେଲେ ମଧ୍ୟ ସ୍ୱାସ୍ଥ୍ୟ ସେବାର ବିକାଶ ନ ହେଲେ ଉତ୍କର୍ଷ ଓଡ଼ିଶା ପରିକଳ୍ପନା ବାସ୍ତବ ରୂପ ନେଇପାରିବ ନାହିଁ। ରାଜ୍ୟ ବଜେଟ୍‌ରେ ସ୍ୱାସ୍ଥ୍ୟକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ବିଶ୍ୱର ବୃହତ୍ତମ ଜନଆରୋଗ୍ୟ ଯୋଜନା ଆୟୁଷ୍ମାନ୍ ଭାରତ ଯୋଜନାରେ ଦେଶର ୬୦ କୋଟି ଲୋକ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଏହା ଓଡ଼ିଶାବାସୀଙ୍କୁ ଉନ୍ନତ ମାନର ସେବା ଯୋଗାଇ ଦେଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ଶ୍ରୀ ମାଝୀ ଆହୁରି କହିଛନ୍ତି ଯେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ରାଜ୍ୟକୁ ୧୩ ଲକ୍ଷ କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ଆସିଥିବା ବେଳେ କେବଳ ଏଥିରେ କେବଳ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୫୦ ହଜାର କୋଟି ଟଙ୍କା ସାମିଲ୍। ଏହି ସ୍ୱାସ୍ଥ୍ୟସେବା ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜ୍ୟର ୨୫ ହଜାରରୁ ଉର୍ଦ୍ଧ୍ୱ ଯୁବକଯୁବତୀଙ୍କୁ ନିଯୁକ୍ତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ସେ କହିଛନ୍ତି ଯେ କେନ୍ଦୁଝରରେ ଶିଳ୍ପର ଅଭାବ ନ ଥିଲେ ମଧ୍ୟ ଏହା ଜିଲ୍ଲା ବିକାଶରେ ଆସିପାରୁନାହିଁ। ଜିଲ୍ଲାରେ ସର୍ବାଧିକ ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ପ୍ରଦୂଷଣ ଯୋଗୁଁ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି। ତେଣୁ ଆଗାମୀ ଦିନରେ ଜିଲ୍ଲାର ସାମଗ୍ରିକ ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ପୂରଣ ପାଇଁ ଧରଣୀଧର ମେଡିକାଲ୍ କଲେଜ ସ୍ଥାପିତ ହୋଇଛି। କିନ୍ତୁ ଏହାକୁ ଇତିମଧ୍ୟରେ ୨ ବର୍ଷ ପୂରିବାକୁ ବସିଥିଲେ ମଧ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରି ନଥିବାରୁ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ସେ ଏହି କଲେଜରେ ଏଣିକି ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍)ରୁ ଗୋଟିଏ ବି ଟଙ୍କା ଖର୍ଚ୍ଚ ହେବ ନାହିଁ, ଏହାର ଉନ୍ନତିକରଣ ସରକାରୀ ଅର୍ଥରେ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ଆଗାମୀ ଦିନରେ ରାଜ୍ୟର ଏକ ନମ୍ବର ମେଡିକାଲ୍ କଲେଜର ପ୍ରତିଷ୍ଠା ପାଇବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ କହିବା ସହ ଏ ଦିଗରେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି।

ସେ ଆହୁରି କହିଛନ୍ତି ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ଆମ ସରକାର ବଜେଟ୍‌ରେ ୨୧ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ। ଆଗାମୀ ୨୦୩୬ରେ ଓଡ଼ିଶା ପ୍ରତିଷ୍ଠାକୁ ଶହେ ବର୍ଷ ପୂରୁଥିବାରୁ ଏହି ଅବସରରେ ଆମେ ଏକ ବିକଶିତ ଓଡ଼ିଶା କିପରି ଗଠନ କରିପାରିବା, ସେଥିପାଇଁ ଏବେଠାରୁ ଚିନ୍ତା କରିବା ଆବଶ୍ୟକ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଘର ସମସ୍ତ ସଦସ୍ୟ ଗୁଣବତ୍ତା ସ୍ୱାସ୍ଥ୍ୟସେବା ପ୍ରଦାନ ସକାଶେ ଶପଥ ଗ୍ରହଣ କରିଥିଲେ। ପରେ ଦିବଂଗତ ସଦସ୍ୟଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡାକ୍ତର ହରେକୃଷ୍ଣ ନାୟକଙ୍କ ଦ୍ୱାରା ରଚିତ 'ସ୍ୱାସ୍ଥ୍ୟ ସୁରଭି' ପୁସ୍ତକ ସହ ଅନ୍ୟାନ୍ୟ କେତେକ ପୁସ୍ତକର ଲୋକାର୍ପଣ ମଧ୍ୟ କରିଥିଲେ। କାର୍ଯ୍ୟକ୍ରମ ପରେ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ସମୟରେ ମୁଖ୍ୟମନ୍ତ୍ରୀ କଟକ ବାରବାଟୀ ଷ୍ଟାଡିୟମ୍ ଅଭିମୁଖେ ବାହାରିଯାଇଥିଲେ।

## ଇସ୍ତଫା ଦେଲେ ମଣିପୁର ମୁଖ୍ୟମନ୍ତ୍ରୀ, ଆଜି ଅନାସ୍ଥା

**ଇମ୍ଫାଲ୍,୯।୨:** ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଆଜି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ମଣିପୁରରେ ରାଜନୈତିକ ଅସ୍ଥିରତା ଚରମ ସୀମାରେ ପହଞ୍ଚିଥିବା ବେଳେ ସୋମବାରର ଅନାସ୍ଥା ଭୋଟ୍ ପୂର୍ବରୁ ଆଜି ମୁଖ୍ୟମନ୍ତ୍ରୀ ତାଙ୍କ ପଦ ଛାଡ଼ିଛନ୍ତି। ବୀରେନ ସିଂ ମଣିପୁର ସରକାରଙ୍କ ମନ୍ତ୍ରୀ ଓ ବିଧାୟକମାନଙ୍କ ସହ ରାଜ୍ୟପାଳଙ୍କୁ ଭେଟିବା ପାଇଁ ରାଜଭବନରେ ପହଞ୍ଚିଥିଲେ। ଏହି ନିଷ୍ପତ୍ତି ପୂର୍ବରୁ ସେ ଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ମଧ୍ୟ ସାକ୍ଷାତ କରିବା ସହ ଆଲୋଚନା କରିଥିଲେ।

ଏଥିସହ ଗୃହ ମନ୍ତ୍ରଣାଳୟ ସମସ୍ତ ସୁରକ୍ଷା ଏଜେନ୍ସିକୁ ହାଇ ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେଇଛି। ବୀରେନ ସିଂ ଆସନ୍ତାକାଲି ବିଧାନସଭାରେ ଉପସ୍ଥାପିତ ହେବାକୁ ଥିବା ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେବେ। ଦୀର୍ଘଦିନ ଧରି ବୀରେନ ସିଂଙ୍କୁ ନେଇ ବିଜେପି ବିଧାୟକମାନଙ୍କ ମଧ୍ୟରେ ଅସନ୍ତୋଷ ଜାରି ରହିଥିଲା। ଗତ ବର୍ଷ ଅକ୍ଟୋବରରେ ମଣିପୁରର ୧୯ ଜଣ ବିଧାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖି ବୀରେନ୍ ସିଂଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ମଧ୍ୟ ଦାବି କରିଥିଲେ ।

ଉକ୍ତ ଚିଠିରେ ମଣିପୁରର ଲୋକମାନେ ସରକାରଙ୍କୁ ରାଜ୍ୟରେ ଏ ପର୍ଯ୍ୟନ୍ତ ଶାନ୍ତି କାହିଁକି ଫେରିପାରି ନାହିଁ ବୋଲି ପ୍ରଶ୍ନ କରୁଥିବା ଉଲ୍ଲେଖ ରହିଥିଲା। ଏଥିସହ ଯଦି ଏହି ସମସ୍ୟାର ଶୀଘ୍ର ସମାଧାନ ନ ହୁଏ, ତା'ହେଲେ ବିଧାୟକମାନଙ୍କୁ ମଧ୍ୟ ଇସ୍ତଫା ଦେବାକୁ ଲୋକେ ଦାବି କରୁଥିବା ଉକ୍ତ ଚିଠିରେ ଦର୍ଶାଯାଇଥିଲା। ସୂଚନାଯୋଗ୍ୟ ଯେ ମଣିପୁରରେ ହିଂସା ବହୁତ ଦିନ ଧରି ଏକ ଗମ୍ଭୀର ସମସ୍ୟା ହୋଇଆସିଛି । ରାଜ୍ୟରେ ମୈତେଇ ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ବଢୁଥିବା ଉତ୍ତେଜନା ଅନେକ ହିଂସାତ୍ମକ ଘଟଣାର କାରଣ ହୋଇଛି । ଏଥିରେ ଶହ ଶହ ଲୋକଙ୍କ ଜୀବନ ଚାଲିଥିବା ବେଳେ ହଜାର ହଜାର ଲୋକଙ୍କୁ ସେମାନଙ୍କ ଘର ଛାଡ଼ିବାକୁ ବାଧ୍ୟ କରାଯାଇଛି ।

### ନିଶା ମହାରଣାଙ୍କ ଅଶ୍ଳୀଳ ନୃତ୍ୟକୁ ନେଇ ନାରକୀୟ କାଣ୍ଡ

# ଛୁରାମାଡ଼ରେ ଦୁଇ ଯାତ୍ରା କମିଟି ସଦସ୍ୟ ଗୁରୁତର

**କେନ୍ଦ୍ରାପଡ଼ା, ୯।୨ (ସଂଚାର ବ୍ୟୁରୋ) :** ଆଇଟମ ଗାର୍ଲ ନିଶା ମହାରଣାଙ୍କ ନୃତ୍ୟକୁ ନେଇ ଛୁରା ମାଡ ହୋଇଛି । ଏଥିରେ ଦୁଇଜଣ ଗୁରୁତର ହୋଇ ନିଶ୍ଚନ୍ତ କୋଇଲି ମେଡିକାଲରେ ଚିକିତ୍ସା ହେଉଥିବା ବେଳେ ଉକ୍ତ ରାତିରେ ଯାତ୍ରା ଆରମ୍ଭରୁ ବନ୍ଦ ହୋଇଯାଇଛି । ଧସ୍ତାଧସ୍ତି, ପିଟାପିଟି ଓ ଚେୟାର ଫୋପଡା ଓ ଭାଙ୍ଗିବା ଯୋଗୁ ସହ ଶହ ଶହ ଦର୍ଶକ ଆହତ ହୋଇ ଖଣ୍ଡିଆ ଖାବରା ହୋଇଛନ୍ତି । ଉପସ୍ଥିତ ଦର୍ଶକ ନାଟକ ନଦେଖି ନିରାଶ ହୋଇ ଅଧରାତିରେ ଘରକୁ ଫେରିଛନ୍ତି । ତେବେ ସ୍ଥାନୀୟ ପୋଲିସର ଅବହେଳା ଯୋଗୁ ଏପରି ଅଭାବନୀୟ ଘଟଣା ଘଟିଲା ବୋଲି ଯାତ୍ରା କମିଟ ଅଭିଯୋଗ କରିଥିବା ବେଳେ ଅଶ୍ଳୀଳ ନୃତ୍ୟ ନକରିବା ପାଇ ପରାମର୍ଶ ଦିଆଯାଇଥିଲା ବୋଲି ପୋଲିସ ପକ୍ଷରୁ ପାଲଟା ଜବାବ ଦିଆଯାଇଛି ।

ଘଟଣାରୁ ପ୍ରକାଶ କି ଗରଦପୁର ବ୍ଲକ କୁଦାନଗରୀ ଥାନା ଅଧିନରେ ଥିବା ପୁରାଣ ବର୍ଣ୍ଣିତ ଶୁକ ପରିଷଦ ଆଶ୍ରମ କୁଦାନଗରୀ ଠାରେ ମାଘ ସପ୍ତମୀ ଠାରୁ ମାଘ ମେଳା ଅନୁଷ୍ଠିତ ହେଉଛି । ଏହି ମେଳାରେ ଶୁକ ପରିଷଦ ସାଂସ୍କୃତିକ ପରିଷଦ କୁଦାନଗରୀ ପକ୍ଷରୁ ଅପେରା ସ୍ୱର୍ଣ୍ଣ ମହଲ ଯାତ୍ରା ପରିବେଷଣ ହେଉଥିଲା । ତେବେ ମେଳାର ଅପରପାର୍ଶ୍ୱରେ ଅନ୍ୟ ଏକ କମିଟ ଯାତ୍ରା କରିବା ଯୋଗୁ ଶୁକ ପରିଷଦ କମିଟ ଅଧିକ



ଦର୍ଶକ ହେବା ପାଇ ଆଇଟମ ଗାର୍ଲ ନିଶା ମହାରଣାଙ୍କୁ ଷ୍ଟେଜ ସୋ' ପାଇ ଆଣିଥିଲେ। ହେଲେ ନିଶା ତାଙ୍କର ନୃତ୍ୟ ଆରମ୍ଭ କରିବାର କିଛି ମୁହୂର୍ତ୍ତ ପରେ କିଛି ଦର୍ଶକ ଠିଆ ହୋଇ ନୃତ୍ୟ ବନ୍ଦ ପାଇ କହିବା ସହ ହୋ ହାଲ୍ଲା କରିଥିଲେ। ସେପଟେ ଯାତ୍ରା କମିଟି ଓ କିଛି ଦର୍ଶକ ନିଶା ନୃତ୍ୟ କରନ୍ତୁ ବୋଲି ଜିଦି ଧରିବାରୁ ଉଭୟଙ୍କ ମଧ୍ୟରେ ବଚସା ଓ ଧସ୍ତାଧସ୍ତି ଆରମ୍ଭ ହୋଇଯାଇଥିଲା। ହେଲେ ଏହାରେ ନୃତ୍ୟ ବନ୍ଦ କରୁଥିବା ଦର୍ଶକ ଶାନ୍ତ ହୋଇ ନଥିଲେ । ତେବେ ପୁନର୍ବାର ନିଶା ତାଙ୍କର ନୃତ୍ୟ ଆରମ୍ଭ କରିବା କ୍ଷଣି ନୃତ୍ୟ ବନ୍ଦ କରୁଥିବା ଦର୍ଶକ ନିଶାଙ୍କ ଫୁଙ୍ଗୁଳା ଛାତି ଉପରକୁ ସିଗାରେଟ ଟାଣି ଫୋବାଡିବା ଦ୍ୱାରା ନିଶା ବାଧ୍ୟ ହୋଇ ପେଣ୍ଡାଲରୁ ଚାଲିଯିବା ପରେ ଗଣ୍ଡଗୋଳ ଉଗ୍ର ରୂପ ନେଇଥିଲା । ଯାତ୍ରା ପଡିଆ ଯୁଦ୍ଧକ୍ଷେତ୍ର ପାଲଟି ଯାଇଥିଲା ।

ଯାତ୍ରା ପରିବେଷଣ ବନ୍ଦ ହେବା ପରେ ଯାତ୍ରା କମିଟର ଦୁଇ ସଦସ୍ୟ ସ୍ୱପ୍ନଜିତ ମହାପାତ୍ର ଓ ଜିତେନ୍ଦ୍ର ସାହୁ ନିଜ ନିଜ ବଡବେଡେଡାରୁ ଫେରୁଥିବା ସମୟରେ ନାଗଣପୁର ଗ୍ରାମ ନିକଟରେ ଯାତ୍ରା ବନ୍ଦ କରୁଥିବା ଦର୍ଶକମାନେ ସଂଘବଦ୍ଧ ହୋଇ ସେମାନଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ । ହେଲେ ସ୍ୱପ୍ନଜିତ ନିଜକୁ ରକ୍ଷା କରିବାକୁ ଯିବାବେଳେ ଛୁରା ତାଙ୍କ ମୁଣ୍ଡ ଓ ହାତରେ ଉକ୍ତ ଯୁବକମାନେ ଭୂଷି ଦେଇଥିଲେ। ଏତିକିରେ ସେମାନଙ୍କ କ୍ରୋଧ ଶାନ୍ତ ହୋଇନଥିଲା। ସ୍ୱପ୍ନଜିତଙ୍କ ସହିତ ଥିବା ଜିତେନ୍ଦ୍ରକୁ ରଡ ଓ ଠେଙ୍ଗା ଦ୍ୱାରା ବାଡେଇବା ଦ୍ୱାରା ଜିତେନ୍ଦ୍ରଙ୍କ ମୁଣ୍ଡ ଫାଟିଯିବା ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉକ୍ତ ଯୁବକମାନେ ସେମାନଙ୍କୁ ଛାଡିଦେଇ ପଳାଇଥିଲେ।

ଏହି ମରଣାନ୍ତକ ଆକ୍ରମଣ ଖବର ପାଇ କମିଟ ସଦସ୍ୟ ଓ ପରିବାର ଲୋକ ତାଙ୍କୁ ସଙ୍ଗେ ସଙ୍ଗେ ନିଶ୍ଚନ୍ତକୋଇଲି ମେଡିକାଲ ନେଇଯାଇ ଚିକିତ୍ସା କରାଇଛନ୍ତି। ଏହି ଘଟଣା ଘଟିବା ପରେ ଯାତ୍ରା କମିଟ ପକ୍ଷରୁ କୁଦାନଗରୀ ଥାନାରେ ଉକ୍ତ ଯୁବକମାନଙ୍କ ନାମରେ ଏତଲା ଦେବା ସହ ଯାତ୍ରା ପାର୍ଟିର କ୍ଷତି ହୋଇଥିବା ଜିନିଷ ପାଇ କ୍ଷତିପୂରଣ ଦାବି କରି କରିଛନ୍ତି। ସେପଟେ ଗୁରୁତର ହୋଇଥିବା ସ୍ୱପ୍ନଜିତ ଓ ଜିତେନ୍ଦ୍ର ମଧ୍ୟ ପୃଥକ ପୃଥକ ଭାବେ ଉକ୍ତ ଯୁବକଙ୍କ ନାମରେ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗକୁ ଭିତ୍ତିକରି ଓ ପୋଲିସ ପକ୍ଷରୁ ମଧ୍ୟ ଅଧିକ ଅନୁସନ୍ଧାନ ପରେ ଦୋଷୀଙ୍କ ବିରୋଧରେ ଦୃଢ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରିଣୀ ଅମ୍ବିକା ଦାସ କହିଛନ୍ତି ।



## ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

**ବାଲିଅନ୍ତା, ୯।୨ (ସଂଚାର ବ୍ୟୁରୋ) :** ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଆଜି ବାଲିଅନ୍ତା ବ୍ଲକ ଉପଖଣ୍ଡ କାର୍ଯ୍ୟାଳୟର ନିଜସ୍ୱ ଗୃହ ନିର୍ମାଣ ଲାଗି ଇନ୍ଦ୍ରପାଳ ଗ୍ରାମ ନିକଟରେ ଭିତ୍ତିପ୍ରସ୍ତର କରାଯାଇଛି। ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବିଜେପି ସରକାରଙ୍କ ବହୁମୁଖୀ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ସାଂସଦ ଅପରାଜିତା ଷଡ଼ଙ୍ଗୀ ଜୟଦେବ ନିର୍ବାଚନମଣ୍ଡଳୀର ବିକାଶ କାର୍ଯ୍ୟ ନେଇ ଅଧିକ ଗୁରୁତ୍ୱ ଦେଉଥିବା କହିଥିଲେ। ଯନ୍ତ୍ରୀ ରଶ୍ମିତା ନାୟକ ସଭାପତିତ୍ୱ କରିଥିଲେ। ବିଜେଡ଼ିର ସ୍ଥାନୀୟ ନେତୃବୃନ୍ଦଙ୍କ ସମେତ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ନାୟକ, ସହକାରୀ ଯନ୍ତ୍ରୀ ନାରାୟଣ ସେଠୀ, ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦୀପ୍ତ ସୁନ୍ଦରାୟ,ପ୍ରସନ୍ନ ପରିଡ଼ା, ଜଗନ୍ନାଥ ସାହୁ, ପ୍ରଫୁଲ୍ଲ ପରିଡ଼ା, ଚିନ୍ମୟ ନନ୍ଦ ମିଶ୍ର, ନିହାର ରଞ୍ଜନ ଜଟ ଓ ସଞ୍ଜୟ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଲକାଟି ଜୋନରେ ବିଜେପିର ଜନସମ୍ପର୍କ ସମାବେଶ



**ବାଲିଅନ୍ତା, ୯।୨ (ସଂଚାର ବ୍ୟୁରୋ) :** ଆଜି ବାଲକାଟି ଅନ୍ୟନ୍ୟା ରିସୋର୍ଟ ସଭାକକ୍ଷରେ ବିଜେପିର ଜୋନସ୍ତରୀୟ ଜନ ସଂପର୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଚୌଧୁରୀ ଦ୍ୱାରିକା ନାଥ ଦାଶଙ୍କ ନେତୃତ୍ୱରେ ଆୟୋଜିତ ସମାବେଶରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ସଫଳ ରୂପାୟନ ନେଇ ବିଭିନ୍ନ ପଞ୍ଚାୟତର କର୍ମୀମାନଙ୍କ ସହଯୋଗ ଲୋଡ଼ିଥିଲେ। ପ୍ରକୃତ ଗରିବ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ଯେମିତି ବାଦ ନପଡ଼ନ୍ତି ତା' ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏହାଛଡ଼ା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ନିର୍ବାଚନମଣ୍ଡଳୀରେ ପାନୀୟ ଜଳ, ଆତ୍ମନିଯୁକ୍ତି, ଆଲୋକୀକରଣ, ରାସ୍ତାଘାଟ, ଆଦି ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟର ସଠିକ କାର୍ଯ୍ୟକାରିତା ନେଇ ଗୁରୁତ୍ୱାରାପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ମହାରଣା, ପ୍ରଦୀପ୍ତ ମହାନ୍ତି, ପୂର୍ବତନ ବାଲିପାଟଣା ବ୍ଲକ ଅଧ୍ୟକ୍ଷ ଶଶିଭୂଷଣ ପାତ୍ର, ସୁବାସ ଜେନା, ତାପସ ଜେନା, ମାଗୁଣି ସେଠୀ, ସୋମନାଥ ଭୋଇ ପ୍ରମୁଖଙ୍କ ସମେତ ୬ଟି ପଞ୍ଚାୟତର ଶତାଧିକ କର୍ମୀ ଏବଂ ନେତୃବୃନ୍ଦ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତରୁ ୨୬ ଜଣ ବିରୋଧୀ ଗୋଷ୍ଠୀର କର୍ମୀ ବିଜେପିରେ ମିଶିଥିଲେ।

## ଆହତ ବିଜେପି କର୍ମୀଙ୍କୁ ଭେଟିଲେ ମନ୍ତ୍ରୀ



**ବ୍ରହ୍ମପୁର, ୯।୨ (ସଂଚାର ବ୍ୟୁରୋ) :** ବ୍ରହ୍ମପୁର ଉପକଣ୍ଠ ହଳଦିଆପଦର ଠାରେ ପାଞ୍ଚ ଜଣଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ଆକ୍ରମଣ ଘଟଣାରେ ଆହତ ତିନି ବିଜେପି କର୍ମୀଙ୍କ ସମେତ ଅନ୍ୟ ଦୁଇ ଜଣ ଆହତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭେଟିଲେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଜେନା । ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ପରିବାର ସଦସ୍ୟଙ୍କୁ ଭେଟିଥିଲେ । ଦୁଇ ଜଣ ଗୁରୁତରଙ୍କୁ ସ୍ଥାନାନ୍ତର କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି । ଗୁଣ୍ଡାରାଜକୁ ଦୃଢ଼ ହସ୍ତରେ ଦମନ କରାଯିବ ଏବଂ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି । ମନ୍ତ୍ରୀଙ୍କ ସହ ବ୍ରହ୍ମପୁର ଏସପି ଡ଼.ଶର୍ବଣା ବିବେକ ଏମ୍,ବଡ଼ ମେଡ଼ିକାଲ ସୁପେରିଟେଣ୍ଡେଣ୍ଟ ଶ୍ରୀମତୀ ସୁଚିତ୍ରା ଦାସ,ବିଜେପିର ବରିଷ୍ଠ ନେତା ସୁନିଲ କୁମାର ସାହୁ,ରାମ କୁମାର ପାତ୍ର,ପ୍ରଭାତ କିରଣ ଷଡ଼ଙ୍ଗୀ,ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର,ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ,ଏଲ୍.ମୋହନ ଦାସ,ବି.ସୋମନାଥ ପାତ୍ର,କେ.ରବି ରାଓ,ଯୁବନେତା ସୁନିଲ ପାତ୍ର,ରାଜେଶ ସାହୁ,କମାଲ ପାତ୍ର ପ୍ରମୁଖଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଅଚିହ୍ନା ମହିଳାକୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କଲା ପୁଲିସ



**ସାଲେପୁର, ୯।୨ (ସଂଚାର ବ୍ୟୁରୋ) :** ଆଜି ସକାଳୁ ସାଲେପୁର ବଜାରରେ ଏଣେତେଣେ ଘୁରିବୁଲୁଥିବା ଏକ ଅଚିହ୍ନା ମହିଳାଙ୍କୁ ଶେଷରେ ସାଲେପୁର ପୁଲିସ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାଯାଇଛି। ଆଜି ସକାଳ ପ୍ରାୟ ୧୦ଟା ସମୟରେ ସାଲେପୁର ଡାକପୋଲ ନିକଟରେ ଜଣେ ମହିଳା ଯାହାର ଆନୁମାନିକ ବୟସ ୩୭ରୁ ଉର୍ଦ୍ଧ୍ୱ ହେବ, ସେ ଏକ ଟି.ସାର୍ଟ, ସର୍ଟ ପ୍ୟାଣ୍ଟ୍ ପିନ୍ଧିଥିବାବେଳେ ତାହାର ଆଚରଣରୁ ସେ ଜଣେ ମସ୍ତିଷ୍କ ବିକୃତ ବୋଲି ଜଣାପଡୁଥିଲା। ଶେଷରେ ସାଲେପୁର ପୁଲିସ ଖବର ପାଇ ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ସାଲେପୁର ଥାନା ଆଇ.ଆଇ.ସି. ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ମହିଳା ଜଣକୁ କାବୁ କରିବାକୁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଶେଷରେ ମହିଳାଙ୍କୁ କାବୁ କରିବାକୁ ସକ୍ଷମ ହୋଇଥିଲା।

## ଦୁଇ ଚେନ୍ ଲୁଟେରା ଗିରଫ

- ୩୫.୭୦୦ ଗ୍ରାମ ଅଳଙ୍କାର ସହ ବାଇକ ଜବତ

**ବ୍ରହ୍ମପୁର, ୯।୨ (ସଂଚାର ବ୍ୟୁରୋ) :** ଗତ କିଛିମାସ ଧରି ଲୁଟେରା ଗ୍ୟାଙ୍ଗ ବ୍ରହ୍ମପୁରର ବିଭିନ୍ନ ସ୍ଥାନରୁ ମହିଳାଙ୍କ ବେକରୁ ସୁନାହାର ଝାମ୍ପିନେଇଥିଲେ। ପୋଲିସ ଉକ୍ତ ଗ୍ୟାଙ୍ଗକୁ ଶେଷରେ ଧରିବାରେ ସକ୍ଷମ ହୋଇଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରି ଲୁଟେରା ଗ୍ୟାଙ୍ଗକୁ ବାନ୍ଧିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଆସ୍କା ଅଞ୍ଚଳର ରବି ଦାସ(୨୮) ଓ ଅନ୍ୟଜଣେ ଯାଜପୁର ଝଖାପୁରା ଥାନା ଅଞ୍ଚଳର ସୁମେନ ପ୍ରଧାନ(୩୬)। ଅଭିଯୁକ୍ତଙ୍କ ପାଖରୁ ୭ଗୋଟି ମୋବାଇଲ, ୩୫. ୭୦୦ ଗ୍ରାମର ବିଭିନ୍ନ ପ୍ରକାରର ସୁନା ଅଳଙ୍କାର, ପଲସର ବାଇକ ଓ ୨୫୦୦ ଟଙ୍କା ପୋଲିସ ଜବତ କରିଛି। ଉଭୟ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

### ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ମାମଲା

## ଖଣ୍ଡା ଓ ଠେଙ୍ଗା ଜବତ ; ୨ ଗିରଫ

**ବ୍ରହ୍ମପୁର, ୯।୨ (ସଂଚାର ବ୍ୟୁରୋ) :** ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ପରେ ଖଣ୍ଡାରେ ହଣାମରା ହୋଇଥିଲା । ଏ ଘଟଣାରେ ପୁଲିସ ଉଭୟ ଗୋଷ୍ଠୀର ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୀପକ ପ୍ରଧାନ ଓରଫ ଦିପୁ (୩୦) ଓ ପ୍ରଶାନ୍ତ କୁମାର ନାହାକ(୩୫) । ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ଗୋଟିଏ ଖଣ୍ଡା ଓ ଠେଙ୍ଗା ଜବତ କରିଛି । ଅଭିଯୁକ୍ତ ଦିପୁ ନାମରେ ନିମଖଣ୍ଡି ଥାନାରେ ୩ଟି ମାମଲା ଓ ଗୋଷାଣୀନୂଆ ଗାଁ ଥାନାରେ ଅଭିଯୁକ୍ତ ପ୍ରଶାନ୍ତ ନାହାକଙ୍କ ନାମରେ ଗୋଟିଏ ମାମଲା ରହିଥିବା ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି ।

### ପାରିବାରିକ ବିବାଦକୁ ନେଇ ହତ୍ୟାକାଣ୍ଡ

# ୨ ଗିରଫ, ୬ ଅଭିଯୁକ୍ତ ଫେରାର

**କେନ୍ଦ୍ରାପଡ଼ା, ୯।୨ (ସଂଚାର ବ୍ୟୁରୋ) :** ପାରିବାରିକ ବିବାଦକୁ ନେଇ ଘଟିଛି ହତ୍ୟା। ଏହି ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ପ୍ରକାଶଯୋଗ୍ୟ, ଗତ ଶନିବାର ସଦର ଥାନା ଅଧିନ କପାଳେଶ୍ୱର ପଂଚାୟତ ଗରାପୁର ମଳିକ ସାହିରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଏହି ସାହିର ରାମଚନ୍ଦ୍ର ମଲ୍ଲିକଙ୍କୁ ତାଙ୍କର କେତେଜଣ ସମ୍ପର୍କୀୟ ଗଛରେ ବାନ୍ଧି ପିଟି ପିଟି ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ମୃତକଙ୍କ ତିନି ଭାଇ ପୂର୍ବରୁ ସେମାନଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ଗତ ଶୁକ୍ରବାର ଏହି ବିବାଦ ଉଗ୍ରରୂପ ଧାରଣ କରିଥିଲା ।

ନିଶାସକ୍ତ ଅବସ୍ଥାରେ ରାମଚନ୍ଦ୍ର ସେହି ଜମିବାଡ଼ିକୁ ନେଇ ସାନ ଭାଇକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରପିଟ କରିଥିଲା । ଶନିବାର ରାତିରେ ମଧ୍ୟ ସେହି ନିଶାସକ୍ତ ଅବସ୍ଥାରେ ଗାଳିଗୁଲଜ କରିବା ସହ ଗଣ୍ଡଗୋଳ କରିବାରୁ ଏହା ଉଗ୍ରରୂପ ଧାରଣ କରିଥିଲା । ଦୁଇ ଭାଇଙ୍କ ମଧ୍ୟରେ ଠେଲାପେଲାରୁ ମାରପିଟ ଆରମ୍ଭ ହୋଇଥିଲା। ଏହି ସମୟରେ ରାମଚନ୍ଦ୍ର ସାନଭାଇ ବାଉଁକୁ ମାରଣାସ୍ତ୍ରରେ ହାଣି ଦେଇଥିବା ନେଇ ଅଭିଯୋଗ ହୋଇଥିଲା । ପରିବାର ଲୋକ ରାମଚନ୍ଦ୍ରର ଏଭଳି ଜଘନ୍ୟ କାଣ୍ଡରେ ଅତିଷ୍ଠ ହୋଇ ତାକୁ ଘର ପାଖ ଗଛରେ ବାନ୍ଧି ପକାଇ ନିସ୍ତୁକ ମାଡ଼ ମାରିଥିଲେ। ଏହି ମାଡ଼ରେ ରାମଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲ।

ଶନିବାର ରାମଚନ୍ଦ୍ର ମଲ୍ଲିକ(୩୮)ଙ୍କୁ ହତ୍ୟା କରିବା ଘଟଣାରେ ସଦର ଥାନା ପୋଲିସ ୮ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଛି । ସେମାନଙ୍କ ମଧ୍ୟରୁ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଗଗନ ମଲ୍ଲିକ (୪୦) ଏବଂ ବିଶ୍ୱନାଥ ମଲ୍ଲିକ(୩୫) । ଏହି ଦୁଇ ଅଭିଯୁକ୍ତଙ୍କୁ ଆଜି କୋର୍ଟଚାଲାଣ କରାଯିବା ନେଇ ଥାନା ଅଧିକାରୀ ବିମଳ ମଲ୍ଲିକ ସୂଚନା ଦେଇଛନ୍ତି । ନିଶା ସେବନ, ଜମିଜମା ବିବାଦ, ଗଣ୍ଡଗୋଳକୁ ହତ୍ୟା କାଣ୍ଡ ଘଟିଥିବା ଶ୍ରୀ ମଲ୍ଲିକ କହିଛନ୍ତି ।

## ଧୂପ ନିଆଁରୁ ଅଗ୍ନିକାଣ୍ଡ: ମହିଳା ଜୀବନ୍ତ ଦଗ୍ଧ

**ପଟ୍ଟାମୁଣ୍ଡାଇ, ୯।୨ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବକ୍ତାରପୁର ଛକରେ ସେହି ଗ୍ରାମର ପୁରୁଷୋତ୍ତମ ସାହୁଙ୍କ ପତ୍ନୀ କମଳା ସାହୁ (୪୮) ଏକ ହାର୍ଡୱାର ଦୋକାନ କରିଛନ୍ତି । ତାଙ୍କ ଦୋକାନକୁ ଲାଗି ତାଙ୍କ ଭଉଣୀଙ୍କ ପାନ ଦୋକାନ କରିଛନ୍ତି । ଏହି ଦୋକାନରେ ପାନ ସହିତ ପେଟ୍ରୋଲ ମଧ୍ୟ ବିକ୍ରୟ କରାଯାଏ । କମଳାଙ୍କ ଭଉଣୀ ତାଙ୍କ ଶାଶୁ ଘରକୁ ଯାଇଥିଲେ । ତାଙ୍କ ସହିତ କମଳାଙ୍କ ଝିଅ (୧୭) ଓ ପୁଅ (୧୨)ମାଉସୀ ଘରକୁ ଯାଇଥିଲେ । ଆଜି ସକାଳ ୮ଟା ସମୟରେ କମଳା ନିଜ ଦୋକାନ ପାଖରେ ଥିବା ଭଉଣୀଙ୍କ ପାନ ଦୋକାନରେ ଧୂପ ଦେଉଥିଲେ। ଧୂପ ନିଆଁରୁ ହଠାତ ନିଆଁ ଉଠି ପାନ ଦୋକାନ ଜଳିବାକୁ ଲାଗିଥିଲା । ଦୋକାନ ବାହାରେ ପେଟ୍ରୋଲ ବିକ୍ରି କରାଯାଉଥିବାରୁ ନିଆଁ ବେଗ ଅତି ପ୍ରଖର ଥିଲା । ଯାହାଫଳରେ ପାନ ଦୋକାନ ମଧ୍ୟରେ ଥିବା କମଳା ନିଆଁ ମଧ୍ୟରୁ ମୁକୁଳି ବାହାରକୁ ଆସି ନପାରି ନିଆଁରେ ଜଳି ଯାଇ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଖବର ପାଇଁ ପଟ୍ଟାମୁଣ୍ଡାଇରୁ ଦମକଳ ଗାଡି ଆସି ନିଆଁକୁ ଆୟତ୍ତ କରିବା ସହିତ ପାନ ଦୋକାନ ମଧ୍ୟରୁ ମୃତ ଅବସ୍ଥାରେ କମଳାଙ୍କୁ ଉଦ୍ଧାର କରିଥିଲେ। କମଳାଙ୍କ ସ୍ୱାମୀ ପୁରୁଷୋତ୍ତମ ଓଡିଶା ବାହାରେ ରହି କାମ କରୁଛନ୍ତି । ଘରେ ଦୁଇ ପିଲା ଝିଅ ୧୭ବର୍ଷ ଓ ପୁଅ ୧୨ବର୍ଷ ଅଛନ୍ତି । ଖବର ପାଇ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବିଡ଼ିଓ ଶୁଭ୍ରାଂଶୁ ସାହୁ,ଆଇ ଆଇ ସି ସୁଶାନ୍ତ ସାହୁ, ଯୁବସମାଜସେବୀ ଦିଗାମ୍ବର ମିଶ୍ର ଓ ବାବନ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଂଚି ମୃତ ମହିଳାଙ୍କ ଶବ ଉଦ୍ଧାର କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟ ମାମଲା ରୁଜ୍ଜୁ କରି ସମୁଦାୟ ମାମଲାର ତଦନ୍ତ ଆରମ୍ଭ କରିଛି । ଏହି ଘଟଣା ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳରେ ଆଲୋଡନ ସୃଷ୍ଟି କରିଛି ।

### ଶିକ୍ଷୟିତ୍ରୀଙ୍କୁ ହତ୍ୟା ଘଟଣା

# ସୁଇସାଇଡାଲ ନୋଟ ବଢ଼ାଇଲା ଦ୍ୱନ୍ଦ୍ୱ

**କେନ୍ଦ୍ରାପଡ଼ା, ୯।୨ (ସଂଚାର ବ୍ୟୁରୋ) :** ଶିକ୍ଷୟିତ୍ରୀଙ୍କୁ ବିଷ ଦେଇ ହତ୍ୟା କରିବା ଘଟଣାକୁ ୬ ଦିନ ବିତିବାକୁ ବସିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ ପରିବର୍ତ୍ତେ ନୂଆ ଖିଅ ବାହାର କରୁଛି ପୋଲିସ । କେବେ ମୃତ ଶରୀର ନିକଟରୁ ଛୁରୀ ଆଉ ଗିନା ମିଳିଛି କୁହାଯାଉଛି ତ ଆଜି ମୃତ ଶରୀର ନିକଟରୁ ଏକ କଳା ରଙ୍ଗର ଡାଏରୀ ମିଳିଛି ବୋଲି କୁହାଯାଇଛି । ଏହି ଡାଏରୀ ପ୍ରକୃତ ମୃତ୍ୟୁ ରହସ୍ୟ ଖୋଲିବ ବୋଲି ଜାଣିବାକୁ ମିଳିଛି। ତେବେ ଏହି ଡାଏରୀରେ ଲେଖା ହୋଇଥିବା ସୁଇସାଇଡାଲ ନୋଟ ମୃତ ସୁଭାଷିନୀଙ୍କର ନା ଆଉ କାହାର ତାହା ଏବେ ଦ୍ୱନ୍ଦ ବଢ଼ାଇଛି।

ଏହି କଳା ରଙ୍ଗର ଡାଏରୀରେ ସୁଭାଷିନୀଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହଁନ୍ତି ବୋଲି ଲେଖା ହୋଇଛି । ତାଙ୍କର ଶରୀର ଅସୁସ୍ଥ ଥିବାରୁ ସେ ଏହିଭଳି ଚରମ ନିଷ୍ପତ୍ତି ନେଇଥିବା ନେଇ ଉଲ୍ଲେଖ ରହିଛି। ହେଲେ ଲେଖା ହୋଇଥିବା ଅକ୍ଷର ତାଙ୍କ ଭଉଣୀର ନୁହେଁ ବୋଲି ମୃତ ସୁଭାଷିନୀଙ୍କ ଭାଇ ନୀଳାଦ୍ରିନାଥ ନାୟକ କହିଛନ୍ତି । ଏହି ଅକ୍ଷରକୁ ଯାଞ୍ଚ କରିବାକୁ ସେ ଦାବୀ କରିଛନ୍ତି। ମୃତ୍ୟୁର ୬ ଦିନ ପରେ ଡାଏରୀ ମିଳିଥିବା ନେଇ ପରିବାର ଲୋକଙ୍କୁ ପୋଲିସ

> **୬ଦିନ ପରେ ମିଳିଲା ଡାଏରୀ**
> **ଏ ଲେଖା ମୋ ଭଉଣୀର ନୁହେଁ: ଭାଇ**

ସୂଚନା ଦେବାରୁ ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ସନ୍ଦେହ କରାଯାଉଛି । ଯଦି ଆତ୍ମହତ୍ୟା ତେବେ ଆଜି ପର୍ଯ୍ୟନ୍ତ ସୁଇସାଇଡ଼ାଲ ନୋଟ ସମ୍ପର୍କରେ ପୋଲିସ କାହିଁକି ସୂଚନା ଦେଇନଥିଲା ବୋଲି ପ୍ରଶ୍ନ ଉଠିଛି । ତେବେ ସୁଇସାଇଡାଲ ନୋଟକୁ ଯାଞ୍ଚ କଲେ ପ୍ରକୃତ ସତ୍ୟ ଜଣାପଡ଼ିବ । ପ୍ରକୃତରେ ସେହି ଲେଖା ମୃତ ସୁଭାଷିନୀଙ୍କର ନା ଆଉ କାହାର? ଏହାଛଡ଼ା ଶିକ୍ଷୟତ୍ରୀ ସୁଭାଷିନୀଙ୍କୁ ଖାଦ୍ୟରେ ବିଷ ଦେଇ ହତ୍ୟା



କରାଯାଇଥିବା ନେଇ ପୋଲିସ ନିକଟରେ ଗତ ୫ ତାରିଖରେ ଅଭିଯୋଗ ହୋଇଥିଲା। ପୋଲିସ କେବଳ ମାମଲା ରୁଜୁ କରି ଚୁପ ବସିଛି । ମୃତ ଶରୀର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯାହା କାର୍ଯ୍ୟାନୁଷ୍ଠାନ ନେବ ବୋଲି ଗଣମାଧ୍ୟମକୁ କହିଛି ।

## ଜିଲ୍ଲା ଦଳିତ ବିକାଶ ପରିଷଦ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ

**ନାଉଗାଁ, ୯।୨ (ସଂଚାର ବ୍ୟୁରୋ) :** ଦଳିତ ବିକାଶ ପରିଷଦ ଜଗତସିଂହପୁର ତରଫରୁ ଆଜି ତା.୦୯.୦୨.୨୦୨୫ ରିଖ ଦିବା ୧୧ ଘଟିକା ସମୟରେ ନାଉଗାଁ ବ୍ଲକ ଅନ୍ତର୍ଗତ ମଣ୍ଡାଳ ଠାରେ ଜିଲ୍ଲା ସଭାପତି ଶ୍ରୀ ଶଙ୍କର ଦାସ ଙ୍କ ନେତୃତ୍ୱରେ ଏକ ବନ୍ଧୁ ମିଳନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବନ୍ଧୁ ମିଳନ ସମାବେଶରେ ସଙ୍ଘର ସାଧାରଣ ସମ୍ପାଦକ ଶ୍ରୀ ଅକ୍ଷୟ କୁମାର ମଲ୍ଲିକ, ଶିକ୍ଷାବିତ୍ ଶ୍ରୀ ଗଣେଶ୍ୱର ହାଁସଦା, ଅଶୋକ କୁମାର ସାମଲ, ଦୁଷ୍ମନ୍ତ କୁମାର କାଣ୍ଡି, ଦୁର୍ଯ୍ୟୋଧନ ଦାସ, କୈଳାସ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବହୁବିଧ ଯୋଜନା ଯଥା ଭୂମିହୀନଙ୍କୁ



ବସୁନ୍ଧରା ଯୋଜନାରେ ଘର ଦିହ ପଟ୍ଟା, ପ୍ରଧାନମନ୍ତ୍ରୀଙ୍କ ଆବାସ ଯୋଜନାରେ ପକ୍କା ଘର,ପ୍ରତ୍ୟେକ ଦଳିତ ବସ୍ତିକୁ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଆଲୋଚନା କରାଯାଇଥିଲା ନିଶା କବଳରୁ ମୁକ୍ତ ହେବା ସହିତ ସେମାନଙ୍କ ପିଲାମାନେ ମାନେ କିପରି ଶିକ୍ଷାରୁ ବଞ୍ଚିତ ନହେବେ ତାହା ଉପରେ ଆଲୋଚନା କରାଯାଇଥିଲା ଶେଷରେ ଆସନ୍ତା ଏପ୍ରିଲ ମାସରେ କିପରି ଜିଲ୍ଲା ସ୍ତରରେ ଏକ ବିଶାଳ ଦଳିତ ସମାବେଶ ଅନୁଷ୍ଠିତ ହେବ ତାହା ଉପରେ ଆଲୋଚନା କରାଯାଇଥିଲା।

## ଭାରସାମ୍ୟ ହରାଇ ଓଲଟିଲା ବାଇକ, ଯୁବକ ମୃତ

**କୋଣାର୍କ, ୯।୨ (ସଂଚାର ବ୍ୟୁରୋ) :** କୋଣାର୍କ ଥାନା ଅଧିନସ୍ଥ ଅରଖକୁଦା ଗ୍ରାମ ଠାରେ ରବିବାର ଦିବା ୨ଘଟିକା ସମୟରେ ଏକ ବାଇକ ଆରୋହୀ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟିବା ଯୋଗୁଁ ଯୁବକ ମୃତ୍ୟୁ ବରଣ କରିଥିବା ଜଣାପଡିଛି। ଖବରରୁ ପ୍ରକାଶ



ଯେ ସୁତନ ଗ୍ରାମ ପଞ୍ଚାୟତର ସୁତନ ସାମିଲ ଭିଂଗୁରାଡି ଗ୍ରାମର ସନ୍ତୋଷ କୁମାର ସାମନ୍ତରାୟ (୨୮) ବର୍ଷ କୌଣସି ପାରିବାରିକ କାମରେ ବାଇକ ଯୋଗେ କୋଣାର୍କ ଅଭିମୁଖେ ଯାଉଥିବାବେଳେ କୋଣାର୍କ ଥାନା ଅଧିନସ୍ଥ ଅରଖକୁଦ ଗ୍ରାମ ଠାରେ ତାଙ୍କ ବାଇକଟି ଭାରସାମ୍ଯ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ଗୁରୁତର ଭାବେ ଆହତ ହୋଇଥିବା ଯୁବକ ସନ୍ତୋଷ ଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରାଥମିକ ଚିକିତ୍ସା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଗୋପ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଭିଂଗୁରାଡି ଗ୍ରାମରେ ଶୋକାକୂଳ ପରିସ୍ଥିତି ସୃଷ୍ଟି ହୋଇଛି। କୋଣାର୍କ ଥାନା ପୋଲିସ ପକ୍ଷରୁ ଶବ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଆଧ୍ୟାତ୍ମିକତା ବିନା ମାନବ ଜୀବନ ଅଧୁରା

**କେନ୍ଦ୍ରାପଡ଼ା, ୯।୨ (ସଂଚାର ବ୍ୟୁରୋ) :** ଗରାପୁର ସ୍ଥିତ ଶିବାନନ୍ଦ ଆଶ୍ରମ ପକ୍ଷରୁ ଅୟୋଜିତ ବିଶ୍ୱ ଶାନ୍ତି ମହାଯଜ୍ଞ ମଣ୍ଡପରେ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ଆଧ୍ୟାତ୍ମିକ ଆଲୋଚନା ଓ ଭକ୍ତି ରସାତ୍ମକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆମ ଗାଁ ସାହିତ୍ୟ ପରିଷଦର ସଭାପତି ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର, ଡ. ସର୍ବେଶ୍ୱର ସେଣ, ବିଶିଷ୍ଟ ଗବେଷକ ଶ୍ରୀ ନିରଞ୍ଜନ ମେକାପ, ବିଶିଷ୍ଟ ବାସ୍ତୁବିତ ନାରାୟଣ ପତି ଯୋଗ ଦେଇ କହିଲେ ଯେ, ଆଧ୍ୟାତ୍ମିକତା ମାନବ ଜୀବନକୁ ସଂସ୍କାରିତ କରେ, ଜୀବନ ପଥ ସୁଗମ କରେ, ସତସଙ୍ଗ ଦ୍ୱାରା ମଣିଷ କୁପଥ ଗାମୀ ହୁଏ ନାହିଁ। ଶିବାନନ୍ଦ ଆଶ୍ରମର ମୁଖ୍ୟ ସ୍ୱାମୀ ଦିବ୍ୟ ସ୍ୱରୂପା ନନ୍ଦ ସରସ୍ୱତୀ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ ।

## ସାଇବର ସୁରକ୍ଷା ସଚେତନତା

**ନବରଙ୍ଗପୁର, ୯।୨ (ସଂଚାର ବ୍ୟୁରୋ) :** ଇଣ୍ଟରନେଟ୍ ସୁରକ୍ଷା ଦିବସ ପାଳନ ଅବସରରେ ନବରଙ୍ଗପୁର କଲେଜର ବିନୋଦ ଝା ପ୍ରେକ୍ଷାଳୟରେ ସାଇବର୍ ସୁରକ୍ଷା ସଚେତନତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କ୍ୟାରିୟର କାଉନସେଲିଂ ସେଲର ସହଯୋଗ ଏବଂ ଜିଲ୍ଲା ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ସୂଚନା ପ୍ରଯୁକ୍ତିବିଦ୍ୟା ଓ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱରଞ୍ଜନ ଭୁକ୍ତା, ସିଏମ୍‌ଜିଆଇ ଜିଲ୍ଲା ସଂଯୋଜକ ଅକ୍ଷୟ ପାଲ୍ ଓ +୩ ଅଧ୍ୟାପକ ଘାସିରାମ ବେହେରା, ଜିତେନ୍ଦ୍ର ରଥ ପ୍ରମୁଖ




ମଞ୍ଚାସୀନ ଥିଲେ। କଲେଜ ଅଧ୍ୟକ୍ଷ ଡି. ଗୋବିନ୍ଦା ରାଓ ଅତିଥିଙ୍କୁ ସ୍ୱାଗତ ଜଣାଇବା ସହ ଛାତ୍ରଛାତ୍ରୀଙ୍କୁ ଇଣ୍ଟରନେଟ୍ ମାଧ୍ୟମରେ ହେଉଥିବା ବିଭିନ୍ନ ଠକେଇରୁ ସୁରକ୍ଷିତ ରହିବା ପାଇଁ ସଚେତନ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ଭୁକ୍ତ ବୃତ୍ତଚିତ୍ର ମାଧ୍ୟମରେ ସାଇବର ଅପରାଧୀଙ୍କ ଟଙ୍କା ଠକେଇ ସମ୍ପର୍କରେ ବୁଝାଇଥିଲେ।




## ସଚିବଙ୍କ ସାଙ୍ଗେ ମନ୍ତ୍ରୀଙ୍କ କଟି



ନିଜ ବିଭାଗର ସଚିବଙ୍କ ସହିତ ମନ୍ତ୍ରୀ କଟି ପଡ଼ୁଛନ୍ତି କଥା ବି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ସଚିବଙ୍କ ସହିତ ମନ୍ତ୍ରୀ କଥା ହେବା ତ ଦୂରର କଥା ସଚିବ ହ୍ୱାଟସଆପରେ ମେସେଜଟିଏ ଦେଲେ ତାହାର ଉତ୍ତର ପାଉ ନାହାନ୍ତି। ଏଭଳି ସ୍ଥିତିରେ ବିଭାଗ ଚାଲିଥିବାବେଳେ ତଳିଆ କର୍ମଚାରୀମାନେ ଏକପ୍ରକାର ହାତ ଟେକି ଦେଲେଣି। ତେଣେ ମନ୍ତ୍ରୀଙ୍କ ଆଚରଣରେ ଅତିଷ୍ଠ ସଚିବ ବିଭାଗ ଛାଡ଼ିବାପାଇଁ ବି ସଜବାଜ ହେଲେଣି। ଏ ସଂକ୍ରାନ୍ତରେ ସଚିବାଳୟରେ ହେଉଥିବା ଆଲୋଚନାରୁ ଜଣାଯାଇଛି ଯେ ବିଭାଗରେ ମନ୍ତ୍ରୀ ନୂଆଙ୍କୁ ସଚିବ ବି ନୂଆ। ତେବେ ମନ୍ତ୍ରୀ ସଚିବଙ୍କୁ ଗୋଟିଏ ବଡ ଯୋଜନା କାର୍ଯ୍ୟକାରୀ ପାଇଁ କହିଥିଲେ। ଭାବିଥିଲେ ସଚିବ ଆଖିବୁଜି ମୁଣ୍ଡ ଟୁଙ୍ଗାରିଦେବେ। ହେଲେ ସଚିବ ଜାଣିଛନ୍ତି ସମସ୍ୟାଟି କେଉଁଠି। ମନ୍ତ୍ରୀଙ୍କୁ ସରଳଭାବେ ବୁଝାଇଦେଲେ। ଯୋଜନାଟି କାର୍ଯ୍ୟକାରୀ କରିବା ସହଜ ନୁହେଁ ବୋଲି କହିଲେ। ଏହାକୁ କାର୍ଯ୍ୟକାରୀ କଲେ ମନ୍ତ୍ରୀଙ୍କ ସମେତ ସରକାର ଅଡୁଆରେ ପଡ଼ିବ ବୋଲି ବୁଝାଇଲେ। ହେଲେ ଯୋଜନା କାର୍ଯ୍ୟକାରୀ କରି ପୁରସ୍କାର ପାଇବାର ସ୍ୱପ୍ନ ଦେଖୁଥିବା ମନ୍ତ୍ରୀଙ୍କ ମନକୁ କଥାଟି ଗଲାନି। ରାଗିଯାଇ ସଚିବଙ୍କ ସହିତ କଟି ପକାଇଦେଲେ। ସେବେଠାରୁ ମନ୍ତ୍ରୀ ଓ ସଚିବଙ୍କର ଉତ୍ତରମେରୁ-ଦକ୍ଷିଣମେରୁ ଅବସ୍ଥା। ଦୁଇ ମୁଖିଆଙ୍କର ଏଭଳି ଆଚରଣ ଏବେ ବିଭାଗର ସ୍ୱାସ୍ଥ୍ୟ ଖରାପ କରୁଥିବା ନେଇ ଚର୍ଚ୍ଚା ଜୋର ଧରିଛି।

## ବାବୁଙ୍କୁ ଛାଡୁନି ବାସ୍ତୁ ଡର




ଶକ୍ତି ବିଭାଗର ଅଧୀନରେ ଥିବା ତାପଜ ବିଦ୍ୟୁତ୍ କେନ୍ଦ୍ରର ଜଣେ ବରିଷ୍ଠ ଅଧିକାରୀଙ୍କ ବାସ୍ତୁ ଚିନ୍ତା ଏବେ କର୍ମଚାରୀମାନଙ୍କୁ ହଇରାଣ କରିବାରେ ଲାଗିଛି। କିଛିଦିନ ତଳେ ବାବୁ ନିଜ ଦପ୍ତରରେ ଥିବା ଗଣେଶ ମୂର୍ତ୍ତିକୁ ଚାରିଥର ଏପଟ ସେପଟ କରିବେ ବ୍ୟାପକ ଅର୍ଥ ଶ୍ରାଦ୍ଧ କରିଥିଲେ। ତେବେ ଗଣେଶଙ୍କ ଆର୍ଶୀବାଦରୁ ବାବୁ ଏବେ ଶକ୍ତି ବିଭାଗ ଅଧୀନରେ ଥିବା ଆଉଗୋଟିଏ ସଂସ୍ଥାର ଅତିରିକ୍ତ ଦାୟିତ୍ୱ ପାଇଥିଲେ। ନୂଆ ଦପ୍ତରଟି ରହିଛି ରାଜଧାନୀର ଫର୍ଚୁନ ଟାୱାରରେ। ବାବୁ ସେଠାରେ ପଦଛି ଏବେ ପୁରୁଣା ଷ୍ଟାଇଲରେ ବାସ୍ତୁ ଦୋଷ ଖୋଜି ପାଉଛନ୍ତି। ତାଙ୍କ ପ୍ରକୋଷ୍ଠରେ ବାସ୍ତୁଦୋଷ ଥିବା ଦର୍ଶାଇ ତାକୁ ଭାଙ୍ଗିବାପାଇଁ ଯୋଜନା ଚଳାଇଲେଣି। ବାବୁଙ୍କର ଏଭଳି ବାସ୍ତୁଚିନ୍ତା ଏବେ ଶକ୍ତି ବିଭାଗରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଅତି କମ୍‌ରେ ବାବୁଙ୍କୁ ଗୋଟିଏ ଦପ୍ତରର ଦାୟିତ୍ୱ ଦେବାକୁ ମତପ୍ରକାଶ ପାଉଛି। ନହେଲେ ଏକାଧିକ ଦପ୍ତରରେ ବାସ୍ତୁପୂଜା ଓ ଠାକୁରଙ୍କୁ ଏପଟ ସେପଟ କରିବାରେ ତାଙ୍କର ସବୁତକ ସମୟ ଚାଲିଯିବ ବୋଲି ବାବୁଙ୍କ ବାସ୍ତୁପୂଜାରେ ହଇରାଣ ହେଉଥିବା କିଛି କର୍ମଚାରୀ କହିଛନ୍ତି।

## ପରିଣତ ବୟସରେ ଖାକି ପ୍ରେମ



କିଛିଦିନ ହେଲା ରାଜଧାନୀରେ ଖାକି ପ୍ରେମକୁ ନେଇ ଆଲୋଚନା ଥଣ୍ଡା ପଡ଼ିଥିବାବେଳେ ଏବେ ପୁଣି ଥରେ ଆରମ୍ଭ ହୋଇଯାଇଛି। ତେବେ ଏଥର ଟିକେ ନୂଆ ଷ୍ଟାଇଲରେ। ରାଜଧାନୀରେ ହେଉଥିବା ଆଲୋଚନା ଅନୁଯାୟୀ ଏଥର କୁଆଡେ ଭାଲେଣ୍ଟାଇନ୍ ସପ୍ତାହରେ ଦୁଇ ବୟସ୍କ ଖାକି ଲୁଚି ଛପି ଗୋଲାପ ଓ ଚକଲେଟ ଦିଆନିଆ ହୋଇଛନ୍ତି। ଦୁଇ ଜଣଙ୍କ ଦପ୍ତର ରାଜଧାନୀର ଦୁଇ କୋଣରେ ହୋଇଥିବାବେଳେ ଟେଲିଫୋନ୍ ଓ ଲୁଚାଛପାରେ କିଛୁ ଜୋରଦାର ଭାଲେଣ୍ଟାଇନ୍ ପାଳନ ହୋଇଛି। ତେବେ ଏହି ଦୁଇ ବରିଷ୍ଠ ରାଜଧାନୀରେ ଛେଳ କିଛି ଦିନ ରହିଥିବାରୁ ସେମାନଙ୍କୁ ପ୍ରାୟତଃ ବହୁ ତଳିଆ ପୁଲିସ୍ ବାବୁମାନେ ଜାଣିଛନ୍ତି। ଜଣେ ତ ଅତ୍ୟନ୍ତ ଚିହ୍ନା ମୁହାଁ। ତେଣୁ ଉଭୟ ଅତ୍ୟନ୍ତ ସର୍ତକତା ଅବଲମ୍ବନ କରୁଛନ୍ତି। କିଛି ଗୁଇନ୍ଦା ଖାକି ଏହାର ସୂରାକ ପାଇଥିଲେ ମଧ୍ୟ ନିଜ ମାଲିକଙ୍କ ପ୍ରସଙ୍ଗରେ ଆଲୋଚନା କରିବାକୁ ଉଚିତ୍ ମଣୁନାହାନ୍ତି। ତେବେ ପରିଣତ ବୟସରେ ରଙ୍ଗିଲା ମିଜାଜରେ ଥିବା ମହିଳା ଖାକି ଜଣଙ୍କ ଦୈନନ୍ଦିନ ପୁଲିସ୍ ବ୍ୟବସ୍ଥା ବାହାରେ ଥିବାରୁ ତାଙ୍କୁ ଢେର ସମୟ ମିଳୁଛି। ହେଲେ ବଡ ଅଫିସର ହୋଇଥିବାରୁ କାଳେ ତଳିଆ କର୍ମଚାରୀ କ'ଣ ଭାବିବେ ସେଥିପାଇଁ ଅତି ସର୍ତକତା ଅବଲମ୍ବନ କରୁଥିବା ନେଇ ଚର୍ଚ୍ଚା ଜୋର ଧରିଛି। ନାତି ନାତୁଣି ଖେଳାଇବା ବୟସରେ ଭାଲେଣ୍ଟାଇନ୍ ପାଳନର ମଜା ଅଲଗା ବୋଲି କିଛି ବଗୁଲିଆ ଟୁପୁରୁ ଟାପୁରୁ ହେବାପରେ କଥାଟି ଚାରିକାନ ହୋଇଛି।

## ତୃତୀୟ ମହଲାରେ ହଟ୍‌ଲାଇନ୍ ଗୁଇନ୍ଦା



ତୃତୀୟ ମହଲାର ଖବର ଚଟାପଟ୍ କିଭଳି ନିବାସରେ ପହଞ୍ଚୁଛି ତାହାକୁ ନେଇ ଏବେ ସଚିବାଳୟରେ ଆଲୋଚନା। ତେବେ ଖବରସବୁ ଭାୟା ମିଡିଆ ହୋଇ ଯାଉଥିବା ଅନେକ ସନ୍ଦେହ କରୁଛନ୍ତି। ସଚିବାଳୟ ବାହାରେ ଥିବା ଜଣେ ନିର୍ଦ୍ଦେଶକଙ୍କ ଉପରେ ଅଟକିଛି ସନ୍ଦେହ। ବିଜେଡି ସରକାରରେ ଗେହ୍ଲାପୁଅ ଥିବା ଏହି ନିର୍ଦ୍ଦେଶକ ତୃତୀୟ ମହଲାରେ ନିଜର ଜଣେ ଅତି ବିଶ୍ୱସ୍ତ ଯୁବକଙ୍କୁ ନିୟୋଜିତ କରିଛନ୍ତି। ସେହି ବାବୁ ଜଣଙ୍କ ସକାଳୁ ସଞ୍ଜ ପର୍ଯ୍ୟନ୍ତ ସବୁ ଟିକିନିଖି ଖବର ନିର୍ଦ୍ଦେଶକଙ୍କୁ ଦେଉଛନ୍ତି। ଏଥିରେ କାହାର କିଛି ସନ୍ଦେହ କରିବାର ନାହିଁ। ନିର୍ଦ୍ଦେଶକ ଏବେ ବି ତାଙ୍କର ପୂର୍ବ ମାଲିକଙ୍କୁ ଭୁଲିପାରୁ ନଥିବାରୁ ସବୁକଥା ଚଟାପଟ ପାଶ୍ କରିଦେଉଛନ୍ତି। ତୃତୀୟ ମହଲାରୁ ହଟ୍‌ଲାଇନ୍ ବ୍ୟବସ୍ଥାର ମୂଳ ଖୋଜି ଖୋଜି କିଛି ବ୍ୟକ୍ତି ନିର୍ଦ୍ଦେଶକଙ୍କ ନିକଟରେ ପହଞ୍ଚିଥିବାବେଳେ ପୁଲିସ୍ ବାବୁଙ୍କ କାନରେ କଥାଟି ପଡିବା ପରେ ସେମାନେ ଏବେ ଏହାର ଛାନ୍‌ଭିନ୍ କରୁଥିବା ନେଇ ଆଲୋଚନା ଚାଲିଛି। ହେଲେ ନିର୍ଦ୍ଦେଶକଙ୍କ ଦ୍ୱାରା ନିୟୋଜିତ ଯୁବକ ଜଣଙ୍କ ବେନାମୀ ସିମ୍‌ରୁ ଖବର ଛାଡିବା ସହିତ ସଂଧ୍ୟାରେ ସଶରୀରେ ଉପସ୍ଥିତ ହୋଇ ଖବର ଦେଉଥିବାରୁ ଗୁଇନ୍ଦା ସୂଚନା ଆଦାନ ପ୍ରଦାନ ପ୍ରମାଣ କରିବା ଏବେ ପୁଲିସ୍ ପାଇଁ କାଠିକରପାଠ ହୋଇଛି।

## ଚୋରି କଥା କହିବାକୁ ଲାଜ



ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ତାଙ୍କ ଘର ଆଖପାଖରେ ହୋଇଥିବା ଆଉ କିଛି ଚୋରି ସଂକ୍ରାନ୍ତରେ ଘର ମାଲିକ ଲାଜରେ କାହାରିକୁ କିଛି କହୁନାହାନ୍ତି। ଚୋରମାନେ ନିରଞ୍ଜନଙ୍କ ଘର ଷ୍ଟାଇଲରେ ତାଙ୍କ ଘରେ ବି କଳାକନା ବୁଲାଇଛନ୍ତି। ଲାଜରେ ନିରବ ଥିବା ଦୁଇଜଣ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଜଣେ ପୂର୍ବତନ ପ୍ରଶାସନିକ ଅଧିକାରୀ ଥିବାବେଳେ ଆଉ ଜଣେ ପୂର୍ବତନ ପୁଲିସ୍ ମୁଖ୍ୟ ରହିଛନ୍ତି। ଅବଶ୍ୟ ସେମାନଙ୍କ ମଧ୍ୟରୁ ଜଣେ ପୁଲିସ୍ ନିକଟରେ ଅଭିଯୋଗ କରିବା ସ୍ଥିତିରେ ନାହାନ୍ତି। କାରଣ ତାଙ୍କ ଘରୁ ଚୋର କେତେବେଳେ କଳା ବୁଲାଇଛି ତାହାର ଠୋସ୍ ତାରିଖ ଜାଣିପାରୁନାହାନ୍ତି। ଜିନିଷ ଖୋଜି ନପାଇବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ହେଲେ ଅନ୍ୟ ବାବୁ ଜଣଙ୍କ ଚୋରି ହୋଇଥିବା ଚଟାପଟ୍ ଜାଣିଥିଲେ ବି ପୁଲିସ୍‌କୁ ଖବର ଦେଇ ଆଉ ଅଡୁଆରେ ପକାଇବାକୁ ଚାହୁଁନାହାନ୍ତି। କାରଣ ନିରଞ୍ଜନଙ୍କ ଘରେ କଳାକନା ବୁଲାଇଥିବା ଚୋରକୁ ଧରିବାକୁ କମିଶନରେ ପୁଲିସ୍ ନାକେଦମ ହେଲାଣି। ଓଡିଶାଠୁ ଆନ୍ଧ୍ର ପର୍ଯ୍ୟନ୍ତ ଖେଦିବାରେ ଲାଗିଲେ ବି ଚୋରକୁ ଧରିପାରୁ ନାହାନ୍ତି। ତେଣୁ ନିଜ ବିରାଦିରୀର ବାବୁମାନଙ୍କୁ ଆଉ କଷ୍ଟ ଦେବାପାଇଁ ଗୃହକର୍ତ୍ତା ଚାହୁଁନାହାନ୍ତି। ଚୋରି କଥା ନେଇ ଗଣମାଧମରେ ପ୍ରଚାର କରିବାକୁ ନଚାହିଁ ଚୁପ୍ ରହିଛନ୍ତି। ଅବଶ୍ୟ ଏହି ଦୁଇଜଣଙ୍କ ଘରୁ ମାଲ ନେଇଥିବା ଚୋର ନିଜକୁ ଭାଗ୍ୟବାନ ମନେ କରୁଥିବ ନିଶ୍ଚୟ।

### ହିତାଧିକାରୀଙ୍କ ପାଇଁ ଆଉ ନରମ ହେବେନି ସରକାର

# ୧୫ ପରେ ରେସନ୍ କାର୍ଡ ଇ-କେୱାଇସି ବନ୍ଦ



ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ): ରେସନ୍ କାର୍ଡ ହିତାଧିକାରୀମାନଙ୍କୁ ସେମାନଙ୍କ ଇ-କେୱାଇସି ପୂରଣ କରିବା ସକାଶେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସମୟ ଦେଉଛନ୍ତି। ଇତିମଧ୍ୟରେ ଏହି ସମୟରେ ଦୁଇ ଥର କୋହଳ ମନୋଭାବ ପୋଷଣ କରିଥିଲେ ହେଁ ଏଣିକି ରାଜ୍ୟ ସରକାର ଆଉ ଅବଧି ବଢ଼ାଇବା ମୁଡ଼ରେ ନାହାନ୍ତି। ଅର୍ଥାତ୍ ଆସନ୍ତା ୧୫ ତାରିଖ ସୁଦ୍ଧା ଯେଉଁ ହିତାଧିକାରୀମାନେ ଇ-କେୱାଇସି କରାଇନଥିବେ, ସେମାନଙ୍କ ରେସନ୍ କାର୍ଡକୁ ଅକାମୀ କରିଦିଆଯିବ। ଅର୍ଥାତ୍ ସେମାନେ ନିଜ ନିଜ କାର୍ଡ ସରେଣ୍ଡର୍ କରିବା ଧରିନିଆଯିବ ବୋଲି ଆଜି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଶ୍ରୀ ପାତ୍ର ସୂଚନା ଦେବାକୁ ଯାଇ କହିଛନ୍ତି ଯେ ଅଦ୍ୟାବଧି ୩୭ ଲକ୍ଷ ୮୫ ହଜାର ୯୭୬ ଜଣ ହିତାଧିକାରୀ ନିଜର ଇ-କେୱାଇସି କରାଇନାହାନ୍ତି। ଏମାନଙ୍କ ପାଇଁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଶେଷ ସୁଯୋଗ ରହିଛି। ଏହାପରେ ଆଉ କୌଣସି ପ୍ରକାର ସୁଯୋଗ ମିଳିବ ନାହିଁ। ଏହାପରେ ଇ-କେୱାଇସି ହୋଇନଥିବା କାର୍ଡକୁ ସରେଣ୍ଡର ବୋଲି ଧରାଯିବ। ସେହିପରି ରାଜ୍ୟରେ ପାଖାପାଖି ୮ ଲକ୍ଷ ଆୟକରଦାତା ରେସନ୍ କାର୍ଡ ହାସଲ କରିଥିବା ବେଳେ ସେମାନେ ଗତ ବିଜେଡି ସରକାର ଅମଳରେ ଏପରି ଅନିୟମିତତା କରିଛନ୍ତି। ଆଗାମୀ ୧୫ ତାରିଖ ପରେ ସେମାନଙ୍କ କାର୍ଡ ବି ରଦ୍ଦ ହେବ। ୧୨ ହଜାର ଚାକିରିଆ ଓ ବଡ଼ବଡ଼ିଆ ଇତିମଧ୍ୟରେ ସେମାନଙ୍କ ତ୍ରୁଟି ସୁଧାରିବାକୁ ଯାଇ କାର୍ଡ ଫେରାଇସାରିଛନ୍ତି। ସେହିପରି ଅବଶିଷ୍ଟ ଅଯୋଗ୍ୟ ହିତାଧିକାରୀ ଆସନ୍ତା ୭ ଦିନ ଭିତରେ ସେମାନଙ୍କ ରେସନ୍ କାର୍ଡ ସରେଣ୍ଡର୍ କରିବାକୁ ଯୋଗାଣ ମନ୍ତ୍ରୀ ନିବେଦନ କରିବା ସହ କାର୍ଡ ନ ଫେରାଇଲେ ସେମାନଙ୍କ ବିରୋଧରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ଅଦ୍ୟାବଧି ୬ ଲକ୍ଷ ନୂଆ ହିତାଧିକାରୀ ଆବେଦନ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଧାନର କଟନୀ ଛଟନୀ ସଂକ୍ରାନ୍ତରେ ମନ୍ତ୍ରୀ କହିଛନ୍ତି ଯେ କଟନୀ ଛଟନୀ ଏକ ବଡ଼ ରୋଗ ଭାବେ ବିଗତ ସରକାର ଅମଳରୁ ବଢ଼ିଆସିଛି। ହେଲେ ବିଜେପି ସରକାର କଟନୀ ଛଟନୀକୁ ବହୁତ ପରିମାଣରେ ନିୟନ୍ତ୍ରଣ କରିଛନ୍ତି। ସରକାର ଏହି ବ୍ୟାଧିଠାରୁ ଦୂରେଇ ରହିବା ସକାଶେ ଅଫିଳ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଏହା ପୂରା ନିୟନ୍ତ୍ରଣକୁ ଆସିପାରିନାହିଁ। କିନ୍ତୁ ବହୁ ପରିମାଣରେ କଟନୀ ଛଟନୀ ବନ୍ଦ ହୋଇଛି ଓ ଅନେକ ଜିଲ୍ଲାରେ ବିନା କଟନୀ ଛଟନୀରେ ଧାନ ବିକ୍ରି ହେଉଛି। ତଥାପି ଯେଉଁଠି ଏହି ସମସ୍ୟା ଏବେ ବି ରହିଛି, ସେଠାରେ ନିଶ୍ଚିତ ଭାବେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## କଲବଲ କରୁଛି ଖରା
### ୩ ଦିନରେ ପୁଣି ବଢ଼ିବ ପାରଦ

ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ): ମାଘ ମାସ ଶେଷ ହୋଇଥିବା ବେଳେ ଏବେ ରାତିରେ ସାମାନ୍ୟ ଥଣ୍ଡା ଅନୁଭୂତ ହେଉଛନ୍ତି। କିନ୍ତୁ ଦିନବେଳା ଭୀଷଣ ଗରମରେ ରାଜ୍ୟବାସୀ ହନ୍ତସନ୍ତ ହେଉଛନ୍ତି। ଏବେଠାରୁ ପାରଦ ଉପରମୁହାଁ ହେଉଥିବା ବେଳେ ୩ ଦିନରେ ଏହା ଆହୁରି ଯନ୍ତ୍ରଣାଦାୟକ ହେବ। କାରଣ ୩ ଦିନ ଭିତରେ ପୁଣି ତାତି ବଢ଼ିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ପାରଦ ୨ରୁ ୪ ଡିଗ୍ରୀ ବଢ଼ିପାରେ ପୂର୍ବାନୁମାନ କରାଯାଇଥିବା ବେଳେ କେତେକ ଜିଲ୍ଲାକୁ ଘନ କୁହୁଡ଼ି ନେଇ ୟେଲୋ ୱାର୍ଣ୍ଣିଂ ମଧ୍ୟ ଜାରି କରାଯାଇଥିବା ଜଣାପଡ଼ିଛି। ପାଣିପାଗରେ ପରିବର୍ତ୍ତନ ନେଇ ପାଣିପାଗ ବୈଜ୍ଞାନିକ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି ଯେ ତିନି ଦିନରେ ପୁଣି ତାତି ବଢ଼ିବାର ସମ୍ଭାବନା ରହିଛି। ଗତ ଦୁଇ ଦିନ ହେବ ରାଜ୍ୟରେ ଗରମ ଅନୁଭୂତ ହେଉଥିବାବେଳେ ଟାଣ ଖରାରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । କିନ୍ତୁ ଆଗାମୀ ୨ରୁ ୩ ଦିନ ମଧ୍ୟରେ ୨ରୁ ୪ ଡିଗ୍ରୀ ତାପମାତ୍ରା ବଢ଼ିବାର ସମ୍ଭାବନା ପ୍ରକଟ କରାଯାଇଥିବାରୁ ପୁଣି ଟାଇଁ ଟାଇଁ ଖରାରେ ଲୋକଙ୍କୁ ସିଝିବାକୁ ପଡ଼ିବ। ବର୍ତ୍ତମାନ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବାବେଳେ ଆଗାମୀ ୭ ଦିନ ଯାଏଁ ପାଗ ଶୁଖିଲା ରହିବ ବୋଲି ଶ୍ରୀ ଦ୍ୱିବେଦୀ କହିଛନ୍ତି।

## ପିପଲପଙ୍କା ଜଳଭଣ୍ଡାର ପ୍ରକଳ୍ପ ପ୍ରତ୍ୟାହାର ଦାବି



ବ୍ରହ୍ମପୁର ,୯।୨(ସଂଚାର ବ୍ୟୁରୋ): ଋଷିକୁଲ୍ୟା ନଦୀର ପିପଲପଙ୍କା ଡ୍ୟାମ୍ ନିର୍ମାଣ ପ୍ରସ୍ତାବକୁ ବିରୋଧ । ଗତ କିଛି ମାସ ଧରି ଋଷିକୁଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ପ୍ରସ୍ତାବକୁ ବିରୋଧ କରାଯାଉଛି। ଏନେଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବା ସହିତ ଧାରଣା ଦିଆଯାଇଛି। ଏପରିକି ପିପଲପଙ୍କାରେ ଡ୍ୟାମ୍ ନିର୍ମାଣ କଲେ ଋଷିକୂଲ୍ୟା ନଦୀକୁ ମାରିଦେବ ବୋଲି ଦାବି କରିଛନ୍ତି ଆନ୍ଦୋଳନକାରୀ । ଏହାସହ ଆଗାମୀ ଦିନରେ ଋଷିକୂଲ୍ୟା ନଦୀର ସୁରକ୍ଷା ପାଇଁ ତଥା ଜିଲ୍ଲାର କୃଷି, କୃଷକ ଓ ସାଧାରଣ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ରଖି ପିପଲପଙ୍କାରେ ପ୍ରସ୍ତାବିତ ଡ୍ୟାମ୍ ନିର୍ମାଣ ବାତିଲ କରିବା ଦାବି ନେଇ ପିପଲପଙ୍କା ଠାରୁ ଗଞ୍ଜାମ ମୁହାଣ ପର୍ଯ୍ୟନ୍ତ ଏକ ପଦଯାତ୍ରାର ଆୟୋଜନ କରାଯିବ କହିଛନ୍ତି ଆନ୍ଦୋଳନକାରୀ। ଗଞ୍ଜାମ ଜିଲ୍ଲା ବାସିନ୍ଦା ଜଳସେଚନ ଠାରୁ ଆରମ୍ଭ କରି ପାନୀୟ ଜଳ ପାଇଁ ମୁଖ୍ୟତଃ ଋଷିକୂଲ୍ୟା ନଦୀ ଉପରେ ନିର୍ଭର କରନ୍ତି । ସେପଟେ ସରକାରୀ ଅର୍ଥରେ ପିପଲପଙ୍କା ଠାରେ ଡ୍ୟାମ୍ ନିର୍ମାଣ କରାଯିବା ପାଇଁ ଯୋଜନା କରାଯାଇଛି । ଋଷିକୂଲ୍ୟା ନଦୀର ପାଣିକୁ ଉପର ମୁଣ୍ଡରୁ ଦୀର୍ଘ ୧୦୦ କି.ମି ଲମ୍ବା ପାଇପଲାଇନ ଯୋଗେ ନେଇ ଗୋପାଳପୁର ଓ ଛତ୍ରପୁର ଅଞ୍ଚଳରେ ରହିଥିବା କମ୍ପାନୀଙ୍କୁ ଯୋଗାଇ ଦେବାକୁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ଏହାକୁ ବିରୋଦ୍ଧ କରିଛି ଋଷିକୁଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ।

## ସୁଧ ଟଙ୍କା ପାଇଁ ନାବାଳକକୁ ଅପହରଣ ଅଭିଯୋଗ



କାକଟପୁର,୯।୨(ସଂଚାର ବ୍ୟୁରୋ): ଥାନା ସମ୍ମୁଖରେ କାନ୍ଦି କାନ୍ଦି ଗୁହାରୀ କରୁଛନ୍ତି ବାପା-ମା'। ଆମ ପୁଅକୁ ଫେରାଇ ଆଣ ବୋଲି ସେମାନେ କାକୁତିମିନତି ହେଉଛନ୍ତି।ଉଧାର ଆଣିଥିବା ଟଙ୍କା ନ ଫେରାଇବାରୁ ସେମାନଙ୍କର ୯ ବର୍ଷର ନାବାଳକ ପୁଅକୁ ସୁଧରେ ଟଙ୍କା ଲଗାଉଥିବା ଜନୈକା ମହିଳା ଅପହରଣ କରି ରଖିଥିବା ସେମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ପୁଅକୁ ଉଦ୍ଧାର କରିବା ଦିଗରେ ପୁଲିସ୍‌ର ସହଯୋଗ ପାଇଁ ବାପା-ମା' ଥାନାର ଦ୍ୱାରସ୍ଥ ହୋଇଛନ୍ତି। କାକଟପୁର ଥାନା ଅନ୍ତର୍ଗତ ଲତାହରଣ ଗ୍ରାମ ହାଟସାହିର ଅଶୋକ କୁମାର ନାୟକ ଓ ତାଙ୍କ ପତ୍ନୀ ଅରୁଣା କୁମାରୀ ନାୟକ ୯ ବର୍ଷର ପୁଅକୁ ଧରି ଶାରୀରିକ ଅସୁସ୍ଥତା ଯୋଗୁଁ କିଛିଦିନ ହେବ ଶ୍ୱଶୁର ଘର ନିଆଳି ନିକଟ ମଝିଖଣ୍ଡ ଗ୍ରାମରେ ରହିଆସୁଥିଲେ। କିନ୍ତୁ କିଛି ଦିନ ତଳେ ଅଶୋକ ହାଟସାହିର ବିଷ୍ଣୁପ୍ରିୟା ଗୋଛାୟତ ନାମ୍ନୀ ମହିଳାଙ୍କଠାରୁ ୩୦ ହଜାର ଟଙ୍କା ଧାର ଆଣିଥିଲେ। ବିଭିନ୍ନ କାରଣରୁ ସେ ଉକ୍ତ ଟଙ୍କା ଧାର୍ଯ୍ୟ ସମୟରେ ଫେରାଇ ପାରିନଥିଲେ। ଅଶୋକ ଭୁବନେଶ୍ୱରରେ କାମଧନ୍ଦା କରି ସ୍ତ୍ରୀଙ୍କର ଚିକିତ୍ସା କରାଉଛନ୍ତି। ତାଙ୍କର ୯ ବର୍ଷର ପୁଅ କିଛି ବହିପତ୍ର ଓ ପୋଷାକ ନେବା ପାଇଁ ହାଟସାହିକୁ ଯାଇଥିବା ସମୟରେ ବିଷ୍ଣୁପ୍ରିୟା ତାଙ୍କ ହାତକୁ ଟାଣି ଟାଣି ଘରେ ବନ୍ଦ କରି ରଖିଦେଇଥିଲେ। ଏଥିସହ ସେ ଅଶୋକଙ୍କୁ ତୁରନ୍ତ ଟଙ୍କା ଫେରସ୍ତ ନ ଦେଲେ ପୁଅକୁ ମାରିଦେବାକୁ ଧମକ ଦେଇଥିବା ଅଶୋକ ଅଭିଯୋଗ କରିଛନ୍ତି।

## ଷ୍ଟୁଡିଓ ମାଲିକଙ୍କୁ ହତ୍ୟା, ଅଞ୍ଚଳରେ ଚାଞ୍ଚଲ୍ୟ




ଯାଜପୁର,୯।୨(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ିପଡ଼ିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ କିଛି ଦିନ ତଳେ ଦିନଦ୍ୱିପହର ସମୟରେ କେତେକ ବନ୍ଧୁକଧାରୀ ସୁନାଗହଣା ଦୋକାନରୁ ଲୁଟ କରିଥିବା ବେଳେ ଆଜି ଜିଲ୍ଲାରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ଯାଜପୁର ରୋଡ ସୋବରାସ୍ଥିତ ଏକ ଷ୍ଟୁଡିଓର ମାଲିକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଫଳରେ ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ଖେଳିଯାଇଛି। କ୍ରମାଗତ ଭାବେ ଅପରାଧ ବଢୁଥିବାରୁ ଏହା ଜିଲ୍ଲା ପୁଲିସ୍‌ର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମିଳିଥିବା ସୂଚନାନୁସାରେ, ସୋବରାରେ ଥିବା ଓମ ଡିଜିଟାଲ ଫିଲ୍ମ ଷ୍ଟୁଡିଓର ମାଲିକ ଦୀପକ ସାହୁ ତାଙ୍କ ଘର ପାଖରେ ଷ୍ଟୁଡିଓ ଚଳାଇଥିଲେ। ସେ ସବୁଦିନ ପରି ଗତକାଲି ରାତିରେ ଘରୁ ଖାଇପିଇ ସାରି ଦୋକାନକୁ ରାତି ପ୍ରାୟ ୧୧ଟା ସମୟରେ ଶୋଇବାକୁ ଆସିଥିଲେ। ପରିବାର ଲୋକଙ୍କ କହିବା ମୁତାବକ, ରାତିରେ ଦୀପକଙ୍କ ମୋବାଇଲ ସୁଇଚ ଅଫ୍ ଥିଲା। ସକାଳେ ମା' ପୁଅ ପାଖକୁ ଚା' ନେଇ ଷ୍ଟୁଡିଓରେ ପହଞ୍ଚିବା ପରେ ସେଠାରେ ଯାହା ଦେଖିଲେ, ସେଥିରେ ତାଙ୍କ ଦେହହାତ ଥରିବାକୁ ଲାଗିଲା। କାରଣ ସାମ୍ନାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୁଅ ଦୀପକଙ୍କ ମୃତଦେହ ପଡ଼ିଥିଲା। ଏହାଛଡ଼ା ଷ୍ଟୁଡିଓ ଭିତରେ ଥିବା କମ୍ପ୍ୟୁଟର, କ୍ୟାମେରା ଆଦି ନାନାଦି ସରଞ୍ଜାମ ମଧ୍ୟ ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ସାଇଣ୍ଟିଫିକ ଟିମ୍ ଓ ପୁଲିସ କୁକୁର ସହାୟତାରେ ସ୍ଥାନୀୟ ପୁଲିସ୍ ଘଟଣାର ତଦନ୍ତ ଜାରି ରଖିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ପୁଲିସ୍ କିଛି ବି ସୂଚନା ପାଇପାରିନାହିଁ। କିନ୍ତୁ ଏହି ହତ୍ୟାକାଣ୍ଡ ଘଟଣା ସ୍ଥାନୀୟ ଆଲୋଡ଼ନ ସୃଷ୍ଟି କରିଛି।

# ଛୁଟି ଦିନରେ ବ୍ୟାଙ୍କରେ ଭୟାବହ ଅଗ୍ନିକାଣ୍ଡ




ଜଗତସିଂହପୁର,୯।୨ (ସଂଚାର ବ୍ୟୁରୋ): ଜଗତସିଂହପୁର ଟାଉନର ଦୁର୍ଗା ବଜାର ନିକଟରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଅଗ୍ନିକାଣ୍ଡ ଘଟିଛି। ତିନୋଟି ଦମକଳ ଗାଡି ନିଆଁକୁ ଆୟତ୍ତ କରିଥିବା ବେଳେ ଅଗ୍ନିକାଣ୍ଡରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ରବିବାର ସକାଳୁ ସକାଳୁ କିଛି ସ୍ଥାନୀୟ ଲୋକେ ଯିବା ସମୟରେ ଦୁର୍ଗା ବଜାର ନିକଟରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ମଧ୍ୟରୁ କଳା ଧୂଆଁ ବାହାରୁ ଥିବା ଦେଖିବାକୁ ପାଇଥିଲେ । ସେ ସମୟରେ ବ୍ୟାଙ୍କ ବନ୍ଦ ଥିବାରୁ ସ୍ଥାନୀୟ ଲୋକେ ଦମକଳ ବିଭାଗକୁ ଖବର ଦେଇଥିଲେ । ଦମକଳ ବିଭାଗର ଏକ ଟିମ ଘଟଣାସ୍ଥଳକୁ ଆସିବା ପରେ ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚିବା ପରେ ଦମକଳ ବିଭାଗର କର୍ମଚାରୀମାନେ ବ୍ୟାଙ୍କର ସଟରକୁ କାଟି ବ୍ୟାଙ୍କ ମଧ୍ୟକୁ ପ୍ରବେଶ କରିଥିଲେ ।ବ୍ୟାଙ୍କଟି ସମ୍ପୂର୍ଣ୍ଣ ଧୂଆଁରେ ଭରି ରହିଥିବା ବେଳେ କିଛି ଆସବାବପତ୍ରରେ ଜଳିଯାଇଛି। ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ କରି ଦମକଳ ବିଭାଗର କର୍ମଚାରୀମାନେ ପ୍ରଥମେ ବିଦ୍ୟୁତ ବିଚ୍ଛିନ୍ନ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ ଲିଭା କାର୍ଯ୍ୟରେ ୩ଟି ଦମକଳ ଗାଡି ନିୟୋଜିତ ହୋଇଥିଲେ।

ଜଗତସିଂହପୁର ଦମକଳ ବିଭାଗର ଭାରପ୍ରାପ୍ତ ଅଧିକାରୀ କାର୍ତ୍ତିକ ବିଶ୍ୱାଳ କହିଛନ୍ତି,"ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ନିଆଁ ଲାଗିଥିବା ନେଇ ୧୧୨ କଣ୍ଟ୍ରୋଲ ରୁମରୁ ଖବର ପାଇବା ପରେ ତୁରନ୍ତ ଘଟଣାସ୍ଥଳରୁ ପହଞ୍ଚିଥିଲୁ। ବ୍ୟାଙ୍କରେ କେହି କର୍ମଚାରୀ ନଥିବା ବେଳେ ପ୍ରବଳ ଧୂଆଁ ବାହାରୁଥିଲା । ତିନୋଟି ଦମକଳ ଗାଡି ନିଆଁ ଲିଭା କାର୍ଯ୍ୟରେ ଲାଗିଛନ୍ତି । କଣ ପାଇଁ ନିଆଁ ଲାଗିଛି ତାହା ଜଣାପଡିନି । ତେବେ ସର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି । ସ୍ଥାନୀୟ ବାସିନ୍ଦା ଚୈତନ୍ୟ ନାୟକ କହିଛନ୍ତି,"ବ୍ୟାଙ୍କରୁ ନିଆଁ ଧୂଆଁ ବାହାରୁଥିବା ଦେଖିବାକୁ ପାଇଲୁ । ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଦମକଳ ଗାଡି ଏବେ ନିଆଁ ଲିଭାଉଛନ୍ତି ।

## ମିନିଟ୍ରକ୍‌ରୁ ୨୮୦ କିଗ୍ରା ଗଞ୍ଜେଇ ଜବତ




ଦାରିଙ୍ଗବାଡ଼ି,୯।୨(ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ପୁଲିସ ଆଜି ଏକ ମିନିଟ୍ରକ୍‌ରୁ ୨୮୦ କିଲୋଗ୍ରାମ ଓଜନର ଗଞ୍ଜେଇ ଜବତ କରିଛି। ଏଥିସହ ଉକ୍ତ ମିନି ଟ୍ରକ୍‌କୁ ବି ମଧ୍ୟ ଜବତ କରାଯାଇଛି। ଗତକାଲି ରାତିରେ ପୁଲିସ ଖବର ପାଇ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ଉଲିପଦର ଗାଁ ଶେଷ ମୁଣ୍ଡରେ ଚଢ଼ାଉ କରିଥିଲା। ତେବେ ସେଠାରେ ପୁଲିସ୍ ଏକ ମିନି ଟ୍ରକ୍‌କୁ ଜବତ କରିଥିଲେ ମଧ୍ୟ ସେଥିରେ ଥିବା ଚାଲାଣକାରୀମାନେ ଚମ୍ପଟ୍ ମାରିବାରେ ସକ୍ଷମ ହୋଇଥିଲେ। କିନ୍ତୁ ଉକ୍ତ ମିନିଟ୍ରକ୍‌ରୁ ୮ ବସ୍ତା ଗଞ୍ଜେଇକୁ ପୁଲିସ୍ ଜବତ କରିଛି। ଦାରିଙ୍ଗବାଡ଼ି ତହସିଲଦାର ଶରତ ସବରଙ୍କ ଉପସ୍ଥିତିରେ ବ୍ରାହ୍ମଣୀଗାଁ ଥାନା ପରିସରରେ ଜବତ ଗଞ୍ଜେଇ ଓଜନ କରାଯିବା ପରେ ଏହା ୨୮୦କିଲୋଗ୍ରାମ ଥିବା ଜଣାପଡ଼ିଛି। ଏନେଇ ବ୍ରାହ୍ମଣୀଗାଁ ଥାନାରେ ଏନଡିପିଏସ ଆକ୍ଟ ୧୬/୨୫ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଚମ୍ପଟ ମାରିଥିବା ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଧରିବା ସକାଶେ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବା ଆଇଆଇସି ବିଜୟ କୁମାର ହାଇବୁରୁ କହିଛନ୍ତି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବାପପୁଅ ମୃତ



ବଲାଙ୍ଗୀର,୯।୨(ସଂଚାର ବ୍ୟୁରୋ): ବିଦ୍ୟୁତ ତାର ଲାଗି ଦୁଇ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅଧିକନ୍ତୁ ଏମାନେ ସମ୍ପର୍କରେ ବାପପୁଅ ହୋଇଥିବାରୁ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ସୁଦୂର ତାମିଲନାଡୁର ଏକ ପୋଲଟ୍ରି ଫାର୍ମରେ ଟିଟିଲାଗଡ଼ ଥାନା ଅନ୍ତର୍ଗତ ଡଙ୍ଗରପଡା ଗାଁର ଅଭିରାମ କଟା ଓ ପୁଅ ଉତ୍ତମ କାମ କରୁଥିବା ସମୟରେ ଏପରି ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ବାପପୁଅ ଦୁହେଁ କାମ ଅନ୍ୱେଷଣରେ ତାମିଲନାଡୁ ଯାଇଥିଲେ। ସେଠାରେ ଏକ ପୋଲଟ୍ରି ଫାର୍ମରେ ଦାଦନ ଭାବେ କାମ କରୁଥିଲେ। ତେବେ ଫାର୍ମ ନିକଟରେ ଏକ ବିଦ୍ୟୁତ ତାର ଯାଇଥିବା ବେଳେ ଅଚାନକ ଉଭୟ ଏହା ସଂସ୍ପର୍ଶରେ ଆସିଯିବାରୁ ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ଘଟିଥିଲା। ତେବେ ଉଭୟ ଶ୍ରମିକଙ୍କ ମୃତଦେହ ଗାଁରେ ପହଞ୍ଚାଇବା ଦିଗରେ ସ୍ଥାନୀୟ ପ୍ରଶାସନ ସହଯୋଗ କରିବା ସକାଶେ ପରିବାର ଲୋକେ ଦାବି କରିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






# ବଢ଼ିଲା ସୁନା ରେଟ୍

ହୁ ହୁ ହୋଇ ବଢୁଛି ସୁନା ରେଟ । ବିବାହ ଋତୁ ଚାଲିଥିବା ବେଳେ ସୁନା ଦରରେ ଅହେତୁକ ବୃଦ୍ଧି ଗ୍ରାହକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କେନ୍ଦ୍ର ସରକାର ବଜେଟ୍ ଘୋଷଣା କରିବା ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡା, ମେକ୍ସିକୋ ଓ ଚୀନ୍ ଉପରେ ଶୁଳ୍କ ଲଗାଇବା ପରଠାରୁ ସୁନା ଦରରେ ନିଆଁ ଲାଗିଛି । ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ରେକର୍ଡ ୮୬ହଜାର ୬୭୦ ଟଙ୍କା ହୋଇଛି । ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୭୯ ହଜାର ୪୫୦ଟଙ୍କା ଛୁଇଁଛି । ଇଣ୍ଟରନ୍ୟାସନାଲ ମାର୍କେଟରେ ଦରବୃଦ୍ଧି ଓଡ଼ିଶା ମାର୍କେଟରେ ପ୍ରଭାବ ପଡିଛି । ଏଭଳି ଦରବୃଦ୍ଧି ହେଲେ ଖୁବଶୀଘ୍ର ସୁନା ଦର ୧ଲକ୍ଷ ଛୁଇଁବ ବୋଲି ଆଶଙ୍କା କରୁଛନ୍ତି ବ୍ୟବସାୟୀ ।

ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୯, ୪୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୬ ,୬୭୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୯,୪୫୦ ଟଙ୍କା ଓ ୮୬,୬୭୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯, ୬୦୦ ଟଙ୍କା ଓ ୮୬, ୮୨୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୯,୪୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୬, ୬୭୦ ଟଙ୍କା ଥିବା ରେକର୍ଡ ହୋଇଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୯,୪୫୦ ଟଙ୍କା ଓ ୮୬,୬୭୦ ଟଙ୍କା ରହିଛି । ସେହିପରି ରୁପା ୯୬, ୫୦୦ ଟଙ୍କାରେ ପହଞ୍ଚିଛି ।

# ସେନ୍ସେକ୍ସର ସର୍ବଶ୍ରେଷ୍ଠ ୧୦ଟି ମୂଲ୍ୟବାନ କମ୍ପାନୀ

**ନୂଆଦିଲ୍ଲୀ,୯।୨:** ଗତ ସପ୍ତାହରେ ସେନସେକ୍ସର ଶୀର୍ଷ ୧୦ଟି କମ୍ପାନୀ ମଧ୍ୟରୁ ୬ଟିର ବଜାର ପୁଞ୍ଜି ମୋଟ ୧,୧୮,୧୫୧.୭୫ କୋଟି ଟଙ୍କା ବୃଦ୍ଧି ପାଇଛି। ଏଥିମଧ୍ୟରୁ HDFC ବ୍ୟାଙ୍କ ଏବଂ ଭାରତୀ ଏୟାରଟେଲ ସବୁଠାରୁ ଅଧିକ ଲାଭବାନ ହୋଇଥିଲେ। ଗତ ସପ୍ତାହରେ, ସିଏସ୍‌ଇ ବେଞ୍ଚମାର୍କ ୩୫୪.୨୩ ପଏଣ୍ଟ କିମ୍ବା ୦.୪୫ ପ୍ରତିଶତ ବୃଦ୍ଧି ପାଇଥିଲା, ଯେତେବେଳେ ନିଫ୍ଟି ୭୭.୮ ପଏଣ୍ଟ କିମ୍ବା ୦.୩୩ ପ୍ରତିଶତ ବୃଦ୍ଧି ପାଇଥିଲା।

ଏହି ଦଶଟି କମ୍ପାନୀ ମଧ୍ୟରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଭାରତୀ ଏୟାରଟେଲ୍, ଆଇସିଆଇସିଆଇ ବ୍ୟାଙ୍କ, ଇନଫୋସିସ୍ ଏବଂ ବଜାଜ୍ ଫାଇନାନ୍ସ ବୃଦ୍ଧି ପାଇଥିଲା, ଯେତେବେଳେ ଟାଟା କନସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍), ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ହିନ୍ଦୁସ୍ତାନ ୟୁନିଲିଭର ଏବଂ



ଆଇଟିସିର ବଜାର ପୁଞ୍ଜି ହ୍ରାସ ପାଇଥିଲା। ଏହି ଚାରିଟି କମ୍ପାନୀ ମୋଟ ୧.୧୫ ଲକ୍ଷ କୋଟି ଟଙ୍କାର କ୍ଷତି ସହିଥିଲେ।

ଗତ ସପ୍ତାହରେ, ଏଚ୍‌ଡିଏଫ୍‌ସିର ବଜାର ପୁଞ୍ଜି ୩୨,୬୩୯.୯୮ କୋଟି ଟଙ୍କା ବୃଦ୍ଧି ପାଇ ୧୩,୨୫,୦୯୦.୫୮ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ସେତେବେଳେ ଭାରତୀ ଏୟାରଟେଲ୍ ଏହାର ବଜାର ପୁଞ୍ଜିରେ ୩୧,୦୦୩.୪୪ ଟଙ୍କା ଯୋଡ଼ି ଏହାର ମୂଲ୍ୟାଙ୍କନ ୯,୫୬,୨୦୫.୩୪ କୋଟି ଟଙ୍କାକୁ ନେଇଛି। ସେହିପରି ବଜାଜ ଫାଇନାନ୍ସର ବଜାର ପୁଞ୍ଜି ୨୯,୦୩୨.୦୮ କୋଟି ଟଙ୍କା ବୃଦ୍ଧି ପାଇ ୫,୨୪,୩୧୨.୮୨ କୋଟି ଟଙ୍କା ଏବଂ ଇନଫୋସିସର ବଜାର ପୁଞ୍ଜି ୨୧,୧୧୪.୩୨ କୋଟି ଟଙ୍କା ବୃଦ୍ଧି ପାଇ ୭,୯୦,୦୭୪.୦୮ କୋଟି ଟଙ୍କା ହୋଇଛି।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ବଜାର ପୁଞ୍ଜି ୨,୯୭୭.୧୨ କୋଟି ଟଙ୍କା ବୃଦ୍ଧି ପାଇ ୧୭,୧୪,୩୪୮.୬୬ କୋଟି ଟଙ୍କା ଏବଂ ଆଇସିଆଇସିଆଇ ବ୍ୟାଙ୍କର ବଜାର ପୁଞ୍ଜି ୧,୩୮୪.୮୧ କୋଟି ଟଙ୍କା ବୃଦ୍ଧି ପାଇ ୮,୮୭,୬୩୨.୫୬ କୋଟି ଟଙ୍କା ହୋଇଛି। ବିପରୀତରେ, ଆଇଟିସିର ମୂଲ୍ୟାଙ୍କନ ୩୯,୪୭୪.୪୫ କୋଟି ଟଙ୍କା ହ୍ରାସ ପାଇ ୫,୩୯,୧୨୯.୬୦ କୋଟି ଟଙ୍କା ହୋଇଛି। ହିନ୍ଦୁସ୍ତାନ ୟୁନିଲିଭରର ବଜାର ପୁଞ୍ଜି ମଧ୍ୟ ୩୩,୭୦୪.୮୯ କୋଟି ଟଙ୍କା ହ୍ରାସ ପାଇ ୫,୫୫,୩୬୧.୧୪ କୋଟି ଟଙ୍କା ହୋଇଛି।

# ଦିଲ୍ଲୀକୁ ମିଳେ ସର୍ବାଧିକ ବିଧାୟକ ପାଣ୍ଠି

**ନୂଆଦିଲ୍ଲୀ,୯।୨:** ଦିଲ୍ଲୀରେ ବିଧାନସଭା ନିର୍ବାଚନର ଫଳାଫଳ ସ୍ପଷ୍ଟ ହୋଇଛି। ଦୀର୍ଘ ୨୭ବର୍ଷର ବନବାସ ପରେ ଭାଜପା ଦିଲ୍ଲୀକୁ ଫେରିଛି। ଆପଣ ଜାଣିଲେ ତାଜୁବ ହେବେ ଯେ ଦିଲ୍ଲୀରେ ସର୍ବାଧିକ ପରିମାଣର ବିଧାୟକ ପାଣ୍ଠି ମିଳିଥାଏ। ଅକ୍ଟୋବରରେ, ଆମ ଆଦମୀ ପାର୍ଟି ଦିଲ୍ଲୀ ବିଧାୟକ ସ୍ଥାନୀୟ କ୍ଷେତ୍ର ବିକାଶ ପାଣ୍ଠିକୁ ୧୦ କୋଟି ଟଙ୍କାରୁ ୧୫ କୋଟି ଟଙ୍କାକୁ ବୃଦ୍ଧି କରିଥିଲା। ଏହା ସମଗ୍ର ଦେଶରେ ପ୍ରାପ୍ତ ସର୍ବାଧିକ ବିଧାୟକ ପାଣ୍ଠି। ଏପରି ପରିସ୍ଥିତିରେ, ଦେଶର ଅନ୍ୟ ରାଜ୍ୟରେ କେତେ ବିଧାୟକ ପାଣ୍ଠି ମିଳିଥାଏ ଆସନ୍ତୁ ଜାଣିବା ଦେଶର ପ୍ରତ୍ୟେକ ଅଞ୍ଚଳରେ, ଲୋକମାନେ ଅଞ୍ଚଳର ବିକାଶ ପାଇଁ ବିଧାୟକଙ୍କୁ ନିର୍ବାଚିତ କରନ୍ତି। ବିଧାୟକ ଦାୟିତ୍ୱ ନେବା ପରେ, ରାଜ୍ୟ ସରକାର ଅଞ୍ଚଳର ବିକାଶ ପାଇଁ ବିଧାୟକଙ୍କୁ ଭିନ୍ନ ଭିନ୍ନ ପାଣ୍ଠି ଦିଅନ୍ତି। ଯେଉଁଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବିଧାୟକ ପାଣ୍ଠି, ଯାହା ସରକାରଙ୍କ ଦ୍ୱାରା ସମସ୍ତ ବିଧାୟକଙ୍କୁ ସମାନ ଭାବରେ ଦିଆଯାଏ।

ନିର୍ବାଚନ ଜିତିବା ଏବଂ ସରକାର ଗଠନ କରିବା ପରେ, ବିଧାନସଭାରେ ବଜେଟ ପାରିତ ହୁଏ। ଯାହା ପରେ ରାଜ୍ୟର ମୁଖ୍ୟମନ୍ତ୍ରୀ ତାଙ୍କ ବିଧାୟକମାନଙ୍କୁ ବିଧାୟକ ପାଣ୍ଠି ଦେବାକୁ ଘୋଷଣା କରନ୍ତି। ଦେଶର ସମସ୍ତ ରାଜ୍ୟରେ, ରାଜସ୍ୱ ପାଣ୍ଠି ଏବଂ ବିକାଶ କାର୍ଯ୍ୟକୁ ଦୃଷ୍ଟିରେ ରଖି, ମୁଖ୍ୟମନ୍ତ୍ରୀ ସମସ୍ତ ବିଧାୟକଙ୍କ ପାଇଁ ବିଧାୟକ ପାଣ୍ଠି ସ୍ଥିର କରନ୍ତି। ଅଧିକାଂଶ ରାଜ୍ୟରେ, ପ୍ରତ୍ୟେକ ବିଧାୟକଙ୍କ ପାଇଁ ବିଧାୟକ ପାଣ୍ଠି ୨ କୋଟି ଟଙ୍କାରୁ ଅଧିକ। ଯାହାକୁ ସେମାନେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବ୍ୟବହାର କରନ୍ତି। ପିଟିଆଇ ରିପୋର୍ଟ ଅନୁଯାୟୀ, ଗୁଜରାଟ ସରକାର ନିଜ ବିଧାୟକମାନଙ୍କୁ କେବଳ ୧.୫ କୋଟି ଟଙ୍କାର ବିଧାୟକ ପାଣ୍ଠି ଦେଇଥାଏ, ଯେତେବେଳେ କର୍ନାଟକ ଏବଂ ଆନ୍ଧ୍ର ପ୍ରଦେଶ ସରକାର ପ୍ରତ୍ୟେକ ୨ କୋଟି ଟଙ୍କା ଦେଇଥାନ୍ତି। ସେହିପରି, ଓଡ଼ିଶା, ତାମିଲନାଡୁ ଏବଂ ମଧ୍ୟପ୍ରଦେଶ ସେମାନଙ୍କର ବିଧାୟକମାନଙ୍କୁ ଖର୍ଚ୍ଚ କରିବା ପାଇଁ ମାତ୍ର ୩ କୋଟି ଟଙ୍କା ଦିଅନ୍ତି। ମହାରାଷ୍ଟ୍ର, କେରଳ, ଝାଡ଼ଖଣ୍ଡ, ତେଲଙ୍ଗାନା, ରାଜସ୍ଥାନ, ଉତ୍ତରାଖଣ୍ଡ ୫ କୋଟି ଟଙ୍କା ଦେଉଛନ୍ତି। ଯେତେବେଳେ କି ଦେଶର ରାଜଧାନୀ ଦିଲ୍ଲୀରେ, ବିଧାୟକ ପାଣ୍ଠିରେ ସର୍ବାଧିକ ୧୫ କୋଟି ଟଙ୍କା ଦିଆଯାଉଛି। ଏହି ପରିମାଣ ବର୍ତ୍ତମାନର ରାଜ୍ୟଗୁଡ଼ିକ ତୁଳନାରେ ତିନି ଗୁଣ ଅଧିକ।

# ୩ ହଜାରରୁ ଅଧିକ କର୍ମଚାରୀଙ୍କୁ ଛଟେଇ କରିବ ମେଟା

**ନୂଆଦିଲ୍ଲୀ, ୯।୨ :** ଫେସବୁକ୍‌ର ପ୍ୟାରେଣ୍ଟ କମ୍ପାନି ମେଟା ୩ ହଜାରରୁ ଅଧିକ କର୍ମଚାରୀଙ୍କ ଛଟେଇ କରୁଛି। ଏହି ଛଟେଇରେ ପ୍ରାୟ ୫% କର୍ମଚାରୀ ପ୍ରଭାବିତ ହେବେ। ମିଡିଆ ରିପୋର୍ଟ ଅନୁଯାୟୀ, କର୍ମଚାରୀଙ୍କୁ ଶୁକ୍ରବାର ଏକ ଅନ୍ତରୀଣ ମେସେଜ ମାଧମରେ ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଛଟେଇ ଯୋଗୁ ଚାକିରି ହରାଇଥିବା କର୍ମଚାରୀଙ୍କୁ ସୋମବାର ସକାଳେ ଏକ ଇମେଲ ମିଳିବ। ଯେଉଁଥିରେ ସଂପୂର୍ଣ୍ଣ ତଥ୍ୟ ରହିବ। ଏହା ପୂର୍ବରୁ ଗତ ମାସରେ ସିଇଓ ମାର୍କ ଜୁକରବର୍ଗ କର୍ମଚାରୀଙ୍କୁ ଚାକିରିରୁ ଛଟେଇ ବିଷୟରେ କହିଥିଲେ। ସେ କହିଥଲେ, ମେଟା ପ୍ରଦର୍ଶନ ମାନକୁ ବଢ଼ାଉଛି, ଯେଉଁମାନେ ଭଲ ପ୍ରଦର୍ଶନ କରୁନାହାଁନ୍ତି ସେମାନଙ୍କୁ କାଢ଼ିବାକୁ ଯୋଜନା କରାଯାଉଛି। ସୂଚନାଥାଉକି, ୧ ବର୍ଷରେ ଖରାପ ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କୁ ମେଟା ଛଟେଇ କରିଥାଏ। କିନ୍ତୁ ଏଥର କମ୍ପାନି ନିକଟ ସମୟରେ ପ୍ରଦର୍ଶନ ଆଧାରରେ ବଡ଼ ଛଟେଇ କରୁଛି।



# ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୩୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି । ପେଟ୍ରୋଲ ଏବଂ ଡିଜେଲ ଦାମ୍ ଆପଣ SMS ମାଧମରେ ମଧ ଜାଣିପାରିବେ ।

# ୧୪ରୁ ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅରିଜିନ୍ ଏସ୍‌ୟୁଭିର ବୁକିଂ

**ନୂଆଦିଲ୍ଲୀ,୯।୨:** ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ମହିନ୍ଦ୍ରା ଗ୍ରୁପର ଇଲେକ୍ଟ୍ରିକ ଭେଇକିଲ (ଇଭି) ବ୍ରାଣ୍ଡର ବହୁ ପ୍ରତୀକ୍ଷିତ ଏକ୍ସଇଭି ୯ଇ ଏବଂ ବିଇ୬ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଏହାର ସମସ୍ତ ୯ଟି ଭାରିଆଣ୍ଟ ସହିତ ମହିନ୍ଦ୍ରାର ଇଲେକ୍ଟ୍ରିକ୍ ଅରିଜିନ୍ ଏସ୍‌ୟୁଭି ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିବା ସହ ଭାରତ ପାଇଁ ଗୌରବର ମୁହୂର୍ତ୍ତ ସୃଷ୍ଟି କରିଛି। ସେହିଭଳି ଏହି ବିଶ୍ୱସ୍ତରୀୟ ଏସ୍‌ୟୁଭିକୁ ବିଭିନ୍ନ ଦାମ୍‌ରେ ପାଇବା ପାଇ ଗ୍ରାହକଙ୍କ ପକ୍ଷରୁ ମିଳିଥିବା ପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି ମହିନ୍ଦ୍ରା ପକ୍ଷରୁ ଏକ୍ସଇଭି ୯ଇ ଓ ବିଇ୬ର ସମସ୍ତ ପ୍ୟାକ୍‌ର ବୁକିଂ ୨୦୨୫ ଫେବୃଆରୀ ୧୪ ପୂର୍ବାହ୍ନ ୯ ଘଟିକାରୁ ଆରମ୍ଭ ହେବା ନେଇ ଘୋଷଣା କରାଯାଇଛି। ସେହିପରି ଏହି ଏସ୍‌ୟୁଭିଗୁଡ଼ିକର ଡେଲିଭରି ୨୦୨୫ ମାର୍ଚ୍ଚରୁ ଅଗଷ୍ଟ ମଧ୍ୟରେ କରାଯିବ। ଏପରିକି ବିଭିନ୍ନ ଭାରିଆଣ୍ଟରେ ଥିବା ପ୍ୟାକ୍ ୱାନ ବର୍ଗର୍ ବିଇ୬ର ଏକ୍ସ ଶୋ'ରୁମ୍ ମୂଲ୍ୟ ୧୮.୯୦ ଲକ୍ଷ ଟଙ୍କା



ଥିବାବେଳେ ଏକ୍ସଇଭି ୯ଇର ଦାମ୍ ୨୧.୯୦ ଲକ୍ଷ ଟଙ୍କା, ପ୍ୟାକ୍ ୱାନ୍‌ରୁ ଅଧିକ ବିଇ ୬ର ଦାମ୍ ୨୦.୫୦ ଲକ୍ଷ ଟଙ୍କା ରହିଛି।

ଅପରପକ୍ଷରେ ପ୍ୟାକ୍ ଟୁ ବିଇ ୬ର ଦାମ୍ ୨୧.୯୦ ଲକ୍ଷ ଟଙ୍କା ଏବଂ ଏକ୍ସଇଭି ୯ଇର ଦାମ୍ ୨୪.୯୦ଲକ୍ଷ ଟଙ୍କା ରହିଥିଲାବେଳେ ପ୍ୟାକ୍ ଥ୍ରି ସିଲେକ୍ଟ ବିଇ୬ର ଦାମ୍ ୨୪.୫୦ ଲକ୍ଷ ଟଙ୍କା ଏବଂ ଏକ୍ସଇଭି ୯ଇର ଦାମ୍ ୨୭.୯୦ଲକ୍ଷ ଟଙ୍କା, ପ୍ୟାକ୍ ଥ୍ରି ବିଇ୬ର ଦାମ୍ ୨୬.୯୦ ଲକ୍ଷ ଟଙ୍କା ଏବଂ ଏକ୍ସଇଭି ୯ଇର ଦାମ୍ ୩୦.୫୦ ଲକ୍ଷ ଟଙ୍କା ରହିଛି।

ଉଲ୍ଲେଖଯୋଗ୍ୟ, ବିଇ ୬ ମଡେଲ୍ ଯଥାକ୍ରମେ ଏଭରେଷ୍ଟ ହ୍ୱାଇଟ୍, ଏଭରେଷ୍ଟ ହ୍ୱାଇଟ୍ ସାଟିନ୍, ଡିପ୍ ଫରେଷ୍ଟ, ଟାଙ୍ଗୋ ରେଡ୍, ଡେଜର୍ଟ ମିଷ୍ଟ, ଡେଜର୍ଟ ମିଷ୍ଟ ସାଟିନ୍, ଫାୟାରଷ୍ଟର୍ମ ଅରେ, ଷ୍ଟିଲ୍‌ଥ ବ୍ଲାକ୍ ରଙ୍ଗରେ ଏବଂ ଏକ୍ସଇଭି ୯ଇ ଯଥାକ୍ରମେ ଏଭରେଷ୍ଟ ହ୍ୱାଇଟ୍, ଡିପ୍ ଫରେଷ୍ଟ, ଟାଙ୍ଗୋ ରେଡ୍, ନେବୁଲା ବ୍ଲୁ, ଡେଜର୍ଟ ମିଷ୍ଟ, ରୁବି ଭେଲଭେଟ ଓ ଷ୍ଟିଲ୍‌ଥ ବ୍ଲାକ୍ ରଙ୍ଗରେ ଉପଲବ୍ଧ ହେବ।

# ହୋଣ୍ଡା ଲଞ୍ଚ କରିବ ୧୦ଟି ନୂଆ ଇଲେକ୍ଟ୍ରିକ୍ ଗାଡ଼ି

**ନୂଆଦିଲ୍ଲୀ,୯।୨:** ଭାରତୀୟ ବଜାରରେ ଆକ୍ଟିଭା ଇଲେକ୍ଟ୍ରିକ ଲଞ୍ଚ କରିବା ସହିତ ହୋଣ୍ଡା ଇଭି ଟୁ-ହୁଇଲର ସେଗମେଣ୍ଟରେ ଏଣ୍ଟ୍ରି କରିଛି । ଗତ ମାସରେ ଅଟୋ ଏକ୍ସପୋ ୨୦୨୫ ରେ ଦୁଇଟି ନୂଆ ଟୁ-ହୁଇଲର ଲଞ୍ଚ କରିଛି । ହୋଣ୍ଡା ଆକ୍ଟିଭା ଇଲେକ୍ଟ୍ରିକ୍ ଲଞ୍ଚ ହେବା ସହିତ QC1 କୁ ମଧ ମାର୍କେଟକୁ ଅଣାଯାଇଥିଲା । ଏକ ରିପୋର୍ଟ ଅନୁଯାୟୀ, ହୋଣ୍ଡା ଭାରତରେ ଇଭି ମ୍ୟାନୁଫାକ୍ଚରିଙ୍ଗ୍ ପ୍ଲାଣ୍ଟ ଲଗାଇବାକୁ ବିଚାର କରୁଛି, ଯାହା ୨୦୨୮ରେ ଆରମ୍ଭ ହୋଇପାରିବ । ହୋଣ୍ଡା ଭାରତରେ ଇଲେକ୍ଟ୍ରିକ୍ ହୁଇଲ ସେଗମେଣ୍ଟରେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୧୦ ନୂଆ ଇଭି ଲଞ୍ଚ କରିପାରେ, ଯେଉଁଥିରେ ଆଗାମୀ ଦୁଇ ବର୍ଷ ମଧ୍ୟରେ ୪ଟି ଲଞ୍ଚ ହୋଇପାରିବ। ହୋଣ୍ଡା ନିଜର ଗାଡିଗୁଡିକର ତିଆରି ପାଇଁ ଭାରତରେ ଏକ ପ୍ଲାଣ୍ଟ ସ୍ଥାପନ କରିବାକୁ ଯାଉଛି । ଅଟୋମେକର୍ସମାନେ ମ୍ୟାନୁଫାକ୍ଚର ପ୍ଲାଣ୍ଟ ପାଇଁ ଭାରତକୁ ବାଛିବାର କାରଣ ହେଉଛି ଇଭି ର ଡିମାଣ୍ଡ ଅଧିକ। । କମ୍ପାନୀ କହୁଛି ଯେ ଆଗାମୀ ଦଶନ୍ଧିର ଭାରତରେ ଇଭି ବଜାର ବହୁତ ବଢ଼ିବାକୁ ଲାଗିବ । ୨୦୨୫ ରୁ ୨୦୨୭ ମଧ୍ୟରୁ ଆଗାମୀ ଦୁଇ ବର୍ଷ ମଧ୍ୟରେ



ହୋଣ୍ଡା କେଉଁ ଗାଡ଼ି ଲଞ୍ଚ କରିବାକୁ ଯାଉଛି ସେ ବିଷୟରେ ଏପର୍ଯ୍ୟନ୍ତ କୌଣସି ଇନଫରମେସନ୍ ପ୍ରକାଶ କରାଯାଇ ନାହିଁ। କିନ୍ତୁ ୪ଟି ନୂଆ ମଡେଲ୍ ଲଞ୍ଚ ହେବା ସହିତ କମ୍ପାନୀ ପ୍ରତିବର୍ଷ ତିନି ଲକ୍ଷ ୟୁନିଟ୍ ସେଲ୍ କରିବାର ଟାରଗେଟ୍ ରଖିପାରିବ । ହୋଣ୍ଡା ର ଏହି ଟାରଗେଟ୍ ନୂଆ ଗାଡ଼ିକୁ ସେଲକୁ ନେଇ ହେବ । ହୋଣ୍ଡା ଭାରତୀୟ ବଜାରରେ ଆକ୍ଟିଭ ଇଲେକ୍ଟ୍ରିକ୍ ଏବଂ QC1 ଲଞ୍ଚ କରିଛି । ଏହି ଦୁଇଟି ଇଲେକ୍ଟ୍ରିକ୍ ସ୍କୁଟର ଲଞ୍ଚ ସହିତ କମ୍ପାନୀ ନିଜର ଗ୍ରାଣ୍ଡ ସ୍କିମ୍ ଆରମ୍ଭ କରିଛି। କମ୍ପାନୀ ଏହି ମଡେଲଗୁଡିକୁ କେବଳ ଲିମିଟେଡ୍ ଫିଚର୍ସ ସହିତ ଲଞ୍ଚ କରିଛି । କିନ୍ତୁ ନୂଆ ମଡେଲ୍ ଅନେକ ଆଡଭାନ୍ସ ଫିଚର୍ସ ସହିତ ଆସିପାରିବ ।

# ୨୦୨୪-୨୫: ଓଡ଼ିଶାରେ ରେଳବାଇରେ ୧୮ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇନି

**ଭୁବନେଶ୍ୱର,୯।୨(ସଞ୍ଚାର ବ୍ୟୁରୋ) :** ରେଳବାଇ ଓଡ଼ିଶାରେ ୨୦୨୪-୨୫ ବଜେଟ ଆବଣ୍ଟନର ୮୦ ପ୍ରତିଶତରୁ ଅଧିକ ଖର୍ଚ୍ଚ କରି ରେକର୍ଡ ପ୍ରଗତି ପଞ୍ଜିକୃତ କରିଛି । ଏପଟେ ୨୦୨୪-୨୫ ପାଇଁ ଆବଣ୍ଟିତ ୧୦୫୮୬ କୋଟି ଟଙ୍କାର ୮୧.୭୮ ପ୍ରତିଶତ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ପାଖାପାଖି ୧୮ ପ୍ରତିଶତ ଟଙ୍କା ଖର୍ଚ୍ଚ ହୋଇପାରି ନାହିଁ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି।

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଓଡ଼ିଶାରେ ରେଳ ପ୍ରକଳ୍ପ ପାଇଁ ମୋଟ ବଜେଟ୍ ଆବଣ୍ଟନ ହୋଇଥିଲା ୧୦,୫୮୬ କୋଟି ଟଙ୍କା। ଏପର୍ଯ୍ୟନ୍ତ, ଏହି ଆବଣ୍ଟନର ୮୧.୭୮ ପ୍ରତିଶତ ଉଲ୍ଲେଖନୀୟ ଖର୍ଚ୍ଚ ଏହି ଅଞ୍ଚଳରେ ସଂଯୋଗୀକରଣ, ସୁରକ୍ଷା ଏବଂ ଭିତ୍ତିଭୂମି ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରମୁଖ ରେଳ ପ୍ରକଳ୍ପ ପାଇଁ ପୂର୍ବରୁ ଖର୍ଚ୍ଚ ହୋଇସାରିଛି । ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୪-୨୫ ଜାନୁଆରୀ ୨୦୨୫ ସୁଦ୍ଧା ୮୬୫୭.୨୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

କଳ୍ପଗୁଡ଼ିକ ମଧ୍ୟରେ ରହିଛି:-୧ -ଗୁଣୁପୁର -ଥେରୁବାଲି ନୂତନ ଲାଇନ (୭୩.୬୨ କିଲୋମିଟର): ୧୩୨୬ କୋଟି ଖର୍ଚ୍ଚରେ ଏହି ନୂତନ ଲାଇନ ରାୟଗଡା ଜିଲ୍ଲାକୁ ଲାଭଦାୟକ ହେବ।୨- ଜୁନାଗଡ ରୋଡ-ନବରଙ୍ଗପୁର ନୂତନ ଲାଇନ (୧୧୬.୨୧ କିଲୋମିଟର), ୩୨୭୪ କୋଟି ଖର୍ଚ୍ଚରେ ଏହି ଲାଇନ କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲ୍ଲାକୁ ସଂଯୋଗ କରିବ।୩- ମାଲକାନଗିରି-ବପାଣ୍ଡୁରଙ୍ଗପୁରମ ନୂତନ ଲାଇନ (୧୭୩.୬୧ କିଲୋମିଟର): ୪୧୦୯ କୋଟି



ଖର୍ଚ୍ଚରେ ଏହି ପ୍ରକଳ୍ପ ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଏବଂ ତେଲେଙ୍ଗାନାକୁ ସଂଯୋଗ କରିବ।୪- ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ଲାଇନ ( ୮୨.୦୬ କିଲୋମିଟର): କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାକୁ ଲାଭଦାୟକ ୨୧୦୭ କୋଟି ଟଙ୍କାର ପ୍ରକଳ୍ପ।୫- ବାଙ୍ଗିରିପୋଷି-ଗୋରୁମହିଷାଣୀ ନୂତନ ଲାଇନ ( ୮୫.୬୦ କିଲୋମିଟର): ମୟୂରଭଞ୍ଜ ଜିଲ୍ଲାରେ ୨୫୪୯ କୋଟି ଟଙ୍କାର ନିବେଶ। ୬- ବୁଡ଼ାମରା-ଚକୁଳିଆ ନୂତନ ଲାଇନ ( ୫୯.୯୬ କିଲୋମିଟର): ୧୬୩୯ କୋଟି ବ୍ୟୟରେ ଏହି ପ୍ରକଳ୍ପ ମୟୂରଭଞ୍ଜ, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗକୁ ସଂଯୋଗ କରୁଛି।୭- ବରଗଡ଼ ରୋଡ୍ ରୁ ନୂଆପଡା ରୋଡ୍ ( ୧୩୮.୩୨ କିଲୋମିଟର): ପଶ୍ଚିମ ଓଡ଼ିଶାରେ ଯୋଗାଯୋଗକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ୨୬୨୧.୯୨ କୋଟି ଟଙ୍କାର ପ୍ରକଳ୍ପ।୮- ପୁରୀ -କୋଣାର୍କ ରେଳ ଲାଇନ (୩୨ କିଲୋମିଟର): ଏହି ପ୍ରତିଷ୍ଠିତ ପର୍ଯ୍ୟଟନସ୍ଥଳ ଗୁଡ଼ିକୁ ସଂଯୋଗ କରିବା ପାଇଁ ନୂତନ ରେଳ ଲାଇନ ପାଇଁ ୪୯୨ କୋଟି ମଞ୍ଜୁର କରାଯାଇଛି ।

ଯାତାୟାତ ସଂଯୋଗକୁ ଉନ୍ନତ କରିବା ପାଇଁ ପ୍ରମୁଖ ରେଳ ଫ୍ଲାଏଓଭର: ଟ୍ରେନ୍ ସେବାକୁ ଆଧୁନିକୀକରଣ ଏବଂ ଉନ୍ନତ କରିବା ପ୍ରୟାସର ଏକ ଅଂଶ ଭାବରେ ୧୧୭୩.୧୨ କୋଟି ଟଙ୍କା ବ୍ୟୟରେ ୫ ଟି ପ୍ରମୁଖ ରେଳ ଫ୍ଲାଏଓଭରକୁ ମଞ୍ଜୁର କରାଯାଇଛି। ଗୋଟିଏ ଡବଲ୍ ଲାଇନ ଫ୍ଲାଏ ଓଭରର FLS ପାଇଁ ମଞ୍ଜୁରୀ ଦିଆଯାଇଛି। ୧- ସମ୍ବଲପୁର ଷ୍ଟେସନରୁ ସମ୍ବଲପୁର ସିଟି ଷ୍ଟେସନ (୮.୧୦ କିଲୋମିଟର): ସମ୍ବଲପୁର ମୁଖ୍ୟ ଷ୍ଟେସନରୁ ଯାତାୟାତକୁ ସହଜ କରିବା ପାଇଁ ସମ୍ବଲପୁର ସହର ଏବଂ ସରଳା ଷ୍ଟେସନକୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ଫ୍ଲାଏଓଭର ପ୍ରକଳ୍ପ ପାଇଁ ୨୮୮.୬୧ କୋଟି ଟଙ୍କା ।୨- ଖୋର୍ଦ୍ଧା ରୋଡ୍ ଷ୍ଟେସନ୍ ରେଳ ଫ୍ଲାଏଓଭର: ପୁରୀରୁ ଭୁବନେଶ୍ୱର ଦିଗକୁ ଯାଉଥିବା ଟ୍ରେନ୍ ପାଇଁ ଖୋର୍ଦ୍ଧା ରୋଡ୍ ଷ୍ଟେସନ୍ ରେ ଟ୍ରେନ୍ ଟ୍ରାଫିକ୍ ଭିଡ଼ ଦୂର କରିବା ପାଇଁ ୧୯୧.୮୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।୩- କଟକରେ ରାଜଆଠଗଡ଼-ରାଧାକିଶୋରପୁର-ମାଛପୁର (୧୦.୮୯ କିମି) କୁ ସଂଯୋଗ କରୁଥିବା ରେଳ ଫ୍ଲାଏଓଭର: କଟକ ନିକଟସ୍ଥ ରାଜଆଠଗଡ଼, ରାଧାକିଶୋରପୁର ଏବଂ ମାଛପୁର ରେଳ ଷ୍ଟେସନକୁ ସଂଯୋଗ କରୁଥିବା ଟ୍ରେନ୍ ଟ୍ରାଫିକ୍ ଭିଡ଼ ଦୂର କରିବା ପାଇଁ ୨୬୮.୯୨ କୋଟି ଟଙ୍କାର ପ୍ରକଳ୍ପ । ଏହି ଭିତ୍ତିଭୂମି ଏକକାଳୀନ ଟ୍ରେନ୍ ଚଳାଚଳକୁ ଅନୁମତି ଦେଇ କାର୍ଯ୍ୟକୁ ଉନ୍ନତ କରିବ, କ୍ରସ୍-ଟ୍ରାଫିକ୍ ରୁ ବିଳମ୍ବ ହ୍ରାସ କରିବ । ୪- ଟିଟିଲାଗଡ଼ ରେଳ ଫ୍ଲାଏଓଭର (୮.୧୧ କିମି): ଏହି ଅଞ୍ଚଳରେ ଟ୍ରେନ୍ ପରିଚାଳନାକୁ ସହଜ କରିବା ପାଇଁ ୧୮୩.୮୯ କୋଟି ଟଙ୍କା।୫- ରାୟଗଡ଼ାରେ ସିଙ୍ଗାପୁର ରୋଡ୍ ଷ୍ଟେସନ୍ (୫.୫୦ କିମି): ରାୟପୁର-ବିଜୟନଗରମ୍ ରେଳ ଲାଇନରେ ଭିଡ଼ ହ୍ରାସ କରିବା ପାଇଁ ୨୩୯.୮୩ କୋଟି ଟଙ୍କା । ଏହା ବ୍ୟତୀତ, ସୁନ୍ଦରଗଡ଼ ଜିଲ୍ଲାର ଲାଜକୁରାରେ ଡବଲ୍ ଲାଇନ ଫ୍ଲାଏ ଓଭର ପାଇଁ ଫାଇନାଲ୍ ଲୋକେସନ୍ ସର୍ଭେ (FLS) ମଧ୍ୟ ରେଳ ଭିତ୍ତିଭୂମିର ଉନ୍ନତି ଏବଂ ରେଳ ପରିବହନର ଦକ୍ଷତା ବୃଦ୍ଧି ପାଇଁ ମଞ୍ଜୁର କରାଯାଇଛି ।

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ:୧୯୯୪-୯୫ ମସିହାରେ ମଞ୍ଜୁର ହୋଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ଜମି ଅଧିଗ୍ରହଣ ଆହ୍ୱାନ ଯୋଗୁଁ ବିଳମ୍ବର ସମ୍ମୁଖୀନ ହୋଇଥିଲା । ତଥାପି, ଏହି ଆର୍ଥିକ ବର୍ଷରେ ପ୍ରକଳ୍ପ ପାଇଁ ୧୧୬୦ କୋଟି ବ୍ୟୟ ବରାଦ ହେବା ସହିତ, ଜାନୁଆରୀ ୨୦୨୫ ସୁଦ୍ଧା ଖର୍ଚ୍ଚ ପ୍ରାୟ ୯୧୩ କୋଟି ଖର୍ଚ୍ଚ ହୋଇଛି । ଆଶା କରାଯାଉଛି ଯେ ଏହି ଆର୍ଥିକ ବର୍ଷ ଶେଷ ସୁଦ୍ଧା ଖର୍ଚ୍ଚ ପରିମାଣ ୧୧୦୦ କୋଟିରୁ ଅଧିକ ହେବ । ଓଡ଼ିଶା ସରକାର ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ସକ୍ରିୟ ଭାବରେ ସହଜ କରିଛନ୍ତି ଏବଂ କାର୍ଯ୍ୟ ପ୍ରଖର ଭାବରେ ଆଗେଇ ଚାଲିଛି । ଚଳିତ ଆର୍ଥିକ ବର୍ଷରେ ସୋନପୁର ଏବଂ ପୁରୁଣାକଟକ ମଧ୍ୟରେ ୭୪ କିଲୋମିଟର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ପାଇଁ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଲକ୍ଷ୍ୟ ଧାର୍ଯ୍ୟ ପୂର୍ବରୁ ସମାପ୍ତ ହୋଇସାରିଛି । ପ୍ରମୁଖ ରେଳ ଷ୍ଟେସନଗୁଡ଼ିକର ପୁନର୍ବିକାଶ:- ଭୁବନେଶ୍ୱର, ପୁରୀ ଏବଂ କଟକ ରେଳ ଷ୍ଟେସନଗୁଡ଼ିକର ପୁନର୍ବିକାଶ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରୁଛି:- ଭୁବନେଶ୍ୱର ରେଳ ଷ୍ଟେସନରେ ୨୬୯ କୋଟିରୁ ଅଧିକ ଖର୍ଚ୍ଚ ହୋଇଛି । ପ୍ରକଳ୍ପ କାର୍ଯ୍ୟ ୬୦ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି। ଜୁନ୍ ୨୦୨୨ରେ ରେଳ ବୋର୍ଡ ଦ୍ୱାରା ଭୁବନେଶ୍ୱର ଷ୍ଟେସନର ପୁନର୍ବିକାଶ କାର୍ଯ୍ୟକୁ ମଞ୍ଜୁର କରାଯାଇଥିଲା । କାର୍ଯ୍ୟ ଅଗ୍ରୀମ ପର୍ଯ୍ୟାୟରେ ଅଛି । ଷ୍ଟେସନର ଉଭୟ ପାର୍ଶ୍ୱରେ କୋଠା ନିର୍ମାଣ ଶେଷ ହୋଇଛି । ଶେଷ କାର୍ଯ୍ୟ ଜାରି ରହିଛି । ମୁଖ୍ୟ ପ୍ରବେଶ (ପଶ୍ଚିମ) ପାର୍ଶ୍ୱରେ ଉଚ୍ଚ ରାସ୍ତାର କାମ ଆରମ୍ଭ ହୋଇଛି। ଏହା ବ୍ୟତୀତ, ପୁରୀ ରେଳ ଷ୍ଟେସନରେ ୫୦ କୋଟି ଟଙ୍କା ଏବଂ କଟକ ରେଳ ଷ୍ଟେସନରେ ୧୬୮.୩୯ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

୧୦୨୪-୨୫ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ଟ୍ରାକ୍ ନବୀକରଣ ପାଇଁ ୧୧୩୪ କୋଟି ଟଙ୍କା ବଜେଟ ଅଟକଳ କରିଥିବାବେଳେ ଚଳିତ ଆର୍ଥିକ ବର୍ଷର ଜାନୁୟାରୀ ମାସ ଶେଷ ସୁଦ୍ଧା ୯୩୫.୭୭ କୋଟି ଟଙ୍କା (ବଜେଟର ପ୍ରାୟ ୮୦ ପ୍ରତିଶତ) ଖର୍ଚ୍ଚ ହୋଇସାରିଛି । ଚଳିତ ବର୍ଷ ୩୬୫ କିଲୋମିଟର ଟ୍ରାକ୍ ନବୀକରଣ ଲକ୍ଷ୍ୟ ଧାର୍ଯ୍ୟ ମଧ୍ୟରୁ ୩୪୧ କିଲୋମିଟର ଟ୍ରାକ୍ ନବୀକରଣ ସମାପ୍ତ ହୋଇଛି ।

ପୂର୍ବତଟ ରେଳପଥରେ ସୁରକ୍ଷା ପଦକ୍ଷେପ ପାଇଁ ୧୨୯୦.୩୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ଯାହା ସୁରକ୍ଷା ପ୍ରକଳ୍ପ ପାଇଁ ଆବଣ୍ଟିତ ବଜେଟର ପ୍ରାୟ ୭୮ ପ୍ରତିଶତ ଅଟେ । ଏଥିରେ ଲେଭଲ୍ କ୍ରସିଂ, ରୋଡ୍ ଓଭର ବ୍ରିଜ, ରୋଡ୍ ଅଣ୍ଡର ବ୍ରିଜ, ଟ୍ରାକ୍ ନବୀକରଣ, ସେତୁ କାର୍ଯ୍ୟ ଏବଂ ସିଗନାଲିଂ ଏବଂ ଟେଲିକମ୍ କାର୍ଯ୍ୟ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ, ରେଳ ମନ୍ତ୍ରଣାଳୟ ନିକଟରେ ରେଳ ଟ୍ରାକ୍ ସହିତ ସୁରକ୍ଷା ବାଡ଼ ବ୍ୟବସ୍ଥା ପାଇଁ ୨୭୫.୦୧ କୋଟି ମଞ୍ଜୁର କରିଛି । ବ୍ରହ୍ମପୁର- ଗୋଳନ୍ଥରା ରେଳ ସେକ୍ସନ ସହିତ ଖୋର୍ଦ୍ଧା ରୋଡ୍ ଡିଭିଜନର ଭୁବନେଶ୍ୱର ଏବଂ ପଲାସା ରେଳ ଷ୍ଟେସନ ନିକଟରେ ପ୍ରଥମ ପର୍ଯ୍ୟାୟରେ ଏହି ବ୍ୟବସ୍ଥା ପ୍ରାରମ୍ଭ କରାଯାଇଛି ।

## ଶ୍ରୀଜଗନ୍ନାଥଙ୍କ ଦାରୁ ଚୟନ ପାଇଁ ଶଗଡ଼ ଯାତ୍ରା



**ବାଲିଚନ୍ଦ୍ରପୁର, ୯।୨ (ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ନିର୍ମାଣ ନିମନ୍ତେ ବଡ଼ଚଣା ବ୍ଲକ ଗୋପାଳପୁର ପଞ୍ଚାୟତ କଳାଶ୍ରୀ ଗ୍ରାମର ଏକ ନିମ୍ବ ଗଛକୁ ଦାରୁ ରୂପେ ଚୟନ କରାଯାଇଥିଲା। ଘଟଣାରୁ ପ୍ରକାଶ ଯେ ବରୀ ବ୍ଲକ ଅନ୍ତର୍ଗତ ହଳଦୀବସନ୍ତ ଗ୍ରାମରେ ପ୍ରତିଷ୍ଠା କରାଯାଇଥିବା ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କ ବିଗ୍ରହ ନିର୍ମାଣ ପାଇଁ ମନ୍ଦିରର ମୁଖ୍ୟ ପରିଚାଳକ ଆଲୋକ ଜେନାଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ପରେ ଆଲୋକ କୁମାର ଜେନା ଓ ତାଙ୍କ ବନ୍ଧୁ ସୁଧାଂଶୁ ଶେଖର ସାମଲ କଳାଶ୍ରୀ ଗ୍ରାମକୁ ଆସି ଦୁଃଶାସନ ମଲ୍ଲିକଙ୍କ ବାଡ଼ିରେ ଥିବା ନିମ୍ବ ଗଛ ସମ୍ପର୍କରେ ଦାରୁ ହେବା ପାଇଁ ତାଙ୍କର ସ୍ୱପ୍ନାଦେଶ ବିଷୟରେ ଜଣାଇଥିଲେ। ଏ ସୂଚନା ପାଇବା ପରେ ଶ୍ରୀ ମଲ୍ଲିକ ଅତ୍ୟନ୍ତ ଆନନ୍ଦିତ ହୋଇ ତିନି ଠାକୁରଙ୍କ ବିଗ୍ରହ ନିମନ୍ତେ ତାଙ୍କର ନିମ୍ବ ଗଛଟି ଦେବା ପାଇଁ ସହମତି ଦେଇଥିଲେ। ତେବେ ଆଜି ରିତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଦାରୁ ଛେଦନ କରାଯାଇଥିଲା। ମହାପ୍ରଭୁଙ୍କର ଏହି ଦାରୁକୁ ଏକ ସୁସଜିତ ଶଗଡ଼ ଯୋଗେ ବାଜା, ବାଣ, ଭଜନ, କୀର୍ତ୍ତନ ସହ ଏକ ପଟୁଆରରେ ଶଗଡ଼ଯାତ୍ରା କରାଯାଇ ହଳଦୀବସନ୍ତସ୍ଥିତ ଜଗନ୍ନାଥ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ସମଗ୍ର ଅଞ୍ଚଳ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହ ଜୟ ଜଗନ୍ନାଥ ଧ୍ୱନୀରେ ସେହି ପବିତ୍ର ସ୍ଥଳ ପ୍ରକମ୍ପିତ ହୋଇଥିଲା।

## ବ୍ୟାସଦେବ ମହିମା ପୀଠରେ ଆରମ୍ଭ ହେଲା ଧ୍ୱନି ପୂଜା

● କୋରେଇ ବିଧାୟକ ନେଲେ ଆଶୀର୍ବାଦ



**ଯାଜପୁର ରୋଡ୍, ୯।୨ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଞ୍ଚଳ ସହରରେ ଥିବା ବ୍ୟାସ-ସରୋବର ଠାରେ ଅବସ୍ଥିତ ମହିମା ପୀଠରେ ଭୌମୀ ଏକାଦଶୀ ଠାରୁ ଆରମ୍ଭ ହେଲା ଧ୍ୱନି ପୂଜା। ଏହି ପରିପ୍ରେକ୍ଷିରେ କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ ଉକ୍ତ ପିଠରେ ପହଂଚି ଆଶ୍ରିର୍ବାଦ ନେବା ସହ କୋରାଇଅଞ୍ଚଳର ମଙ୍ଗଳ କାମନା କରିଛନ୍ତି। ଅଲେଖ ମହିମା ଅଲୌକିକ, ତେଣୁ ଏହିଠାରେ ସନ୍ଥ ମାନଙ୍କର ହିନ୍ଦୁ ଧର୍ମର ସ୍ୱତନ୍ତ୍ର ପୂଜା ବିଧି ଦେଖାଇବାକୁ ମିଳିଥାଏ। ପବିତ୍ର ଭୌମି ଏକାଦଶୀ ତଥା ବ୍ୟାସ ସରୋବର ମେଳା ମଧ୍ୟ ଭୌମୀ ଏକାଦଶୀ ଦିନ ଠାରୁ ଦଶଦିନ ଧରି ଏଠାରେ ଆୟୋଜିତ ହୋଇଥାଏ। ଏହି ଅବସରରେ ବ୍ୟାସଦେବ ମହିମା ପିଠରେ ଧୋନି, ଦ୍ୱୀପ ପ୍ରଜ୍ୱଳନ ପୂଜା ଆରମ୍ଭ ହୋଇଯାଇଛି। ଅଲେଖ ମହିମା ଧର୍ମାବଲମ୍ବୀ ସନ୍ଥଙ୍କ ସମ୍ମିଳନୀ କାର୍ଯ୍ୟକ୍ରମ ବି ଏହି ମଠରେ ଦେଖିବାକୁ ମିଳିଛି। ତେବେ ଅଂଚଳର ହଜାର ହଜାର ଶ୍ରଦ୍ଧାଳୁମାନେ ମଠର ମହନ୍ତ ମାନଙ୍କ ଠାରୁ ଆଶ୍ରିର୍ବାଦ ନେଉଥୁବା ଦେଖିବାକୁ ମିଳୁଛି।

## ଅଭିନବ ଉପାୟରେ ଦୋକାନରୁ ସୁନା ଠକେଇ

**କଳାହାଣ୍ଡି, ୯।୨ (ସଂଚାର ବ୍ୟୁରୋ):** ଗତ କିଛିମାସ ଧରି ସହରର ବିଭିନ୍ନ ଗହଣା ଦୋକାନରେ ଅଭିନବ ଉପାୟରେ ଠକେଇ ଚାଲିଛି। ବିଭିନ୍ନ ଗହଣା ଦେଖିବା ଆଳରେ ଠକମାନେ ଦୋକାନୀଙ୍କୁ ବ୍ୟସ୍ତରଖି ଲୁଟୁଛନ୍ତି। ହେଲେ ଏଯାଏଁ ଜଣେ ମଧ୍ୟ ଧରାପଡ଼ି ନାହାନ୍ତି । ଅଭିଯୋଗ ଅନୁଯାୟୀ, ଭବାନୀପାଟଣାରେ ଥିବା ମହାଲକ୍ଷ୍ମୀ ଜୁଏଲାରୀ ଦୋକାନକୁ ଗତ ୨୦ ତାରିଖ ୨ଜଣ ଠକ ଆସିଥିଲେ। ଲକେଟ୍ ଦେଖିବା ବାହାନାରେ ଦୋକାନୀଙ୍କୁ ବ୍ୟସ୍ତ ରଖି ପ୍ରାୟ ୨୦ ଗ୍ରାମ ଓଜନର ସୁନା ଗହଣା ନେଇଯାଇଥିବା ଦୋକାନୀ ଜଣକ ବିଳମ୍ବରେ ଜାଣିପାରି ଥିଲେ। ଠକେଇ ହେଇଥିବା ଗହଣାର ମୂଲ୍ୟ ପ୍ରାୟ ୨ଲକ୍ଷ ବୋଲି ଜଣାପଡ଼ିଛି । ଏନେଇ ସଂପୃକ୍ତ ଦୋକାନୀ ନିରଜ ଜୈନ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଇତିମଧ୍ୟରେ ସେ ଏସପିଙ୍କୁ ମଧ୍ୟ ସାକ୍ଷାତ କରି ଅଭିଯୋଗ କରିଥିଲେ। ଅଥଚ ପୁଲିସ ଆବଶ୍ୟକ ଅନୁଯାୟୀ, ପଦକ୍ଷେପ ନେଉନାହିଁ ବୋଲି ନିରଜ୍ ଅଭିଯୋଗ କରିଛନ୍ତି । ତେବେ କେବଳ ଏହି ଗୋଟିଏ ଗହଣା ଦୋକାନ ନୁହେଁ ବରଂ ଗତ ଏକବର୍ଷ ମଧ୍ୟରେ ଦୈନିକ ବଜାରରୁ ଷ୍ଟେଚ୍ୟୁ ରାସ୍ତାରେ ଥିବା ଅନ୍ୟ କେତେକ ଗହଣା ଦୋକାନରେ ନିୟମିତ ଭାବେ ଏଭଳି ଠକେଇ ହେଇଥିବା କୁହାଯାଉଛି ।

### ମନରେଗା କାମରେ ପୁଳା ପୁଳା ଦୁର୍ନୀତି

# ଭୂତ ଓ ଜାଲ ଜବକାର୍ଡଧାରୀଙ୍କ ନାଁରେ ବିଲ୍

**କାକଟପୁର/ଅସ୍ତରଙ୍ଗ, ୯।୨ (ସଂଚାର ବ୍ୟୁରୋ):** ଯୋଜନା ଲକ୍ଷ୍ୟଚ୍ୟୁତ। ଗରିବଙ୍କ ଉଦ୍ଦିଷ୍ଟ ଯୋଜନାର ସୁଫଳ ନେଉଛନ୍ତି ସରକାରୀ ବାବୁ ଓ କୁଜିନେତାମାନେ। ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ର ପ୍ରାୟ ୩୦ ପ୍ରତିଶତ ପାଣ୍ଠି ସରକାରୀ ବାବୁ, ଗାଁରେ ଥିବା କୁଜି ନେତା ଓ ଦଲାଲମାନେ ଲୁଟି ନେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଟି ପଂଚାୟତ ଓ କାକଟପୁର ପଂଚାୟତର ୧୬ଗୋଟି ପଂଚାୟତରେ କିଛି କୁଜି ନେତା ସରକାରୀ କର୍ମଚାରୀଙ୍କୁ ହାତ କରି ଜାଲ ଓ ଭୂତ ଜବକାର୍ଡଧାରୀଙ୍କ ନାଁରେ ମଜୁରୀ ହଡପ କରୁଛନ୍ତି। ବର୍ଷ ବର୍ଷ ଧରି ଏମିତି ହରିଲୁଟ ଚାଲିଥିବା ବେଳେ କାର୍ଯ୍ୟାନୁଷ୍ଠାନ କେବଳ ଧର୍ମକୁ ଆଖିଠାର। ପୋଖରୀ ଖୋଳା ହେଉ ଅବା ମାଟି ରାସ୍ତା ନିର୍ମାଣ ହେଉ ଅବା ବନ୍ଧ ମରାମତି। ଖେଳ ପଡିଆ ନିର୍ମାଣରୁ କେନାଲ ମରାମତି ଓ ରାସ୍ତା ନିର୍ମାଣ। ମନରେଗା କାମରେ ଯୁଆଡେ ଦେଖିଲେ ପୁଳା ପୁଳା ଦୁର୍ନୀତି।

> **ସରକାରୀ ବାବୁ ଓ କୁଜି ନେତାଙ୍କ ପେଟରେ ୩୦% ନରେଗା ଟଙ୍କା**
>
> **ତଦନ୍ତ ବାଟବଣା ଯୋଗୁଁ ଶ୍ରମିକ ଟଙ୍କାରେ ମାଲେମାଲ**



କେନ୍ଦ୍ର ସରକାରଙ୍କ ଏ ମହତ ଯୋଜନା ଗରିବ ଶ୍ରମିକ ପରିବାରକୁ କାମ ଧନ୍ଦା ଯୋଗାଇବାରେ ଯେତିକି ସଫଳ ହେଉନି, ସରକାରୀ ବାବୁ ଓ କୁଜି ନେତାଙ୍କୁ କୋଟିପତି କରିପାରେ ଅଧିକ ସଫଳ ହେଉଛି। ସରକାରୀ ସୂଚନା ପାଇଁ ଅସ୍ତରଙ୍ଗ ବ୍ଲକରେ କିଛି ଦିନ ତଳେ ମନରେଗା ଜନଶୁଣାଣୀ ସମ୍ପୂର୍ଣ୍ଣ ପ୍ରଚାର ପ୍ରସାର ଅଭାବରୁ ଫସର ଫାଟିଥିବା ବେଳେ ବାସ୍ତବ ଘଟଣା ସାମ୍ନାକୁ ଆସିଲା ନାହିଁ। ଅନେକ ସ୍ଥାନରେ ମନରେଗା କାମ ମେସିନ ମଧ୍ୟ କୁଜି ନେତା ଲଗାଇ ଦେଉଛନ୍ତି, ସରକାରୀ ତଳିଆ କର୍ମଚାରୀ ପକେଟ ଗରମ କରୁଛନ୍ତି।



## ନବନିର୍ବାଚିତ ବିଜେପି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**ଭବାନୀପାଟଣା, ୯।୨ (ସଂଚାର ବ୍ୟୁରୋ):** କୋକସରା ବ୍ଲକ ତୁକୁଲାଓଟ୍ଠା ପଞ୍ଚାୟତ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଥିବା ପର୍ଯ୍ୟଟନ ସ୍ଥଳୀ ଗୁଡାହାଣ୍ଡି ଡୋକାରିଚଞ୍ଚରା ଠାରେ ରବିବାର କୋକସରା ବ୍ଲକ ବିଜେପି ପକ୍ଷରୁ ନୂତନ ଭାବେ ନିର୍ବାଚିତ ହୋଇଥିବା ଜିଲ୍ଲା ସଭାପତି, ଜିଲ୍ଲା ପ୍ରତିନିଧି ଓ ମଣ୍ଡଳ ସଭାପତି ଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦାର ଙ୍କ ସଭାପତିତ୍ୱରେ ସମ୍ପନ୍ନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ଯୋଗଦେଇ ନୂତନ ନିର୍ବାଚିତ କର୍ମକର୍ତ୍ତା ଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବିଜୟଦେଓ୍ୱ ସାହୁ, ଲକ୍ଷ୍ମୀକାନ୍ତ ବାଗ, ଜୟଶଙ୍କର ନାଏକ, ହରେକୃଷ୍ଣ ପଣ୍ଡା, ହିମାଂଶୁ ପଣ୍ଡା, ଆମ ଆମପାଣି ସଭାପତି ମଧୁବନ ପାତ୍ର, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, ଜିଲ୍ଲା ପ୍ରତିନିଧି ଦୁର୍ଗା ପ୍ରଧାନୀ ପ୍ରଭୃତି ଉପସ୍ଥିତ ଥିଲେ।

### ସେଲ୍ଫି ହେଲା କାଳ

# ଜଳପ୍ରପାତରେ ବୁଡି ଯୁବକ ନିଖୋଜ

**ଭବାନୀପାଟଣା, ୯।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୁଡ଼ହାଣ୍ଡି ଡୋକାରିଚଞ୍ଚରାକୁ ରବିବାର ଦିନ ନବରଙ୍ଗପୁର ଜିଲ୍ଲା ଡୁମରମୁଣ୍ଡା ଗ୍ରାମର ଅଭିନାଶ ପରଜା(୨୧) ନିଜର ଜଣେ ସାଙ୍ଗ ଦିଲେଶ୍ୱର ଭତରା ସହ ଏକ ବାଇକରେ ଡୋକାରିଚଞ୍ଚରା ବୁଲିବାକୁ ଆସିଥିବା ବେଳେ ଡୋକରି ଜଳପ୍ରପାତରେ ସେଲ୍ଫି ଉଠାଉ ଥିବା ବେଳେ ଅସାବଧାନତା କାରଣରୁ ଶିଉଳିରେ ଗୋଡ଼ ଖସି ଯିବାରୁ ଜଳପ୍ରପାତର ଗଭୀର ପାଣିରେ ବୁଡି ନିଖୋଜ ହୋଇ ଯାଇଛନ୍ତି। ଦିର୍ଘ ସମୟ ଧରି ତାଙ୍କ ସାଙ୍ଗ ଓ ଅନ୍ୟମାନେ ଖୋଜାଖୋଜି କରିବା ପରେ ମଧ୍ୟ ଯୁବକଙ୍କ ପତ୍ତା ମିଳିନାହିଁ।



ଘଟଣା ପ୍ରଚାରିତ ହେବାପରେ ଏହି ସ୍ଥାନରେ ବିଜେପିର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ଧର୍ମଗଡ଼ ବିଧାୟକ ସୁଧୀର କୁମାର ପାଟଯୋଶୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ପାଇଁ ଦମକଳ ଅଧିକାରୀ ଓ ସ୍ଥାନୀୟ ପୁଲିସକୁ ଘଟଣା ସମ୍ପର୍କରେ ଜଣାଇ ଶୀଘ୍ର ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କହିଥିଲେ। ଖବର ପାଇ କୋକସରା ଦମକଳ କର୍ମଚାରୀ ଓ ଆମପାଣି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ସୂଚନା ମିଳିଛି। ଖବର ପାଇ ନିଖୋଜ ଯୁବକ ଙ୍କ ପରିବାର ଲୋକେ ଆସୁଥିବା ଜଣାପଡିଛି। ପୂର୍ବରୁ ମଧ୍ୟ ଏହି ଜଳପ୍ରପାତରେ ସେଲ୍ଫି ନେବା ସମୟରେ ୨ ଜଣ ଯୁବକ ଜଳପ୍ରପାତରେ ବୁଡି ନିଖୋଜ ହେବାର ଦିର୍ଘ ଘଣ୍ଟା ପରେ ମୃତଦେହ ଠାବ ହୋଇଥିଲା।

ତେବେ ଏହି ପର୍ଯ୍ୟଟନ ସ୍ଥଳୀ ର ସୁରକ୍ଷା ଦାଇତ୍ୱରେ ଥିବା ଉନ୍ନୟନ କମିଟି ଓ ଜଙ୍ଗଲ ବିଭାଗ ପକ୍ଷରୁ ଏହି ଜଳପ୍ରପାତ ନିକଟକୁ ନଯିବା ପାଇଁ କୌଣସି ସତର୍କତା କିମ୍ବା ସୁରକ୍ଷା ସୂଚନା ବାର୍ତ୍ତା ନେଇ ପର୍ଯ୍ୟଟକଙ୍କୁ ସଚେତନ କରାଯାଉନାହିଁ। ଫଳରେ ଅନେକ ସମୟରେ ଏଭଳି ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ସନ୍ଧ୍ୟା ହେବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସୋମବାର ସକାଳୁ ପୁଣି ଉଦ୍ଧାର କାର୍ଯ୍ୟ କରାଯିବା ନେଇ ଦମକଳ ଓଆଇସି ପ୍ରଶାନ୍ତ ବାଘ ସୂଚନା ଦେଇଛନ୍ତି।

## ମେଧାବୃତ୍ତି ପରୀକ୍ଷାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲା ବେଦାନ୍ତ




**ସୁନ୍ଦରଗଡ଼, ୯।୨ (ସଂଚାର ବ୍ୟୁରୋ) :** ଜାମକାନି କୋଇଲା ଖଣି ତରଫରୁ ହେମଗିରି ବ୍ଲକ୍, ଗିରିସୀମା ବିଦ୍ୟାଳୟର ମେଧାବୃତ୍ତି ପରୀକ୍ଷାରେ କୃତୀ ଅର୍ଜନ କରିଥିବା ତିନି ଜଣ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ପାଳନ କରାଯାଇଅଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ବେଦାନ୍ତର ବରିଷ୍ଠ ଅଧିକାରୀ ପ୍ରଣୟ ଶତପଥୀ ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ସହ ସ୍କୁଲ ବ୍ୟାଗ୍ ଏବଂ ପଠନ ସାମଗ୍ରୀ ବଣ୍ଟନ କରିଥିଲେ। ସେହିପରି ଭାବେ ଅନ୍ୟତମ ଅତିଥି ଭାବେ ବି.ଜି ଆର ଇନଫ୍ରାର ଜାମକାନି ପ୍ରକଳ୍ପ ମୁଖ୍ୟ ଏମ୍‌ଭିଏସ୍‌ଏସ୍ ବର୍ମା ଯୋଗଦେଇ ବିଦ୍ୟାଳୟର ଉନ୍ନତିରେ ଜାମକାନି କୋଇଲା ଖଣିର ସହଯୋଗକୁ ଦର୍ଶାଇବା ସହ ଅତିରିକ୍ତ ଶିକ୍ଷକର ସହାୟତା ଦ୍ୱାରା ଛାତ୍ରଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ଉନ୍ନତିକୁ ପ୍ରସଂଶା କରିଥିଲେ। ଗ୍ରାମବାସୀ ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ଅନୁମୋଦିତ କମିଟି ସଭ୍ୟ ପ୍ରଦୀପ ପଧାନ, ଶ୍ରୀ ସନକ ବାରିକ, ବିଦ୍ୟାଳୟ ପରିଚାଳନା କମିଟି ମୁଖ୍ୟ ଶ୍ରୀ ଜଳ ପଧାନ ପ୍ରମୁଖ କମ୍ପାନୀର ଏଭଳି ଜନହିତକର କାର୍ଯ୍ୟର ପ୍ରସଂଶା କରିଥିଲେ।

# ନୂତନ ବ୍ଲକ ଗଠନ ପାଇଁ ଏକାଠି ହେଲେ ୧୮ ପଞ୍ଚାୟତବାସିନ୍ଦା

**ନାୟକାଣୀଡ଼ିହି/ଭଦ୍ରକ, ୯।୨ (ସଂଚାର ବ୍ୟୁରୋ) :** ନୂତନ ବ୍ଲକ ଗଠନ ପାଇଁ ନାୟକାଣୀଡ଼ିହିରେ ଏକାଠି ହେଲେ ୧୮ ପଞ୍ଚାୟତବାସୀ। ବାସୁଦେବପୁର ଓ ଚାନ୍ଦବାଲି ବ୍ଲକର ୧୮ ଗୋଟି ପଞ୍ଚାୟତକୁ ନେଇ ଏକ ନୂତନ ବ୍ଲକ ଗଠନ କରିବା ପାଇଁ ରବିବାର ପୂର୍ବାହ୍ଣ ୧୦ଟାରେ ନୂତନ ବ୍ଲକ୍ ଗଠନ ପାଇଁ ସ୍ଥାନୀୟ ନବଘନ କଲେଜ ପଡ଼ିଆଠାରେ ବିଭିନ୍ନ ପଞ୍ଚାୟତର ବୁଦ୍ଧିଜୀବୀ, ଜନ ପ୍ରତିନିଧି ଓ ସମାଜସେବୀ ଏକାଠି ହେଇ ବୈଠକ କରିଛନ୍ତି। ଏହି ଅବସରରେ ବାସୁଦେବପୁର ବ୍ଲକର ଭେଡା ଅଞ୍ଚଳ ବୋଲି କୁହାଯାଉଥିବା କିଛି ପଞ୍ଚାୟତକୁ ନେଇ ଏକ ନୂତନ ବ୍ଲକ ଗଠନ ପାଇଁ ଦୀର୍ଘଦିନ ଧରି ଦାବୀ ହୋଇଆସୁଛି। ୧୯୯୩ ମସିହାରେ ତତ୍କାଳୀନ ରାଜ୍ୟ ସରକାର ମାନ୍ୟବର ଜଷ୍ଟିସ୍ କୃଷ୍ଣପ୍ରସାଦ ମହାପାତ୍ର ଓ ପ୍ରଶାସନିକ ସଦସ୍ୟ ପୂର୍ବତନ ଆଇ.ଏ.ଏସ ନିହାର ରଞ୍ଜନ ହୋତାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ନୂତନ ବ୍ଲକ ଗଠନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। କିନ୍ତୁ ୧୯୯୫ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାକୁ ବନ୍ଦ କରିଦିଆଯାଇଥିଲା। କମିଟିର ପ୍ରସ୍ତାବିତ ରିପୋର୍ଟ ଅନୁସାରେ ରାଜ୍ୟରେ ୩୨୭ଟି ନୂଆ ବ୍ଲକ ଗଠନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଏପଟେ ବ୍ଲକ୍ ପୁନର୍ଗଠନ ପ୍ରକ୍ରିୟାକୁ ସକ୍ରିୟ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଏକ ପ୍ରେସ୍ ବିବୃତି ପରେ ଭେଡ଼ା ଅଞ୍ଚଳରେ ନୂତନ ବ୍ଲକ ଗଠନ ପାଇଁ ଲୋକଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି।




## ଦାଦାବଟି ନ ଦେବାରୁ ହତ୍ୟା ଧମକ

**ବାଲିପାଟଣା, ୯।୨ (ସଂଚାର ବ୍ୟୁରୋ):** ଦାଦା ବଟି ନ ଦେବାରୁ ହତ୍ୟା ଧମକ। ଏପରି ଏକ ଅଭିଯୋଗ ଆସିଛି ବାଲିପାଟଣା ଥାନା ଅନ୍ତର୍ଗତ ନରୋଦା ଗ୍ରାମରେ। ସୂଚନା ଅନୁସାରେ ନରୋଦା ଗ୍ରାମର ନିରଞ୍ଜନ ବେହେରା(୪୦) ସେ କୁନାଲ୍ ପାତ୍ର ନାମକ ଜଣେ କଣ୍ଟ୍ରାକ୍ଟର ପାଖରେ ସୁପରଭାଇଜର୍ ଭାବେ କାର୍ଯ୍ୟ କରୁଥିଲେ। ନିରଞ୍ଜନ କହିବା ଅନୁସାରେ ତାଙ୍କର ଏକ ରାସ୍ତା କାମ ନରୋଦା ସ୍ଥିତ ମା ଜାଗୁଲାଇ ଠାରୁ ଦୋରବାଙ୍ଗ ପର୍ଯ୍ୟନ୍ତ ରାସ୍ତା କାମ ଚାଲୁଥିବା ବେଳେ ତା- ୦୨/୦୨/୨୫ରିଖ ଦିନ ପ୍ରାୟ ୧୦ଟା ସମୟରେ ଦୋରବାଙ୍ଗ ଗ୍ରାମର ପ୍ରତାପ କେଶରୀ ନାୟକ(୫୦) ଏବଂ ତାଙ୍କର କିଛି ସହଯୋଗୀ ସହିତ ରାସ୍ତାକାମ ହେଉଥିବା ସ୍ଥାନ କୁ ଆସି ନିରଞ୍ଜନ କୁ ୫ବସ୍ତା ସିମେଣ୍ଟ ଓ ୨ଟ୍ରିପ୍ ବାଲି ମାଗିଥିଲେ। କିନ୍ତୁ ନିରଞ୍ଜନ ଏସବୁ ଦେଇପାରିବେନି ବୋଲି କହିବାରୁ ପ୍ରତାପ କେଶରୀ ନାୟକ ଜୋର ଜବରଦସ୍ତି ତାଙ୍କ ସହଯୋଗୀ ଙ୍କ ସହିତ ସିମେଣ୍ଟ ଓ ବାଲିବସ୍ତା ନେଇଯିବା ସହ ନିରଞ୍ଜନ କୁ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ପରଦିନ ୦୭/୦୨/୨୫ରିଖ ପ୍ରାୟ ୧୧ଟା ସମୟରେ ପ୍ରତାପ ଓ ଦୋରବାଙ୍ଗ ଗ୍ରାମର ଦୁଇ ସହଯୋଗୀ ବୁଲୁ ନାୟକ ଓ ଭଗଲା ନାୟକ ନିରଞ୍ଜନ ପାଖକୁ ଆସି ୨ଲକ୍ଷ ଟଙ୍କା ଦାଦା ବଟି ମାଗିବା ସହ ନିଜକୁ ବିଜେଡ଼ି ଦଳର ପୂର୍ବତନ ସଭାପତି କହି କାମ ହେଉଥିବା ରାସ୍ତାକୁ ତାଡି ନଷ୍ଟ କରିବାକୁ ଲାଗିଥିଲେ। ଏହାକୁ ନିରଞ୍ଜନ ବିରୋଧ କରିବାରୁ ତାକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଯନ୍ତ୍ରାଂଶ ଉପରେ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ଦେଇଥିଲେ ବୋଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ନିରଞ୍ଜନ। ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ବୃଦ୍ଧାଶ୍ରମର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ

**ଖୋର୍ଦ୍ଧା, ୯।୨ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ଅଭିଳାଷ ବୃଦ୍ଧାଶ୍ରମର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡଃ ସଦାଶିବ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇ ସ୍ୱର୍ଗତ ଅଭିଳାଷ ଆତ୍ମାର ସଦଗତି କାମନା କରିବା ସହ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଭୁକଲ୍ୟାଣ ମହାପାତ୍ର ଯୋଗଦେଇ ଅନୁଷ୍ଠାନର ଉନ୍ନତି କାମନା କରିବା ସହ ପୁତ୍ର ଶୋକରୁ ମୁକୁଳିବାକୁ ଯାଇ ଡଃ ପତିତପାବନ ଦଳେଇ ଆଉ ହର୍ଷମୟୀ ସ୍ୱାଇଁଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ବୃଦ୍ଧାଶ୍ରମକୁ ନେଇ ଖୁବ୍ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବରେ ବରିଷ୍ଠ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମନୋରଞ୍ଜନ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ଜେନା ଅଭିଳାଷ ବୃଦ୍ଧାଶ୍ରମର ସଫଳତା କାମନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର ଅଭିଳାଷ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ପରିଶେଷରେ ଅନୁଷ୍ଠାନର ମୁଖ୍ୟ ପରିଚାଳକ ଡଃ ପତିତପାବନ ଦଳେଇ ଧନ୍ୟବାଦ ପ୍ରଦାନ କରିଥିଲେ।




## ଜଗତସିଂହପୁରରେ ଲିଙ୍ଗ ନିରୂପଣ ନିରୋଧୀ ନିୟମ ପ୍ରହସନ

**ଜଗତସିଂହପୁର, ୯।୨ (ସଂଚାର ବ୍ୟୁରୋ) :** ବେଆଇନ ଭ୍ରୁଣ ଲିଙ୍ଗ ନିରୂପଣ ଓ ଗର୍ଭନଷ୍ଟର ପେଣ୍ଠସ୍ଥଳ ପାଲଟିଲାଣି ଜଗତସିଂହପୁର ସହର। ଅଣପଞ୍ଜିକୃତ ପୋର୍ଟାବଲ ଅଲଟ୍ରାସାଉଣ୍ଡ ମେସିନ ଜରିଆରେ ଏଭଳି କାରବାର କରାଯାଉଛି। ବିଶେଷ କରି ସହରର ଗଳିକନ୍ଦିରେ ଘରୋଇ କ୍ଲିନିକ୍ ଓ ଡ଼ାଇଗୋଷ୍ଟିକ କେନ୍ଦ୍ର କରି ବେଶ ମନମୁତାଫ ଲାଭ ଉଠାଉଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଯାଞ୍ଚ ନ ହେବାରୁ ଏଭଳି କ୍ଲିନିକ୍ ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏହି ବେଆଇନ କାରବାରର ଚେର ଜଗତସିଂହପୁରରୁ କଟକ ପର୍ଯ୍ୟନ୍ତ ଲମ୍ବିବାରେ ଲାଗିଛି। ଭ୍ରୁଣ ଲିଙ୍ଗ ନିରୂପଣ ଲାଗି ୧୦ରୁ ୧୫ ହଜାର ଟଙ୍କା ଦାବୀ କରାଯାଉଥିବା ବେଳେ ତୁରନ୍ତ ଗର୍ଭନଷ୍ଟ ଲାଗି ମୋଟା ଅଙ୍କର ଅର୍ଥ କାରବାର ହେଉଛି।

ଲୋକଙ୍କ ଭିତରେ ଏବେବି ଝିଅ ପୁଅ ଭିତରେ ଭେଦଭାବ ରହିଛି। ଅଧିକାଂଶ ମା ବାପା ପୁତ୍ର ସନ୍ତାନ ପାଇଁ ବ୍ୟାକୁଳ ଥାନ୍ତି । ତେଣୁ ଗର୍ଭାଶୟରୁ ଲିଙ୍ଗ ଜାଣିବା ଲାଗି ଅଲଟ୍ରାସାଉଣ୍ଡ କ୍ଲିନିକ୍ ଉପରେ ନିର୍ଭର କରୁଛନ୍ତି। ଯାହା ଫଳରେ ଲିଙ୍ଗ ନିରୂପଣ ଆଇନତଃ ଅପରାଧ ତେଣୁ ସମସ୍ତ ଅଲଟ୍ରାସାଉଣ୍ଡ କ୍ଲିନିକ୍ ସହଯୋଗ ପାଇଁ ଆଗେଇ ଆସୁନାହାନ୍ତି। ସମ୍ପର୍କ ମାଧ୍ୟମ, ଦଲାଲ ମାଧ୍ୟମରେ ମୋଟା ଅଙ୍କର ଅର୍ଥ କାରବାର ଯୋଗୁଁ ଅନେକ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ରେ ଲୁକାୟତରେ ଲିଙ୍ଗ ନିରୂପଣ ଚାଲିଛି। ସୁପ୍ରିମକୋର୍ଟ ଲିଙ୍ଗ ନିରୂପଣକୁ ଅସିଦ୍ଧ ଘୋଷଣା କରିଛନ୍ତି। ଏହାକୁ ସାରା ଦେଶରେ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଜଗତସିଂହପୁର ଜିଲ୍ଲାରେ ଏଥିରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଏକାଧିକ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ରେ ମୋଟା ଅଙ୍କର ଅର୍ଥ ବଳରେ ଲିଙ୍ଗ ନିରୂପଣ କରାଯାଉଥିବା ସଙ୍ଗୀନ ଅଭିଯୋଗ ହେଉଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏ କ୍ଷେତ୍ରରେ ନୀରବ ଦ୍ରଷ୍ଟା ସାଜିବାକୁ ନେଇ ଅସନ୍ତୋଷ ସୃଷ୍ଟି କରୁଛି।

## ବିରଜା ଉଚ୍ଚ ବିଦ୍ୟାଳୟର ୮୪ତମ ବାର୍ଷିକ ଉତ୍ସବ

**ଯାଜପୁର, ୯।୨ (ସଂଚାର ବ୍ୟୁରୋ) :** ଯାଜପୁର ପୌରପାଳିକା ଅନ୍ତର୍ଗତ ବିରଜା ଉଚ୍ଚ ବିଦ୍ୟାଳୟର ୮୪ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ ପ୍ରଜ୍ୱଳନ ପରେ ପ୍ରଧାନଶିକ୍ଷକ ସ୍ୱାଗତ ଭାଷଣ ଦେଇଥିଲେ ସ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମୁଖ୍ୟ ଅତିଥିଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଶିକ୍ଷା ପରାମର୍ଶଦାତା ରଞ୍ଜନ କୁମାର ଗିରି ଯୋଗଦେଇ ଛାତ୍ରଛାତ୍ରୀମାନେ ପଠନ ଓ କ୍ରୀଡ଼ା ଆଦି ନିଷ୍ଠାର ସହିତ କରି ସମାଜ ଗଠନରେ ସହାୟ ହୁଅନ୍ତୁ ବୋଲି ଉଦ୍‌ବୋଧନ ଦେଇଥିଲେ। ଯାଜପୁରର ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଶିକ୍ଷାଦାନ ପାରମ୍ପରିକଙ୍କ ଭାବେ ନହୋଇ ଶ୍ରଦ୍ଧାର ସହିତ ହେଲେ ପିଲାମାନେ ପଢ଼ିବାକୁ ଆଗ୍ରହୀ ହେବେ ଓ ଶିକ୍ଷାଦାନ ସରସ ହେବ ବୋଲି କହିଥିଲେ। ଶିକ୍ଷାବିତ୍ ବିଶ୍ୱମ୍ଭର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଲେ ଯେ ପିଲାମାନେ ଗାନ୍ଧି, ଗୋପବନ୍ଧୁ, ଅରବିନ୍ଦ ଆଦି ମହାପୁରୁଷ ମାନଙ୍କ ଜିବନୀ ପାଠ କରି ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ। ମୁଖ୍ୟବକ୍ତା ଅଧ୍ୟାପକ ଦାମୋଦର ବେହେରା ନୂତନ ଶୈଳିରେ ପିଲାମାନଙ୍କୁ ଶିକ୍ଷା ଦାନ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ।

## ମା' କାଳିକୁଆଁରୀ କ୍ଲବର ୩୦ତମ ବାର୍ଷିକ ଉତ୍ସବ ପାଳିତ

**ବୈଶିଙ୍ଗା, ୯।୨ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଗ୍ରାମ ପଞ୍ଚାୟତ ଅଧୀନ ଛତର ଗ୍ରାମରେ ମା କାଳିକୁଆଁରୀ ଯୁବକ ସଂଘ ଆନୁକୂଲ୍ୟରେ ତିନି ଦିନିଆ ୩୪ତମ ବାର୍ଷିକ ଉତ୍ସବ ତଥା ଲୋକ ମହୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଫେବୃଆରୀ ଛଅ ତାରିଖ ପ୍ରାରମ୍ଭିକ ଦିବସରେ ଅନୁଷ୍ଠିତ ଫୁଟବଲ ଖେଳରେ ମୁଖ୍ୟ ଅତିଥି ଭାବେ ବୈଶିଙ୍ଗା ଡାକ୍ତରଖାନାର ଆୟୁଷ ଡାକ୍ତର ପ୍ରସନ୍ନ ପାତ୍ର ଯୋଗ ଦେଇ ଆନୁଷ୍ଠାନିକ ଭାବେ ଖେଳକୁ ଉଦଘାଟନ କରିଥିଲେ । ଶୃଙ୍ଖଳାର ସହିତ ଦୁଇ ଦିନ ଖେଳ ଚାଲିବା ପରେ ୭ ତାରିଖ ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ସନ୍ତରା ଗ୍ରାମ ପଞ୍ଚାୟତର ସରପଞ୍ଚ ଲକ୍ଷ୍ମିପ୍ରୀୟା ହାଁସଦା ଯୋଗ ଦେଇ ବିଜୟୀ ଦଳଙ୍କୁ ପୁରସ୍କାର ବିତରଣ କରିଥିଲେ । ବରିଷ୍ଠ ନାଗରିକ ଅଶ୍ୱିନୀ ମହାରଣା ଓ ଭୋଳାନାଥ ନାଏକ ଉପସ୍ଥିତ ରହି ଉତ୍ସବକୁ ପରିଚାଳନା କରିଥିବା ବେଳେ ଯୁବକ ସଂଘ ର ସଦସ୍ୟ ମାନେ ସହଯୋଗ କରିଥିଲେ। ଉତ୍ସବ ଶେଷରେ ଆଦିବାସୀ ମହିଳା ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପ୍ରତିଯୋଗୀତା କରାଯାଇ କୃତୀ ମହିଳାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଠ ତାରିଖ ଦିନ ଶେଷ ସନ୍ଧ୍ୟାରେ ଆଦିବାସୀ ଯାତ୍ରା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଯାତ୍ରା ଶେଷ ହେବା ପରେ ଆଜି ସକାଳେ କୃତୀ ଛଅ ଗୋଟି ଯାତ୍ରା ଦଳଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଯୁବକ ସଂଘର ସଭାପତି ଦନୁ ହାଁସଦା, ସମ୍ପାଦକ ବିଜୟ କିସ୍କୁ ଓ ସଦସ୍ୟ ଶ୍ରୀଧର ମୁର୍ମୁ, ସାଉନା ମୁର୍ମୁ, ବିନୋଦ ହାଁସଦା ଓ ଅନ୍ୟମାନେ ପରିଚାଳନା କରିଥିଲେ ।

## ସ୍କିଟ ଗ୍ରୁପ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

**ନୀଳଗିରି, ୯।୨ (ସଂଚାର ବ୍ୟୁରୋ):** ସୁଶୀଲ କୁମାର ସ୍କିଟ ଗ୍ରୁପ ଶିକ୍ଷାନୁଷ୍ଠାନ ପକ୍ଷରୁ ବାର୍ଷିକ ଉତ୍ସବ ଧୁମଧାମରେ ପାଳନ କରାଯାଇଛି। ଉକ୍ତ ଦୁଇ ଦିବସୀୟ ଉତ୍ସବରେ ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କର ନୀଳଗିରି ଶାଖା ପରିଚାଳକ ସରୋଜ ତ୍ରିପାଠୀ ଆନୁଷ୍ଠାନିକ ଭାବେ ଯୋଗଦେଇ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ତାଙ୍କ ଅଭିଭାଷଣରେ ଉକ୍ତ ଶିକ୍ଷାନୁଷ୍ଠାନ ଅନେକ ଛାତ୍ର ଛାତ୍ରୀଙ୍କୁ ପାସ କରିବା ପରେ ରାଜ୍ୟ ଏବଂ ରାଜ୍ୟ ବାହାରେ ବିଭିନ୍ନ କାର୍ଯ୍ୟାଳୟରେ ନିଯୁକ୍ତି ପାଇଥିବାରୁ ପ୍ରଶଂସା କରିଥିଲେ। ଆୟୋଜକ ତଥା ମୁଖ୍ୟ ବକ୍ତା ଭାବେ ସ୍କିଟ ଗ୍ରୁପ ଶିକ୍ଷାନୁଷ୍ଠାନର ଡାଇରେକ୍ଟର ଇଂ ଉପାଲି ଉପମିତା ପ୍ରଧାନ ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିଥିବା ଛାତ୍ରଛାତ୍ରୀମାନେ ଜଣେ ଜଣେ ସୁଶୀଲ ସିଂଙ୍କ ଭଳି ଶିକ୍ଷାବିତ ହୋଇ ବାହାରନ୍ତୁ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୁଦାମ ସିଂ, ସୋମନାଥ ନାୟକ ମଞ୍ଚାସିନ ଥାଇ ନିଜନିଜର ବହୁମୂଲ୍ୟ ଅଭିଭାଷଣ ଦେଇଥିଲେ ବିଭିନ୍ନ କ୍ରୀଡାରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା।

## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ହିଞ୍ଜିଳିକାଟୁ, ୯।୨ (ସଂଚାର ବ୍ୟୁରୋ):** ହିଞ୍ଜିଳି ମାଣିକ ନଗର ଛକ ଠାରେ ବଡି ଭୋର ୫ଟା ସମୟରେ ଅଜଣା ଗାଡ଼ି ଧକ୍କାରେ ଅଭିମନ୍ୟୁ ପୃଷ୍ଟି (୭୦)ଙ୍କ ଜୀବନ ଦୀପ ଲିଭିଯାଇଛି। ଏନେଇ ପୁଅ ଶିବରାମ ପୃଷ୍ଟିଙ୍କ ଏତଲା କ୍ରମେ ହିଞ୍ଜିଳି ଥାନାରେ ୧୦୦/୨୫ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଶ୍ରୀନିବାସ ସେଠି ସୂଚନା ଦେଇଛନ୍ତି। ମୃତ ଅଭିମନ୍ୟୁ ନିଜ ଘରୁ ଏଚଡିଏଫସି ବ୍ୟାଙ୍କ ସମ୍ମୁଖରେ ଥିବା ହୋଟେଲକୁ ସାଇକେଲ ଯୋଗେ ଯାଉଥିଲେ। ଦ୍ରୁତ ଗତିରେ ବେପାରୁଆ ଗାଡ଼ି ଚାଳନା ଯୋଗୁଁ ଘଟଣାସ୍ଥଳରେ ହିଁ ଅଭିମନ୍ୟୁଙ୍କ ପ୍ରାଣବାୟୁ ଉଡିଯାଇଥିଲା।